

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
29 YEARS
# ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୦ ● ସଂଖ୍ୟା–୩୫୩ ● ୨୨ ଜାନୁଆରୀ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -30 ● Issue-353 ● 22nd January 2024, Monday ● Bhubaneswar | Licensed to post without pre-payment of postage No- BN-60/22-24




ମୋଦୀ ସରକାରଙ୍କ ଗ୍ୟାରେଣ୍ଟି
ବିରାସତ୍ ଭି, ବିକାଶ ଭି
ଭବ୍ୟ-ଦିବ୍ୟ-ନୂତନ ଶ୍ରୀରାମ ଜନ୍ମଭୂମି ମନ୍ଦିର ନିର୍ମାଣ
ଶ୍ରୀ ଅଯୋଧ୍ୟା ଧାମକୁ ହଜାର ହଜାର କୋଟି ଟଙ୍କାର ବିକାଶମୂଳକ ଯୋଜନାର ଉପହାର
ଅଧିକ ସୂଚନା ପାଇଁ ସ୍କାନ୍ କରନ୍ତୁ
ଆମ ସଂକଳ୍ପ
ବିକଶିତ ଭାରତ


CBC 22201/13/0192/2324


# ଆଜି ବିରାଜିବେ ରାମଲାଲା, କଡ଼ା ସୁରକ୍ଷା ବଳୟରେ ଅଯୋଧ୍ୟା

**ଅଯୋଧ୍ୟା, ୨୧।୧**

ଶହ ଶହ ବର୍ଷ ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି, ବନବାସ ସାରି ଅଯୋଧ୍ୟା ଫେରୁଛନ୍ତି ପ୍ରଭୁ ଶ୍ରୀରାମ। ରାତି ପାହିଲେ ଭବ୍ୟ ମନ୍ଦିରରେ ବିରାଜିବେ ପ୍ରଭୁ । ଏଥିପାଇଁ ସମଗ୍ର ଅଯୋଧ୍ୟା ନଗରୀ ରାମମୟ ହୋଇଯାଇଛି।

ସୋମବାର ଦିନ ୧୨ଟା ୨୦ରୁ ପ୍ରାଣ ପ୍ରତିଷ୍ଠା ସମାରୋହ କାର୍ଯ୍ୟକ୍ରମ ଆରମ୍ଭ ହେବ। ରାତି ପ୍ରାୟ ଗୋଟାଏରେ ସମାପନ ହେବ। ଏହା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ଦିର ନିକଟରେ ଶତାଧିକ ଭକ୍ତ, ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ୭,୦୦୦ ରୁ ଅଧିକ ଲୋକଙ୍କ ସମାବେଶକୁ ସମ୍ବୋଧିତ କରିବେ। ଏହି ସମୟରେ ଲକ୍ଷ ଲକ୍ଷ ଲୋକ ଟେଲିଭିଜନ ତଥା ଅନ୍ୟ ଅନ୍‌ଲାଇନ ପ୍ଲାଟଫର୍ମ ମାଧ୍ୟମରେ କାର୍ଯ୍ୟକ୍ରମକୁ ସିଧାସଳଖ ଦେଖିପାରିବେ।



ପ୍ରତ୍ୟେକ ଭାରତବାସୀ ଯେପରି ଏହି ମହାନ ପର୍ବରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ସାମିଲ ହୋଇପାରିବେ ସେଥିପାଇଁ ଅନେକ ରାଜ୍ୟରେ ଛୁଟି ଘୋଷଣା କରାଯାଇଛି । କେନ୍ଦ୍ର ସରକାର ମଧ୍ୟ ସମସ୍ତ ସରକାରୀ ଅନୁଷ୍ଠାନରେ ଦିନ ୨ଟା ୩୦ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି । *(ପୃଷ୍ଠା ୭ରେ)*

# ସମ୍ ହସ୍ପିଟାଲର ଦ୍ୱିତୀୟ କ୍ୟାମ୍ପସ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୧।୧**

**ନ୍ୟୁଜ୍ ବ୍ୟୁରୋ**

ଶୁଭାରମ୍ଭ ହୋଇଛି ସମ୍ ହସ୍ପିଟାଲର ଫୁଲନଖରା କ୍ୟାମ୍ପସ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭ ଉଦ୍‌ଘାଟନ କରିଛନ୍ତି। ସ୍ୱାସ୍ଥ୍ୟସେବାରେ ଏହା ହେବ ରାଜ୍ୟର ସବୁଠୁ ଅତ୍ୟାଧୁନିକ ହସ୍ପିଟାଲ । ସମ୍ ହସ୍ପିଟାଲର ଫୁଲନଖରା କ୍ୟାମ୍ପସ୍‌ରେ ସମସ୍ତ ବିଭାଗ ସହିତ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ସମ୍ମିଳିତ ସରଞ୍ଜାମ ସହ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯିବ। ଏହି *(ପୃଷ୍ଠା ୭ରେ)*



# ୨୭ରେ ସମଲେଇ ପ୍ରକଳ୍ପ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ

**ସମ୍ବଲପୁର, ୨୧।୧**

**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୭ ତାରିଖରେ ସମଲେଇ ପ୍ରକଳ୍ପର ଲୋକାର୍ପଣ ହେବ। ଦିନ ୧୨ଟା ୩୦ରେ ରୂପାନ୍ତରିତ ପ୍ରକଳ୍ପର ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭବ୍ୟ କାର୍ଯ୍ୟକ୍ରମ ପାଇଁ ଓଡ଼ିଶାର ବିଭିନ୍ନ ମନ୍ଦିରକୁ ନିମନ୍ତ୍ରଣ କରାଯାଉଛି। ସୋମବାର ଅଙ୍କୁରାରୋପଣ, ୨୪ରେ କଳସଯାତ୍ରା ହେବ। କଳସ ଯାତ୍ରାରେ ମହାନଦୀରୁ ପୂର୍ଣ୍ଣ କଳସ ଧରି ମାଆଙ୍କ ପୀଠରେ ଅଧିବାସ ହେବ। ମନ୍ଦିର ରୂପାନ୍ତରଣର ଉଦ୍‌ଘାଟନ ପାଇଁ ମନ୍ଦିରର ମୂଳ ଯଜ୍ଞସ୍ଥଳରେ ୨୭ରୁ ଯଜ୍ଞ ଆରମ୍ଭ ହେବ। ମନ୍ଦିରର ୪ ଦ୍ୱାରରେ ମଧ୍ୟ ଯଜ୍ଞ ହେବ। ହୋମ, ଚଣ୍ଡୀପାଠ ସହ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରାଯିବ। ୩୧ରେ ଯଜ୍ଞ ପୂର୍ଣ୍ଣାହୁତି ଦିଆଯିବ। ୨୭ ତାରିଖ ସନ୍ଧ୍ୟାରେ ମହାନଦୀରେ ହେବ ଭବ୍ୟ ଆଳତି। ଏ ସଂପର୍କରେ ସୂଚନା ଦେଇଛନ୍ତି ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ। *(ପୃଷ୍ଠା ୭ରେ)*


DSPL-472
ଆମ ଓଡ଼ିଶା ନବୀନ ଓଡ଼ିଶା
ବସୁଧା
ସମସ୍ତଙ୍କ ପାଇଁ ପିଇବା ପାଣି



ପିଇବା ପାଣି ପାଇଁ ଆଉ ନାହିଁ ଅସୁବିଧା
ନିରାପଦ ସ୍ୱଚ୍ଛ ପାଣି ଦେଉଛି ବସୁଧା
ପିଇବା ସ୍ୱଚ୍ଛ ବସୁଧା ପାଣି : ରୋଗ ବ୍ୟାଧି ନେବେ ମେଲାଣି



ଗାଁ' ଗାଁ'ରେ ନଳକୂପ ସହିତ
ପାଇପ ଲାଇନ କଳ ଦ୍ୱାରା ସ୍ୱଚ୍ଛ ପାନୀୟ ଜଳ
ଯୋଗାଇ ଦେବାକୁ ନବୀନ ସରକାରଙ୍କ
ଏକ ଅଭିନବ ପ୍ରୟାସ : ବସୁଧା

ବସୁଧା
ସମସ୍ତଙ୍କ ପାଇଁ ପିଇବା ପାଣି
ଟୋଲ୍ ଫ୍ରି ନମ୍ବର୍
୧୯୧୬
ସମୟ: ସକାଳ ୦୭.୦୦ ରୁ ସନ୍ଧ୍ୟା ୦୭.୦୦
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଓଡ଼ିଶା ସରକାର
OIPR : 19001/13/0084/2324

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଜାନୁଆରୀ, ସୋମବାର, ୨୦୨୪





# ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଗତ ୬ ଡିସେମ୍ବର ୨୦୨୩ରୁ ଆରମ୍ଭ ହୋଇଥିବା ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ତିନିଟି ପ୍ରମୁଖ ବର୍ଗରେ ବିଭାଜିତ ହୋଇ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଦୃତ ହେବା ସହ ଏହା ସେମାନଙ୍କ ବ୍ୟକ୍ତିଗତ ବିକାଶ ଓ ସଫଳତାର ପ୍ରେରଣାଦାୟୀ ହୋଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ସମାରୋହରେ, କୁଳସଚିବ କୁକୁମୀନା ଦାସ ଓ ନୂଆ-ଓ କାର୍ଯ୍ୟକ୍ରମର ନୋଡାଲ ଅଫିସର ପ୍ରଫେସର ଡକ୍ଟର ସୂର୍ଯ୍ୟେନ୍ଦୁ କୁମାର ଦେ ପ୍ରମୁଖ ଉପସ୍ଥିତ ରହିଥିଲେ । ସାମାଜିକ, ସାଂସ୍କୃତିକ ଓ କ୍ରୀଡ଼ା ବର୍ଗର ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ



ସମ୍ପାଦନ କରିଥିବା ସଂଯୋଜକ ଡକ୍ଟର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଡକ୍ଟର ଅସୀମ ଅମିତାଭ ପ୍ରଧାନ ଓ ଡକ୍ଟର ଭାସ୍କର ବେହେରାଙ୍କୁ କୁଳପତି ପ୍ରଫେସର ତ୍ରିପାଠୀଙ୍କୁ ପ୍ରଫେସର ଦେ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାୟ ୪୬ଟି ମହାବିଦ୍ୟାଳୟର ୪୫୦ ଜଣ ଛାତ୍ରଛାତ୍ରୀ କ୍ରୀଡ଼ାରେ ଅଂଶଗ୍ରହଣ କରଥିବା ବେଳେ ୫୩୦ ଜଣ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଆନ୍ତଃମହାବିଦ୍ୟାଳୟ ସହ ଜିଲ୍ଲା ସ୍ତରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଫଳତାକୁ ମଧ୍ୟ ପ୍ରଶଂସା କରାଯାଇଥିଲା । ତିନୋଟି ବର୍ଗରେ ପ୍ରାୟ ୧୫୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ନେଇ ସୂଚୀତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ ସହ ସମ୍ମାନୀତ କରାଯାଇଥିଲା । ଏଥିସହ ସଂପୂର୍ଣ୍ଣ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଯୋଗ କରିଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମାରୋହରେ ସମ୍ମାନୀତ କରାଯାଇ ଥିଲା । ଏହିପ୍ରକାର କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱ ବିକାଶ ସହ ଅନ୍ତର୍ନିହିତ ଗୁଣର ବିକାଶ ରେ ସହାୟକ ହୋଇପାରିଛି ବୋଲି ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ମତବ୍ୟକ୍ତ କରିଥିଲେ ଓ କମିଟିର ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ । ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏହି ପ୍ରତିଯୋଗିତାମୂଳକ ମନୋଭାବ ରହିବା ସହ ବିଶ୍ୱବିଦ୍ୟାଳୟର ପରିଚୟ ସୃଷ୍ଟିରେ ଯୋଗଦାନ ରହିବା ନେଇ କୁଳପତି ପ୍ରଫେସର ଶ୍ରୀ ତ୍ରିପାଠୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଡକ୍ଟର ଅମୂଲ୍ୟ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ସଂଚାଳନ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାରକା ଜଳସେଚନ ବିଭାଜନ ପକ୍ଷରୁ ପାଣି ପଞ୍ଚାୟତ ପାଳିତ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଜାରକା ଜଳସେଚନ ବିଭାଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି । କାଏମା ଜଳସେଚନ ଅଫିସ ପରିସରରେ ଆୟୋଜିତ ଉତ୍ସବରେ ଜାରକା ଅଧିକ୍ଷଣ ଯନ୍ତ୍ରୀ କାମଦେବ ଦାସ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସରୋଜକାନ୍ତ ଦାସ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ପାଣିର ସୁବିନିଯୋଗ ପାଇଁ ସେ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲ୍ଲା କୃଷି ବୈଜ୍ଞାନିକ ସୁବୋଧ କୁମାର ପାଣିଗ୍ରାହୀ, ଧର୍ମଶାଳା ବ୍ଲକ୍ କୃଷି ଅଧିକାରୀ ଆଶିଷ କୁମାର ବେହେରା, ବଡ଼ଚଣା କୃଷି ଅଧିକାରୀ ଲୋକନାଥ ମିଶ୍ର, କାଡାକେନାଲ ଅଧିକାରୀ ସୂର୍ଯ୍ୟକାନ୍ତ ଚରଣସିଂହ ଯୋଗ ଦେଇ ନିଜେ ବିଭାଗ ଦ୍ୱାରା ଚାଷୀଙ୍କ ଉନ୍ନତି ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସୁବିଧା ସୁଯୋଗ



ଉପରେ କହିଥିଲେ । ଜାରକା ବିଭାଜନର ମୋଟ୍ ୨୨ ଗୋଟି ପାଣିପଞ୍ଚାୟତ ମଧ୍ୟରୁ ପାଣିପଞ୍ଚାୟତ ପ୍ରତିନିଧି ବଟକୃଷ୍ଣ ରାଉତ, ପୂର୍ବତନ ବ୍ଲକ୍ ଅଧକ୍ଷ ଦୁଃଶାସନ ସାହୁ, କପିଳ ଚରଣ ଜେନା, ରମେଶ ଚନ୍ଦ୍ର ଦାଶ, ଅନନ୍ତ ଚରଣ ଷଣ୍ଢ, ବିନ୍ଦୁରେଖା ପୃଷ୍ଟି ପ୍ରମୁଖ ପ୍ରତି ୨ମାସରେ ସମସ୍ତ ବିଭାଗ ମିଳିତ ଭାବେ ବୈଠକ କରିବା, କାଡାନାଳ ମରାମତି ଓ ନବୀରଣ କରିବା ଉପରେ ପ୍ରସ୍ତାବ ଦେଇଥିଲେ । ଆରମ୍ଭରେ କାଏମା ଲାଲବାହାଦୂର ହାଇସ୍କୁଲ ଓ ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ରୀମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ । ଇଂ ଇତିଶ୍ରୀ ସାହୁ ପାଣି ସଂରକ୍ଷଣ ଉପରେ ଶପଥ ପାଠ କରାଇଥିଲେ ଓ ଚଣ୍ଡିଖୋଲ ସହକାରୀ ଯନ୍ତ୍ରୀ ଭାଗବତ ବେହେରା ମୁଖ୍ୟମନ୍ତ୍ରୀଙ୍କବାର୍ତ୍ତା ପାଠ କରିଥିଲେ । କାଏମା ସହକାରୀ ଯନ୍ତ୍ରୀ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଚାଷୀ ନୀଳକଣ୍ଠ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ବିଭାଜନ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଆର୍ଥିକ ସହାୟତା ଦେଇ ପୁରସ୍କୃତ କରିଥିଲେ । ସହକାରୀରୀ ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୃତ୍ତି ପରୀକ୍ଷାରେ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ଶିକ୍ଷାର୍ଥୀଙ୍କ କୃତିତ୍ୱ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ଗ୍ରାମରେ ସ୍ଥାପିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର, ସନ୍ତୋଷ ପୁରର ଗଞ୍ଜାମ ବ୍ଲକ୍ ସରକାରୀ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କିରଣ କୁମାର ମହାରଣା, ପିତା ଉପେନ୍ଦ୍ର ମହାରଣା, ମାତା କାମିନୀ ମହାରଣା, କାର୍ଡିକଡ଼ି ଗ୍ରାମ, ମହାରଣା ସାହି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ତାଙ୍କ ପିତା ମାତା ସମସ୍ତ ଶ୍ରେଷ୍ଠତା ପ୍ରଧାନ ଆଚାର୍ଯ୍ୟ ବଟକୃଷ୍ଣ ତ୍ରିପାଠୀ ଓ ଉପପ୍ରଧାନ ଆଚାର୍ଯ୍ୟା ଅପରାଜିତା ରଥଙ୍କୁ ଦେଇଛନ୍ତି । ୨୦୦୩ ରୁ ୨୦୨୩-୨୪ ଯାଏ ବୃତ୍ତି ପରୀକ୍ଷାରେ କ୍ରମାନ୍ୱୟରେ ସଫଳତା ଆଣୁଥିବାରୁ ଅଭିବାବକ ମାନେ ପ୍ରଧାନ ଆଚାର୍ଯ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ବିଜେପିର 'କାନ୍ଥ ଲିଖନ' କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ଧର୍ମେନ୍ଦ୍ର

**ବାରକୋଟ, ନ୍ୟୁଜ୍‌ବ୍ୟୁରୋ**



ଆଗାମୀ ସାଧାରଣ ନିର୍ବାଚନରେ ଓଡ଼ିଶାବାସୀଙ୍କ ଅଧିକ ଆସ୍ଥାଭାଜନ ହେବା ଲକ୍ଷ୍ୟରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ୍ କଣ୍ଢଳ ଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ 'କାନ୍ଥ ଲିଖନ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଶ୍ରୀ ପ୍ରଧାନ ରଙ୍ଗ ତୁଳି ଧରି କାନ୍ଥରେ ପଦ୍ମ ଫୁଲ ଆଙ୍କିବାକୁ କହିଛନ୍ତି ଆଶା ଭରସାର ଚିହ୍ନ ପଦ୍ମ । ମୋଦିଙ୍କ ଚିହ୍ନ ପଦ୍ମ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦେଶର ଗରିବ, ମହିଳା, ଚାଷୀ, ଯୁବକ, ଜନଜାତି ତଥା ପଛୁଆବର୍ଗଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ହୋଇଛନ୍ତି । ସମାଜର ସାଧାରଣ ଲୋକର ଭରସାର ପ୍ରତୀକ ହୋଇଛନ୍ତି । ମୋଦି ସରକାରଙ୍କ କଲ୍ୟାଣକାରୀ କାର୍ଯ୍ୟକୁ ନେଇ ଆମ ଦଳ ରାଜ୍ୟରେ ଆଗାମୀ ଲୋକସଭା ଓ ବିଧାନସଭା ୨୦୨୪ ନିର୍ବାଚନ ପାଇଁ ଲୋକମାନଙ୍କର ଅଧିକ ଆସ୍ଥାଭାଜନ ହେବା ପାଇଁ ଅଭିଯାନ ଆରମ୍ଭ କରିଛି । ଗାଁ ଗାଁରେ ମୋଦି ଗ୍ୟାରେଣ୍ଟି ପହଞ୍ଚାଇବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ପାଣିପଞ୍ଚାୟତ ପକ୍ଷ ପାଳନ ଓ ସଚେତନତା ରଥ ପରିକ୍ରମା

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ସଚେତନତା ରଥକୁ ଜିଲ୍ଲାପାଳ ପାରୁଲ ପଟାୱରି ଓ ଜିଲ୍ଲାପରିଷଦ ସଭାପତି ମନୋଜ କୁମାର ଭୋଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ସୁସଜ୍ଜିତ ରଥ ଜିଲ୍ଲାର ପ୍ରତ୍ୟେକ ସେଚାଞ୍ଚଳ ପରିକ୍ରମା କରି ଜନସାଧାରଣଙ୍କୁ ପାଣି ପଞ୍ଚାୟତର ଆଭିମୁଖ୍ୟ ଓ ଚାଷୀ ପଞ୍ଜୀକରଣ ବାର୍ତ୍ତା ମାଧ୍ୟମରେ କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ଉନ୍ନତି, ପ୍ରତ୍ୟେକ ସଭ୍ୟଙ୍କ ମଧ୍ୟରେ ଉତ୍ତମ ଜଳ ବଣ୍ଟନ, ବାର୍ଷିକ ଫସଲ ଖସଡ଼ା ପ୍ରସ୍ତୁତି ଓ କାର୍ଯ୍ୟକାରିତା, ପଞ୍ଚାୟତ ସଭ୍ୟମାନଙ୍କ ନିମନ୍ତେ ତାଲିମ ଓ କ୍ଷେତ୍ର ପରିଦର୍ଶନର ବ୍ୟବସ୍ଥା ଆଦି ସମ୍ବନ୍ଧରେ ସଚେତନ କରାଇବ । ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହି ରଥ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇବ । ଏହି ଉଦ୍‌ଘାଟନୀ ଉତ୍ସବ ଅବସରରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଜଗତସିଂହପୁର ଜଳ ସେଚନ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ନାୟକ, ମହାନଦୀ ଦକ୍ଷିଣ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତି, ଅନ୍ୟ ସହକାରୀ ଯନ୍ତ୍ରୀ ତଥା ପାଣି ପଞ୍ଚାୟତର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।



# ପୁରନ୍ଦର ବାରିକଙ୍କ ସ୍ମୃତିରେ ନାଟ ମହୋତ୍ସବ ଲୋଗୋ ଉନ୍ମୋଚିତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ପୁରନ୍ଦର ବାରିକ ସ୍ମୃତିକମିଟି ବ୍ଲକଛକ ପକ୍ଷରୁ ସ୍ଥାନୀୟ ରୟାଲପଡିଆ ଠାରେ ଆସନ୍ତା ୧୯ତାରିଖରୁ ୨୧ତାରିଖ ପର୍ଯ୍ୟନ୍ତ ଏକ ୩ ଦିନିଆ ନାଟ୍ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଏଥିପାଇଁ ହୋଟେଲ ପ୍ରୋଗ୍ରେସ୍ଇନ୍‌ର ସମ୍ମିଳନୀ କକ୍ଷରେ ପୁରନ୍ଦର ସ୍ମୃତି କମିଟିର ଅଧକ୍ଷ ଅରବିନ୍ଦ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ଏହାର ଲୋଗୋ ଉନ୍ମୋଚନ ସହ ସବିଶେଷ ବିବରଣୀ ପ୍ରଦାନ କରାଯାଇଛି । ଏହି ୩ଦିନିଆ ନାଟ୍ ମହୋତ୍ସବରେ ପଶ୍ଚିମ ଓଡ଼ିଶାର ସ୍ୱନାମ ଧନ୍ୟ ନିର୍ଦ୍ଦେଶକଙ୍କ ବଛାବଛା ସର୍ବମୋଟ ୯ଟି ନାଟକ ପ୍ରଦର୍ଶନ ହେବ । ୧୯ ତାରିଖରେ ନାଟ୍ ମହୋତ୍ସବର ଉଦ୍‌ଘାଟନ ହେବାସହ ପ୍ରଥମ ନାଟକ ଭବାନୀପାଟଣାର କାରୁଣ୍ଡ କଳାମଞ୍ଚ ଅନୁଷ୍ଠାନର ନାଟ୍ୟକାର ଓ ନିର୍ଦ୍ଦେଶକ ପ୍ରଦୀପ ଡି. ମାଝୀଙ୍କ ନାଟକ 'ଝର୍କା' ଓ ବରଗଡ ପଦମପୁର ରନାଟ୍ୟ ଅନୁଷ୍ଠାନ 'ଲୁ'ର ନାଟ୍ୟକାର ଜଗନ୍ନାଥ ସେଠ୍ (ଏନ୍‌ଏସ୍ ଡିଆନ୍)ଙ୍କ ନାଟ୍ 'ରଙ୍ଗଭୂମି', ୨୦ତାରିଖରେ ଝାରସୁଗୁଡା ବେଲପାହାଡ଼ ମିରର୍ ଥିଏଟର ନାଟ୍ୟ ଅନୁଷ୍ଠାନର ନାଟ୍ୟକାର ଓ ନିର୍ଦ୍ଦେଶକ ସୁବାଷ ପ୍ରଧାନଙ୍କ



'ପାଚେନ୍' ଓ ସୁବର୍ଣ୍ଣପୁର ବଡକର୍ଲେର ନାଟ୍ୟ ଅନୁଷ୍ଠାନ ବୀଣାପାଣି ସାହିତ୍ୟ କଳା ସଂସଦର ନାଟ୍ୟକାର ଓ ନିର୍ଦ୍ଦେଶକ ସୁମନ୍ତ ଭୋଇଙ୍କ 'ଟୁକୁ' ଓ ୨୧ ତାରିଖରେ ନୂଆପଡା ବୋଡେନର ନାଟ୍ୟ ଅନୁଷ୍ଠାନ ଜ୍ଞାନୋଦୟ କେରାପଦରର ନାଟ୍ୟକାର କେଶ ରଞ୍ଜନ ପ୍ରଧାନ ଓ ନିର୍ଦ୍ଦେଶକ ରବି ଶଙ୍କର ପ୍ରଧାନ ଙ୍କ ନାଟ୍ 'ମଧୁବିଦ୍ୟା', ସମ୍ବଲପୁରର ଶ୍ରୀ କଲଚରାଲ ଏସୋସିଏସନ୍ ନାଟ୍ୟ ଅନୁଷ୍ଠାନର ନାଟ୍ୟକାର ଓ ନିର୍ଦ୍ଦେଶକ ସତ୍ୟ ରଞ୍ଜନ ବେହେରାଙ୍କ ନାଟ୍ 'କେଡା' ଓ ବରଗଡ଼ ପଦମପୁରର ନାଟ୍ୟ ଅନୁଷ୍ଠାନ ଅବର୍ଣ୍ଣୀଗୁଣ୍ଡାର ନାଟ୍ୟକାର ଅଶୋକ ବହିଦାର ଓ ନିର୍ଦ୍ଦେଶକ ବିଶ୍ରାମ ମେହେରଙ୍କ ନାଟ୍ 'ଟିକଟ୍' ପ୍ରଦର୍ଶିତ ହେବା ପାଇଁ ଚୂଡ଼ାନ୍ତ ହୋଇଥିବା ପୁରନ୍ଦର ସ୍ମୃତି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏହି ସମ୍ମିଳନୀରେ ସ୍ୱର୍ଗତ ପୁରନ୍ଦର ବାରିକଙ୍କ ବଡ଼ପୁଅ ଆନନ୍ଦ ବାରିକ ଓ ମଝିଆ ପୁଅ ସାନନ୍ଦ ବାରିକ ଉଭୟେ ପୁରନ୍ଦର ବାରିକ ଙ୍କ ପ୍ରତିଭାର ବିଭିନ୍ନ ଅନାଲୋଚିତ ଦିଗ ଉପରେ ବିଷଦ ଆଲୋଚନା କରିବା ସହ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଭୁଲିଆମାନଙ୍କୁ ନେଇ ଷୋହଳଭର୍ଣୀ ଉପରେ ଏକ ପ୍ରଦର୍ଶନ କରିବା ଉପରେ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ମୃତି କମିଟିର ସଂପାଦକ ଦିଲ୍ଲୀପ ପାତ୍ର ପରିଚାଳନା କରିଥିବାବେଳେ ଅଶୋକ ଜେନା, ଶରତ ମହାପାତ୍ର, ଦେବାଶିଷ ପଟ୍ଟନାୟକ, ଶିବ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ କୋଷାଧ୍ୟକ୍ଷ ନିଶାନ୍ତ କୁମାର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

## ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ବିଜ୍ଞାନ ଓ କଣ୍ଢେଇ ମେଳା



**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷ ପୁର ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର, ଶିକ୍ଷାର୍ଥୀ ମାନଙ୍କୁ ନେଇ ବିଜ୍ଞାନ ମେଳା ଓ କଣ୍ଢେଇ ମେଳା ଅନୁଷ୍ଠିତ ହୋଇଯାଇଛ । ମୁଖ୍ୟ ଅତିଥି ଭାବେ ଓଡ଼ିଶା ସମ୍ବାଦିକ ସଙ୍ଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ଉପସ୍ଥିତ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ବଟକୃଷ୍ଣ ତ୍ରିପାଠୀ ଓଡ଼ିଶାର ସଂସ୍କୃତିର କଣ୍ଢେଇ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ । ଆଚାର୍ଯ୍ୟ ସଞ୍ଜୟ କୁମାର ବେହେରା ବିଜ୍ଞାନ ଜୟ ଯାତ୍ରା ବିଷୟରେ ଧାରଣା ଦେଇଥିଲେ । ମୋଟ୍ ୨୧ ଗୋଟି ପ୍ରକଳ୍ପ ବିଜ୍ଞାନରେ ସ୍ଥାନ ପାଇଥିବା ବେଳେ, ୨୦ ରୁ ଅଧିକ କଣ୍ଢେଇ ପ୍ରଦର୍ଶନ ହୋଇଥିଲା । ଉପଯୁକ୍ତ ବିଚାରକ ମଣ୍ଡଳୀ ଦ୍ୱାରା ସ୍ଥାନ ନିରୂପଣ କରି ପୁରସ୍କୃତ କରାଯାଇଥିଲା । ଉପ ପ୍ରଧାନ ଆଚାର୍ଯ୍ୟା ଅପରାଜିତା ରଥ ସ୍ୱାଗତ ଭାଷଣ ଦେଇଥିଲେ । ଝରଣା, ମିନାକ୍ଷୀ, କିରଣ, ବନିତା, ସୁନିତା, ସୁମୀରେନ, ବିନୁ ପ୍ରଭୃତି ଗୁରୁମା ମାନଙ୍କ ସହ ବିବେକାନନ୍ଦ ପାଠ ଚକ୍ରର ସଦସ୍ୟ ସଂଗ୍ରାମ, କିରଣ, ଅଂଶୁମାନ, ଅରୋମା, ଉମାଶ୍ରୀ ସହଯୋଗ କରିଥିଲେ ।

## ପ୍ରେସିଡେନ୍ସି କଲେଜରେ ଆଲୋଚନାଚକ୍ର

**ଗୋଳନ୍ଥରା/ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ପ୍ରେସିଡେନ୍ସି କଲେଜ କମ୍ପ୍ୟୁଟର ବିଭାଗର ଛାତ୍ରଛାତ୍ରୀଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଚେୟାରମ୍ୟାନ୍ ଡ. ଶ୍ରୀନିବାସ ମହାପାତ୍ରଙ୍କ ପୌରୋହିତ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସୁକାନ୍ତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଭାଗ ପ୍ରାକ୍ତନ ପ୍ରଫେସର ଡ. ଏମ୍. ରଞ୍ଜନ ପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ନିର୍ଦ୍ଦେଶକ ଡ. ଶରତ କୁମାର ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଆଦିତ୍ୟ କୁମାର ପଟ୍ଟନାୟକ ଓ ସମ୍ବିତ କୁମାର ମହାପାତ୍ର ସଂଯୋଜନା, ବିସିଏ ଦ୍ୱିତୀୟ ବର୍ଷ ଛାତ୍ରୀ ଅଂଶୁଲ ପାଣିଗ୍ରାହୀ ଓ ପ୍ରଥମ ବର୍ଷ ଛାତ୍ରୀ ଅନୁରିମା ସରକାର ଅତିଥି ପରିଚୟ ପ୍ରଦାନ କରିଥିଲେ । ବିସିଏ ପ୍ରଥମ ବର୍ଷର ଶୁଭମ ପୂଜାରୀ, ପ୍ରାଚୁର୍ଯ୍ୟ ସିଂ, ଦ୍ୱିତୀୟ ବର୍ଷର ବର୍ଷାରାଣୀ ପ୍ରହରାଜ, ବିଦ୍ୟୁତ୍ ପ୍ରଭା ମହାପାତ୍ର, ତୃତୀୟ ବର୍ଷର ଶୁଭମ୍ ଜେନା ଓ ନାରାୟଣ ଶତପଥୀ ପ୍ରମୁଖ ସନ୍ଦର୍ଭ ପାଠ କରିଥିଲେ । ଅଧ୍ୟାପିକା ପ୍ରିୟଙ୍କା ନାୟକ ଆଲୋଚନା ଚକ୍ରର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । କମ୍ପ୍ୟୁଟର ବିଭାଗ ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ତୃତୀୟ ବର୍ଷ ଛାତ୍ର ଶୁଭମ୍ ଜେନ୍ ବିଜୟୀ ଘୋଷିତ ହୋଇଥିଲେ । ଅଧ୍ୟାପିକା ଗୀତାଞ୍ଜଳି ପଣ୍ଡା, ସୁସ୍ମିତା ବେହେରା, ରଞ୍ଜିତା ପଣ୍ଡା, ସୁଚେତା ତ୍ରିପାଠୀ, ସୌଭାଗ୍ୟବତୀ ପାଢ଼ୀ, ରୋଜାଲିନ୍ ବେହେରା, ଅଧ୍ୟାପକ ମହେଶ୍ କୁମାର ଡାକୁଆ ଓ ଆଲୋକ କୁମାର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଡିନ୍ ରାମେଶ୍ୱର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ସମାଜସେବୀ ବୈରାଗୀ ବିଶ୍ୱାଳଙ୍କ ପଞ୍ଚଦଶ ବାର୍ଷିକ ଶ୍ରାଦ୍ଧୋତ୍ସବ



**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ଧର୍ମଶାଳା ବ୍ଲକର ପୂର୍ବତନ ବ୍ଲକ୍ ଅଧକ୍ଷ ବୈରାଗୀ ଚରଣ ବିଶ୍ୱାଳଙ୍କ ୧୫ତମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଜାରକା ସ୍ଥିତ କଳିଙ୍ଗ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ବୈରାଗୀ ଚରଣ ବିଶ୍ୱାଳ ସ୍ମୃତି କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବକୁ ପୂର୍ବତନ ଯାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗମ୍ବର କର ଉଦ୍‌ଘାଟନ କରିଥିଲେ । ପୂର୍ବତନ ବ୍ଲକ ଅଧକ୍ଷ କିଶାନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଆରମ୍ଭରେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା ହୋଇଥିଲା । ସମାଜସେବୀ କାହ୍ନୁ ଚରଣ ଦାଶ ବିବରଣୀ ପାଠ କରିଥିଲେ । ମୁଖ୍ୟଅତିଥି ଭାବେ ବଡ଼ଚଣା ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଭାକର ଶତପଥୀ ସମ୍ମାନିତ ଅତିଥି ଭାବେ ଡାକ୍ତର ବିଜୟ କୁମାର ଶତପଥୀ, ଆଡ୍‌ଭୋକେଟ୍ ରାମଚନ୍ଦ୍ର ରାୟ ମୁଖ୍ୟବକ୍ତା ଭାବେ ରସୁଲପୁର ପୂର୍ବତନ ଅଧକ୍ଷ ଡକ୍ଟର ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖଯୋଗଦେଇ ବୈରାଗୀ ବାବୁ ଧର୍ମଶାଳା ଅଞ୍ଚଳରେ ଶିକ୍ଷାର ପ୍ରସାରରେ ମୁଖ୍ୟ ପୁରୋଧା ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଉତ୍ସବରେ ଧର୍ମଶାଳା ଅଞ୍ଚଳର ପ୍ରତିଷ୍ଠିତ ସାହିତ୍ୟିକ ଗାଳ୍ପିକ ଭୀମ ପୃଷ୍ଟି, ଅବସର ପ୍ରାପ୍ତ ଶିକ୍ଷକ ନେତା ବେଣୁଧର ନାୟକ, କୃଷକ ନେତା ବସନ୍ତ କୁମାର ପରିଡ଼ାଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ଅବସର ପ୍ରାପ୍ତ ଅଧକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ସାମ୍ବାଦିକ ବଟକୃଷ୍ଣ ପରିଡ଼ା, ଅଖିଳ କୁମାର ସ୍ୱାଇଁ ପ୍ରମୁଖ ବୈରାଗୀ ବିଶ୍ୱାଳଙ୍କ ସମାଜସେବା ଓ ଶିକ୍ଷାନୁଷ୍ଠାନ ଗଢିବାରେ ଭୂମିକା ଉପରେ ମତ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଏହି ଉତ୍ସବରେ ଧର୍ମଶାଳା ଅଞ୍ଚଳର ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ । ଶେଷରେ ପବିତ୍ର ମୋହନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

# ବେସରକାରୀ ସ୍କୁଲ କରିବ ତ୍ରିରଙ୍ଗା ଯାତ୍ରା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ବେସରକାରୀ ସ୍କୁଲ ସଂଘର ସାଧାରଣ ପରିଷଦ ବୈଠକ ଗୋପ ଠାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୂଷ୍ଠିତ ଏହି ସଭାରେ ଶିକ୍ଷା ଅଧିକାର ଆଇନ ଆଧାରରେ ବେସରକାରୀ ସ୍କୁଲର ଛାତ୍ରଛାତ୍ରୀଙ୍କୁ, ସରକାରୀ ସ୍କୁଲର ଛାତ୍ରଛାତ୍ରୀଙ୍କୁ ମିଳିଥିବା ସମସ୍ତ ସୁବିଧା ଯୋଗାଇ ଦେବା, ଜିଲ୍ଲା ସ୍ତରୀୟ ବିଜ୍ଞାନମେଳା ପାଇଁ ସୁଯୋଗ ଦେବା, ସିଓଆଇ ବ୍ୟବସ୍ଥାରେ ସରଳୀକରଣ କରିବା ଆଦି ବିଷୟରେ ସରକାରଙ୍କର ଦୃଷ୍ଟି ଆପର୍ଷଣ କରିବା ସହ ଆସନ୍ତା ଜାନୁୟାରୀ ୨୩ ତାରିଖ ଦିନ ନେତାଜୀ ଜୟନ୍ତୀ ଆବସରରେ କେନ୍ଦ୍ରାପଡ଼ା ସହରରେ ଜିଲ୍ଲାର ବେସରକାରୀ ସ୍କୁଲମାନଙ୍କ ପକ୍ଷରୁ ଏକ ବିରାଟ ତ୍ରିରଙ୍ଗା ଯାତ୍ରା ସଂଗଠିତ କରାଯିବାକୁ ସ୍ଥିର କରାଯାଇଛି । ଜସନ୍-ଇ-ତ୍ରିରଙ୍ଗା ନାମରେ ହେବାକୁ ଥିବା ୧ ହଜାର ମିଟର ବ୍ୟାପି ବିଶାଳ ତ୍ରିରଙ୍ଗା ପତାକାକୁ ସକାଳ ୮ଟା ସମୟରେ ଇଛାପୁର ଶ୍ରୀ ବଳଦେବଜୀଉ ମନ୍ଦିର ନିକଟରୁ ବାହାରି କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ କଲେଜ ପର୍ଯ୍ୟନ୍ତ ଯିବାକୁ ସ୍ଥିର କରାଯାଇଛି । ବିଦ୍ୟାଳୟର ମୁଖ୍ୟ ଶିକ୍ଷକ ଓ କର୍ମକର୍ତ୍ତାଙ୍କ ପକ୍ଷରୁ ଶକ୍ତି ସ୍ୱରୂପ ଭୂୟାଁ, ପ୍ରଭାତ କିଶୋର ନାୟକ, ଚିତ୍ତରଞ୍ଜନ ଆଚାର୍ଯ୍ୟ, ରବିନ୍ଦ୍ର ଦାସ, ଇ ଡଲି, ହିରଣ୍ୟ ନାଉରୀ, ଭିକାରୀ ପ୍ରଧାନ, ଅରୁଣ କୁମାର ମହାପାତ୍ର, ଅନୁସୟା ଦାସ, ପ୍ରଦିପ କୁମାର ଜେନା, ସୁରେନ୍ଦ୍ର କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ ।





## ରଘୁନାଥପୁରରେ ନୂତନ କୌଶଳ ବିକାଶ ପ୍ରକଳ୍ପ ଉଦ୍‌ଘାଟିତ





**ବାରଙ୍ଗ, ନ୍ୟୁଜ୍‌ବ୍ୟୁରୋ**

ଭାରତ ସରକାରଙ୍କ କୌଶଳ ଭାରତ ଯୋଜନାରେ ଦେଶର ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ଯୁବବର୍ଗଙ୍କୁ ଦକ୍ଷତା ଶିକ୍ଷା ଓ ତାଲିମ ଦେବା ପାଇଁ ଦେଶର ବିଭିନ୍ନ ସ୍ଥାନରେ ଦକ୍ଷତା ବିକାଶ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇ ଯୁବ ବର୍ଗଙ୍କୁ ମାଗଣାରେ ଶିକ୍ଷା ଦିଆଯାଇ ନିଯୁକ୍ତି ମଧ୍ୟ ପ୍ରଦାନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ବ୍ଲକ ରଘୁନାଥପୁର ପଞ୍ଚାୟତରେ ଓରାୟନ ଏଡୁକେସନାଲ ସୋସାଇଟି ପକ୍ଷରୁ ଏକ ନୂତନ କୌଶଳ ବିକାଶ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପୂର୍ବତନ ଓଏଏସ ଅଧିକାରୀ ତଥା ବାରଙ୍ଗ ଅଞ୍ଚଳର ବେଶ ପରିଚିତ ସମାଜସେବୀ ଗଛ ମଣିଷ ଭାବେ ପରିଚିତ ବସନ୍ତ ମହାପାତ୍ର ଯୋଗଦେଇ ରିବନ କାଟି ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ପରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଶିକ୍ଷା ନେଉଥିବା ଯୁବବର୍ଗଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଓରାୟନ ଏଡୁକେସନାଲ ସୋସାଇଟିର ଆଞ୍ଚଳିକ ପ୍ରବନ୍ଧକ ଇନ୍ଦ୍ରଜିତ ରଜକ, ଶେଖ ଇବାଦତ ତୁଲ୍ଲା ଯୋଗଦେଇଥିଲେ । ମୁଖ୍ୟ ଅତିଥି ନୂତନ ଭାବେ ଯୋଗ ଦେଇଥିବା ଉପସ୍ଥିତ ଯୁବବର୍ଗଙ୍କୁ ତାଲିମ ଉପଯୋଗୀ କିଟ୍ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ତାଲିମ କେନ୍ଦ୍ରର ସମସ୍ତ ପ୍ରଶିକ୍ଷକ ଏବଂ ଅନ୍ୟ ମାନେ ଉପସ୍ଥିତ ରହିଥିଲେ ।

# ଜମ୍ବୁ-ମାର୍ଶାଘାଇ କେନାଲ : ନଅଙ୍କ ଦୁର୍ଭିକ୍ଷର ମୂକସାକ୍ଷୀ

**କଟକ, ନ୍ୟୁଜ୍‌ବ୍ୟୁରୋ**

ନଅଙ୍କ ଦୁର୍ଭିକ୍ଷ ସମୟରେ ଲୋକଙ୍କୁ ଖାଦ୍ୟ ପାଇଁ କାମ ଯୋଜନାରେ ବ୍ରିଟିଶ ସରକାର ଖନନ କରିଥିଲେ ଜମ୍ବୁ-ମାର୍ଶାଘାଇ କେନାଲ । ଯେଉଁ କେନାଲ ଦେଇ ଲୋକେ ଯାତାୟାତ କରିବା ସହ ବାଣିଜ୍ୟିକ କାରବାର କରୁଥିଲେ ଓ ଏହି କେନାଲ ପାଣିକୁ ଜଳସେଚନରେ ବ୍ୟବହାର କରାଯାଉଥିଲା । ଏହି କେନାଲ ସ୍ଥାନୀୟ ଅଧିବାସୀମାନଙ୍କ ପାଇଁ ଦେଢ଼ଶହ ବର୍ଷ ଧରି ଜୀବନରେଖା ପାଲଟିଥିଲା । ଉଣେଇଶି ଶହ ନବେ ଦଶକ ପର୍ଯ୍ୟନ୍ତ ଜଳପଥ ଭାବେ ବ୍ୟବହାର ହୋଇ ଗମନାଗମନ ଓ ମାଲ୍ ପରିବହନ ପାଇଁ ଏହି କେନାଲ ଜଳପଥ ଭାବେ ମୁଖ୍ୟ ମାଧ୍ୟମ ସାଜିଥିଲା, ଯାହାର ବହୁ ପ୍ରମାଣ ଏବେବି ସ୍ଥାନୀୟ ଅଞ୍ଚଳରେ ପରିଲକ୍ଷିତ ହେଉଛି । ୧୮୬୬ ମସିହାରେ ଦେଖାଦେଇ ଥିବା ନଅଙ୍କ ଦୁର୍ଭିକ୍ଷ ତତ୍କାଳୀନ ବ୍ରିଟିଶ ସରକାରଙ୍କୁ ବିଚଳିତ କରିଥିଲା । ଯେଉଁଥିପାଇଁ ମହାନଦୀର କଟକରୁ ଏହି ତଳିଆ ଅଞ୍ଚଳକୁ ଚାଷ ପାଇଁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ଏକ ବୃହତ ଯୋଜନା ସ୍ୱରୂପ କେନାଲ ଖନନ କରିଥିଲେ । ପ୍ରାୟ ତିରିଶି ମିଟର ଚଉଡ଼ାର ଶହେରୁ ଅଧିକ କିଲୋମିଟର ଲମ୍ବ ଏହି କେନାଲ କଟକରୁ ଜମ୍ବୁ ପର୍ଯ୍ୟନ୍ତ ଖୋଳାଇଥିଲେ । ଜମ୍ବୁ ମାର୍ଶାଘାଇ କେନାଲରେ ଜିଲ୍ଲାର ମହାକାଳପଡ଼ା, ଜମ୍ବୁ, ଛପାଲି ଠାରୁ ଆରମ୍ଭ କରି ବେଣାକନ୍ଧା, ଜଗରୀଜୋର, ରାଜନଗର ପର୍ଯ୍ୟନ୍ତ ଅଞ୍ଚଳବାସୀ ଜଳପଥରେ ଡଙ୍ଗାରେ ନିରାପଦ ଭାବେ କଟକ ପର୍ଯ୍ୟନ୍ତ ଯାତାୟତ କରୁଥିଲେ । ନଦୀ ଅପେକ୍ଷା କେନାଲର ସ୍ଥିର ଜଳରାଶିରେ ଡଙ୍ଗା ଚଳାଇବା ସହଜ ହେଉଥିଲା । ପବନ ସମୟରେ ଡଙ୍ଗାକୁ ସୁରକ୍ଷିତ ରଖିବା ପାଇଁ ସଡ଼କପଥର ବସ୍‌ଷ୍ଟାଣ୍ଡ ଭଳି ଏହି କେନାଲର ଖ୍ରୀଷ୍ଟିୟାନପଡ଼ା ବାଲି, ମହାକାଳପଡ଼ା ନିକଟରେ କେନାଲକୁ ପ୍ରଶସ୍ତ ଗଣ୍ଡ କରାଯାଇଥିଲା । ସେହିଠାରେ ଅଧିକ ଗଭୀର କରାଯାଇ ସବୁଦିନେ ପାଣି ରହିବାର ବ୍ୟବସ୍ଥା କରାଯାଇଥିଲା । ଅଧିକ ଡଙ୍ଗା ଚଳପ୍ରଚଳ କରୁଥିବା ଗଣ୍ଡରେ ଲଙ୍ଗର ପକାଇ ଏବଂ କୂଳରେ କାତ ପୋତି ଡଙ୍ଗା ରଖାଯାଇ ପାରୁଥିଲା । କେନାଲରୁ ନଦୀକୁ ବିଭିନ୍ନ ସ୍ଥାନରେ ସଂଯୋଗ କେନାଲ କରାଯାଇ ଲକ୍ ସିଷ୍ଟମ କରିଥିଲେ । କଟକରୁ ଜମ୍ବୁ ପର୍ଯ୍ୟନ୍ତ ସାଲେପୁର, କେନ୍ଦୁପଟଣା, ବରପଡ଼ା ଅସୁରେଶ୍ୱର, ଦାନପୁର, ବସପୁର କଳପଡ଼ା ମାର୍ଶାଘାଇ ଏବଂ ଜମ୍ବୁ ନିକଟରେ ଲକ୍ ସିଷ୍ଟମ ଥିଲା । ଜମ୍ବୁର କେନାଲରୁ ଗୋବରୀ ନଦୀକୁ ଡଙ୍ଗା ଯାତାୟାତ ପାଇଁ, ମାର୍ଶାଘାଇରେ ଲୁଣା ନଦୀକୁ ଯାତାୟତ ପାଇଁ ଲକ ସିଷ୍ଟମ କରାଯାଇଥିଲା । ଲକ ସିଷ୍ଟମରେ ଉପର ମୁଣ୍ଡର ଜଳକୁ ଅଟକାଇ ରଖିବା ଆବଶ୍ୟକ ସ୍ଥଳେ ତଳ ମୁଣ୍ଡକୁ ଜଳ ଛାଡ଼ିବା ପାଇଁ ସ୍ୱତନ୍ତ୍ର ପାଣି ଗଳାବାଟ (ସ୍ଲୁଇସ ସିଷ୍ଟମ) ଥିଲା । କେନାଲ ପାଖରୁ ଜଳସେଚନ ପାଇଁ ପାଣି ଯୋଗାଇ ଦେବାକୁ ଶାଖା କେନାଲ ମଧ୍ୟ କରିଥିଲେ । ଫଳରେ ଚାଷୀମାନେ ମରୁଡ଼ି ଦାଉରୁ ଫସଲକୁ ରକ୍ଷା କରିପାରୁଥିଲେ । ଉଦ୍‌ବୃତ୍ତ ଜଳକୁ ଗୋବରୀ ନଦୀକୁ ଛାଡ଼ିବା ପାଇଁ ପଳାସପୁର ନିକଟରେ ଗୋବରୀକୁ ସଂଯୋଗ ପାଇଁ ମୁହାଣ ଏବଂ ମାଣତିର ନିକଟରେ କଳିଙ୍ଗା ସୁଇସ ବ୍ୟବସ୍ଥା ଥିଲା । ମାର୍ଶାଘାଇରେ କେନାଲର ଏକ ସେକ୍ସନ କାର୍ଯ୍ୟାଳୟରେ ବ୍ରିଟିଶ ଅଫିସରମାନେ ରହି କର୍ମଚାରୀଙ୍କ ଦ୍ୱାରା କେନାଲ ସିଷ୍ଟମକୁ ପରିଚାଳନା କରୁଥିଲେ । ଜନୈକ ଅଫିସର ମାର୍ସଲ ସାହେବଙ୍କ ପୁଅର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମୃତଦେହକୁ ମାର୍ଶାଘାଇ ଲକ ପରିସରରେ ସମାଧି ଦେଇଥିଲେ । ଯାହା ଏବେ ବି ବ୍ରିଟିଶମାନଙ୍କ ମୂକସାକ୍ଷୀ ହୋଇ ରହିଛି । ସେହି ସମାଧିର ଚାରି ପାର୍ଶ୍ୱରେ ଲୁହା ଜଞ୍ଜିରର ବାଡ଼ ଦିଆଯାଇଥିଲା ।





## ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

# ଜଳ ବଣ୍ଟନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ଉପରେ ଗୁରୁତ୍ୱ



**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଉଠା ଜଳ ସେଚନ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ୨୦୨୪ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ପବିତ୍ର ପରିଡାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀମତୀ ଗୀତାଞ୍ଜଳୀ ସେଠୀ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଉଠା ଜଳ ସେଚନ ଅଧ୍ୟକ୍ଷ ଅମରେଶ ପତ୍ରୀ ଯୋଗ ଦେଇ ଜଳ ପରିଚାଳନା କ୍ଷେତ୍ରରେ ପାଣି ପଞ୍ଚାୟତ ସଭ୍ୟ/ସଭ୍ୟା ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସମ୍ମାନ ସ୍ୱୀକୃତି ଜଣାଇବା ପାଇଁ ରାଜ୍ୟ ସରକାରଙ୍କ ଏହା ଏକ ସୁନ୍ଦର ପ୍ରୟାସ ଓ ଯୋଜନା ବୋଲି ମତବ୍ୟକ୍ତ କରିଥିଲେ । ପାଣି ପଞ୍ଚାୟତରେ ମହିଳା ମାନଙ୍କ ଅଂଶ ଗ୍ରହଣ ବୃଦ୍ଧି ପାଇଁ ଚାଷୀ ମାନଙ୍କ ପରିବାରର ମହିଳା ସଦସ୍ୟା ମାନଙ୍କୁ ସାମିଲ କରାଯାଇ ଥିବା ମତବ୍ୟକ୍ତ କରିଥିଲେ । ରାଜ୍ୟରେ ଜଳ ସେଚନ ଭିତିଭୂମି ନିର୍ମାଣକୁ ସୁଦୃଢ କରିବା ଯୋଗୁଁ ଅଧିକରୁ ଅଧକ ଜମିକୁ ଜଳ ସେଚନ ସୁବିଧା ପାଇଁ ପାଣି ପଞ୍ଚାୟତ ମାଧ୍ୟମରେ ଯୋଗାଇ ଦିଆଯାଉଛି । ନ୍ୟାୟ ସଂଗତ ଓ ସମାନତା ଭିତିରେ ବିଭିନ୍ନ ଜଳ ବ୍ୟବହାରକାରୀଙ୍କ ମଧ୍ୟରେ ଜଳ ବଣ୍ଟନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିପାରିଲେ ଜଳ ସଂରକ୍ଷଣ ଜଳର ପୁନଃ ବ୍ୟବହାର ସହିତ ଫସଲର ବିବିଧ କରଣ ଜରିଆରେ ଅଧିକ ପ୍ରକାରର ଫସଲର ଉତ୍ପାଦନ ହୋଇ ପାରିବ । କେନ୍ଦ୍ରାପଡା ଭଳି କୃଷି ପ୍ରଧାନ ଜିଲ୍ଲାରେ କୃଷକମାନଙ୍କ ଅର୍ଥନୈତିକ ମାନଦଣ୍ଡ ସୁଦୃଢ ହୋଇ ପାରିବ । ୨୯୨୨ ଗୋଟି ଅଚଳ ଉଠା ଜଳ ସେଚନ ପଏଣ୍ଟକୁ ସଚଳ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଥିବା ବେଳେ କେନ୍ଦ୍ରାପଡାରେ ସର୍ବାଧିକ ୨୧୮ ଗୋଟି ଅଚଳ ଉଠା ଜଳ ସେଚନ ପଏଣ୍ଟକୁ ସଚଳ କରାଯିବ ବୋଲି ଅଧକ୍ଷ ମତବ୍ୟକ୍ତ କରିଥିଲେ । ଉକ୍ତ ବୈଠକରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା କୃଷି ଅଧିକାରୀ ନିରଞ୍ଜନ ରାଉତ, କୃଷି ବିଜ୍ଞାନ କେନ୍ଦ୍ରର ପ୍ରଭାତ କୁମାର ସାହୁ, ଜଳ ସମ୍ପଦ ବିଭାଗ ଏସଡିଓ ଧରଣୀଧର ବେହେରା, ଉଦ୍ୟାନ କୃଷି ବିଭାଗର ଦିପ୍ତିକାନ୍ତ ଓଝା, କେନ୍ଦ୍ରାପଡା ସହକାରୀ ମତ୍ସ୍ୟ ଅଧିକାରୀ ମୋନାଲିସା ପଣ୍ଡା, ଉପଖଣ୍ଡ ସୂଚନା ଲୋକ ସଂପର୍କ ଅଧିକାରୀ ଅଶୋକ ବଳିଆର ସିଂହ ପ୍ରମୁଖ ଯୋଗ ଦେଇଥିଲେ । ପାଣି ପଞ୍ଚାୟତ ପକ୍ଷ ୨୦୨୪ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉଠା ଜଳ ସେଚନ ବିଭାଗର ସହକାରୀ ଯନ୍ତ୍ରୀ ନିମାଇଁ ଚରଣ ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୪୧ ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ ଉଦ୍‌ଯାପିତ

# ଉନ୍ନତ ସୁରକ୍ଷା ନିୟମାବଳୀ ପ୍ରସ୍ତୁତ କରିବାକୁ ଖଣି ମାଲିକଙ୍କୁ ପରାମର୍ଶ




**ଯୋଡା, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଅଞ୍ଚଳର ଡାଇରେକ୍ଟୋରେଟ ଜେନେରାଲ ଅଫ୍ ମାଇନ୍ସ ସେଫ୍ଟି (ଡିଜିଏମ୍‌ଏସ୍) ଅଧୀନରେ ୪୧ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ ଉଦଯାପିତ ହୋଇଯାଇଛି । ଯୋଡା ଖଣିମଣ୍ଡଳ ଅଧୀନସ୍ତ ଜେଏସଡବ୍ଲୁ ଲିମିଟେଡ ଆନୁକୂଲ୍ୟରେ ବଡବିଲ ସୋୟାବାଲି ସ୍ଥିତ ଏସଏମପିଏଲ ଖେଳପଡିଆରେ ଏହି ଉଦଯାପନୀ ଉତ୍ସବ ଆୟୋଜିତ ହୋଇଥିଲା । ଖଣି ସୁରକ୍ଷା ବିଭାଗର ମହାନିର୍ଦ୍ଦେଶକ ପ୍ରଭାତ କୁମାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରତିବର୍ଷ ଖଣିରେ ନିରାପତ୍ତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଭାତ କୁମାର ସମସ୍ତ ଖଣି ମାଲିକଙ୍କୁ ପ୍ରଶଂସା କରିଥିଲେ। ସେ କହିଛନ୍ତି, "ଖଣି ଭିତରେ ଏବଂ ଆଖପାଖରେ ସୁରକ୍ଷା ଉପରେ ଧ୍ୟାନ ଦେବା ହେଉଛି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପରାମିଟର । ଖଣି ମାଲିକମାନେ ମଧ୍ୟ ସେମାନଙ୍କ ସୁରକ୍ଷା ପାଇଁ ସମାଜର ଯତ୍ନ ନେବାକୁ ପଡ଼ିବ।'' ମାଇନ୍ସ ସେଫ୍ଟିର ମହାନିର୍ଦ୍ଦେଶକ ବିଦ୍ୟାଳୟ ଏବଂ କଲେଜଗୁଡ଼ିକୁ ଖଣି କାର୍ଯ୍ୟରେ ଜଡିତ କରିବାକୁ କହିଥିଲେ ଯାହା ଦ୍ୱାରା ସେମାନେ ମଧ୍ୟ ଶିଖିପାରିବେ। ଉନ୍ନତ ସୁରକ୍ଷା ନିୟମାବଳୀ ପ୍ରସ୍ତୁତ କରିବାକୁ ସେ ଖଣି ମାଲିକଙ୍କ ଠାରୁ ପରାମର୍ଶ ମଧ୍ୟ ଆମନ୍ତ୍ରଣ କରିଥିଲେ। ପ୍ରାୟ ୧୧୦ ଖଣି ଏବଂ ୭୫ କଣ୍ଟ୍ରାକ୍ଟରଙ୍କ ପ୍ରତିନିଧୀ ଅଂଶଗ୍ରହଣ କରିଥିଲେ । ଡେପୁଟି ଡାଇରେକ୍ଟର ଜେନେରାଲ୍ ଅଫ ମାଇନ୍ସ ସେଫଟି ଏସ.ଡି. ଚିଦାରଓ୍ୱାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ହେଲେ ସୌଭିକ ମଜୁମଦାର, ସିଓଓ, ମାଇନ୍ସ ଡିଭିଜନ୍, ଜେଏସଡବ୍ଲୁ ଷ୍ଟିଲ୍ ଲିମିଟେଡ୍, କୃଷ୍ଣେନ୍ଦୁ ମୋଣ୍ଡାଲ (ଡିଏମ୍‌ଏସ୍ ଭୁବନେଶ୍ୱର ଅଞ୍ଚଳ -୧), ପି.ଆର.ଠାକୁର (ଡିଏମ୍‌ଏସ୍ ଭୁବନେଶ୍ୱର ଅଞ୍ଚଳ-୨), ରତ୍ନାକର ସୁନ୍ନି (ଡିଏମ୍‌ଏସ୍ ମେକାନିକାଲ୍ ରାଞ୍ଚି), ମହେଶ୍ୱର ରେଡ୍ଡୀ କନ୍ନଲା (ଡିଏମ୍‌ଏସ୍ ଇଲେକ୍ଟ୍ରିକାଲ୍, ରାଞ୍ଚି), ଶଙ୍କର୍ଷଣ ବେହେରା (ଡିଏମ୍‌ଏସ୍ ମେକାନିକାଲ୍ ରାଞ୍ଚି), ବିକାଶ ଗୋବିନ୍ଦ୍ରାଓ ମେଶ୍ରମ (ଡିଏମ୍‌ଏସ୍ ଇଲେକ୍ଟ୍ରିକାଲ, ରାଞ୍ଚି), ଟି ହରିପ୍ରସାଦ (ଡିଡିଏମଏସ ଭୁବନେଶ୍ୱର ଅଞ୍ଚଳ -୧), ୟୁ ଶିବ ଶଙ୍କର (ଡିଡିଏମଏସ ଭୁବନେଶ୍ୱର ଅଞ୍ଚଳ-୨) ପ୍ରମୁଖ ଯୋଗ ଦେଇଥିଲେ । ମାଇନ୍ସ ଡିଭିଜନ୍ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ଘର ଏବଂ ଖଣିରେ ନିରାପତ୍ତାକୁ ପ୍ରୋତ୍ସାହିତ କରିବାକୁ ଉତ୍ସାହିତ କରିଥିଲେ । ସୁରକ୍ଷା ହେଉଛି ଜୀବନ ପଥ। ଘରେ ସୁରକ୍ଷା ଆରମ୍ଭ ହୁଏ । ଶୂନ୍ୟ କ୍ଷତି ପହଞ୍ଚାଇବା ପାଇଁ ଏହି ମାନସିକତା ରହିବା ଉଚିତ ଏବଂ ଏହା ପରିବେଶ ପାଇଁ ଶୂନ୍ୟ କ୍ଷତି ଘଟାଇବ ବୋଲି ଅତିଥି ମତବ୍ୟକ୍ତ କରିଥିଲେ । ଏହି ଅବଧି ମଧ୍ୟରେ ବିଭିନ୍ନ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପୋଷ୍ଟର ତିଆରି, ସ୍ଲୋଗାନ, ଇଭେଣ୍ଟରେ ସର୍ବୋତ୍ତମ ଷ୍ଟଲ୍ ଏବଂ ସର୍ବୋତ୍ତମ ଲୋଗୋରେ ଅଭିନବତା ପାଇଁ ଖଣି ମାଲିକମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ସେମାନଙ୍କ କାର୍ଯ୍ୟ ପାଇଁ ଶ୍ରେଷ୍ଠ କଣ୍ଟ୍ରାକ୍ଟରମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଉଲ୍ଲେଖଯୋଗ୍ୟ, ଖଣି ଶିଳ୍ପରେ ତାଙ୍କର ଅସାଧାରଣ ଅବଦାନ ପାଇଁ ଶ୍ରୀ ଏନ.ଡି ରାଓଙ୍କୁ 'ଜୀବନବ୍ୟାପୀ ପୁରସ୍କାର' ସମ୍ମାନରେ ସମ୍ମାନିତ କରାଯାଇଥିଲା। ନୂତନ ଟେକ୍ନୋଲୋଜି ପ୍ରକ୍ରିୟାଗୁଡ଼ିକର ବିକାଶ ଏବଂ କାର୍ଯ୍ୟାନ୍ୱୟନରେ ସେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ ପ୍ରୋଗ୍ରାମ୍ ସହିତ ଉଦଯାପିତ ହୋଇଥିଲା ।

# ଆନନ୍ଦପୁରରେ ବିଧାନସଭା ସ୍ତରୀୟ ନବ ମତଦାତା ସମ୍ମିଳନୀ

**ଆନନ୍ଦପୁର, ନ୍ୟୁଜ ବ୍ୟୁରୋ**



ନିର୍ବାଚନ ମଣ୍ଡଳୀର ଆନନ୍ଦପୁରସ୍ଥ ବିଜେପି କାର୍ଯ୍ୟାଳୟରେ ଯୁବମୋର୍ଚ୍ଚାର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବମୋର୍ଚ୍ଚାର ଜିଲ୍ଲା ସମ୍ପାଦକ ତଥା ବିଧାନସଭା ସଂଯୋଜକ ତପନପାତ୍ର ଓ ସୂର୍ଯ୍ୟପ୍ରକାଶ ସାହୁଙ୍କ ମିଳିତ ସଂଯୋଜନାରେ ଆହୁତ ଏହି ବୈଠକରେ ବିଧାନସଭା ନେତା ଆଲୋକ ସେଠୀ, ବରିଷ୍ଠ ନେତା ରାମଚନ୍ଦ୍ର ସାହୁ, ପ୍ରଶାନ୍ତ ମହାପାତ୍ରଙ୍କ ସମେତ ସମସ୍ତ ଆଠଗୋଟି ମଣ୍ଡଳର ଯୁବମୋର୍ଚ୍ଚା ସଭାପତି ସଞ୍ଜୟ ବାରିକ, ବିମଳ ରଂଜନ ରାଉତ, ରମାକାନ୍ତ ଜେନା, ଆଶିଷ ଜେନା, ଆଲୋକ ଦାସ, ରୁଦ୍ରପ୍ରସାଦ ଜେନା, ଅକ୍ଷୟ କୁମାର ସାହୁ,ସିମଲ ହଂସଦାଙ୍କ ସମେତ ମଣ୍ଡଳ ପ୍ରଭାରୀ ଚାନ୍ଦମଣି ତରେଇ, ଜିତନ ଶଙ୍ଖୁଆ, ସମ୍ବିତ ଦାସ, ଚିନ୍ମୟୀ ସେଠୀ, ସୁବ୍ରତ ସାହୁ, ଚିତ୍ତରଞ୍ଜନ ପାତ୍ର, ଶିବ ତରେଇ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ବୈଠକରେ ସର୍ବଶେଷ ଚର୍ଚ୍ଚା ଆଲୋଚନା ହୋଇଥିଲା। କେନ୍ଦ୍ର ସରକାରଙ୍କ ସମସ୍ତ ଜନ ହିତକାରୀ ଯୋଜନାକୁ ନେଇ ଲୋକଙ୍କୁ ସଚେତନ କରିବା ସହ ଭାରତର ବିକାଶ ଯାତ୍ରାରେ ସମସ୍ତଙ୍କ ଯୋଗଦାନକୁ ସୁନିଶ୍ଚିତ କରିବାରେ ଯୁବମୋର୍ଚ୍ଚାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଉପସ୍ଥିତ ନେତୃମଣ୍ଡଳୀ ଆଶା ପ୍ରକଟ କରିଥିଲେ । ଏହି ଅବସରରେ ନୂତନ କରି ଦାଇତ୍ୱ ନେଇଥିବା ଯୁବମୋର୍ଚ୍ଚାର ସମସ୍ତ ପଦାଧିକାରୀଙ୍କୁ ଆନନ୍ଦପୁର ବିଜେପି ନେତା ଆଲୋକ ସେଠି ଉତ୍ତରୀୟ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

# ଓଡ଼ିଆ ସାହିତ୍ୟ ଓ ସଂସ୍କୃତି କାର୍ଯ୍ୟକ୍ରମ




**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ଚୌଦ୍ୱାର କଲେଜରେ 'ଓଡିଆ ସାହିତ୍ୟ ଓ ସଂସ୍କୃତି କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତାର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ସୌଭିକ୍ ବିଶ୍ୱାଳ ଏଥିରେ ଅତିଥି ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି, ଓଡିଶା ଓ ଚୌଦ୍ୱାର ମାଟିର ମହତ୍ୱ ସଂପର୍କରେ ବିସ୍ତୃତ ଆଲୋଚନା କରି ଇତିହାସ ଓ ସଂସ୍କୃତି ଉପରେ ଅଧିକ ଜ୍ଞାନ ଆହରଣ କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ । ନୋଡାଲ ଅଫିସର ପ୍ରଫୁଲ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ.ଉମେଶ ଚନ୍ଦ୍ର ଦେବତା ଡିଜିଟାଲ ଯୁଗରେ ଆଧୁନିକ ଜ୍ଞାନକୌଶଳ ଜରିଆରେ ଓଡିଆ ଭାଷା କିପରି ଆଗକୁ ବଢିପାରିବ ସେ ସଂପର୍କରେ ଯୁବପିଢୀ ପ୍ରୟାସ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ । ପଣ୍ଡିତ ପଦ୍ମନାଭ ତ୍ରିପାଠି, ଆକାଶବାଣି ଓ ଦୁରଦର୍ଶନ କଣ୍ଠଶିଳ୍ପୀ ନିଶିପ୍ରଭା ପାଣି ଜଗନ୍ନାଥ ସଂସ୍କୃତି ତଥା ଚାରିଧାମ ସଂପର୍କରେ ଏବଂ ଓଡିଆ ଭାଷା ସାହିତ୍ୟର ଉତ୍ପତି ବିଷୟରେ ଆଭିଭାଷଣ ପ୍ରଦାନ କରିଥିଲେ । ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ନିର୍ବାହୀ ଅଧିକାରୀ ସଂଜ୍ଞୀବ କୁମାର ମହାପାତ୍ର, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, କାଉନସିଲର ଆଶୁତୋଷ ଦାସ, ବିଜେଡି ରାଜ୍ୟ ଯୁଗ୍ମ ସଂପାଦକ ଅର୍ଜୁନ ପଣ୍ଡା, କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ନୁଆ ଓ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତୀଛାତ୍ରୀ ମାନେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ ।

## ଫକୀରମୋହନ ବିଶ୍ୱ ବିଦ୍ୟାଳୟରେ ଆନ୍ତର୍ଜାତିକ ଶିକ୍ଷା ସମ୍ମିଳନୀ

# ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ସଶକ୍ତ କରାଯିବ : କୁଳପତି

**ବାଲେଶ୍ୱର, ନ୍ୟୁଜ**




ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦ ପରିସରରେ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀର ଉଦଘାଟିତ ହୋଇଯାଇଛି। ପ୍ରାରମ୍ଭିକ ସଭା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା। ସମ୍ମିଳନୀର ମୁଖ୍ୟ ପ୍ରସଙ୍ଗ 'ନ୍ୟାଭିଗେଟିଙ୍ଗ ଇନକ୍ଲୁସିଭ ଏଜୁକେସନ: ବ୍ରିଜିଙ୍ଗ ଦ ଡିଭାଇଡ ଆଣ୍ଡ ଏଂପାୱାରିଙ୍ଗ୍ ଏଭ୍ରି ଲରନ' ବା 'ଅନ୍ତର୍ନିବେଶୀ ଶିକ୍ଷା ପରିଚାଳନା: ଭିନ୍ନତା ସଂଯୋଜନ ଏବଂ ଶିକ୍ଷାର୍ଥୀ ସଶକ୍ତୀକରଣ' ରହିଛି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକଙ୍କ ସହ ଆର.ଆଇ.ଇ (ନ୍ୟାସନାଲ କାଉନସିଲ୍ ଅଫ୍ ଏଜୁକେସନାଲ୍ ରିସର୍ଚ୍ଚ ଏବଂ ଟ୍ରେନିଂ), ଭୁବନେଶ୍ୱରର ପ୍ରଫେସର ହୃଷୀକେଶ ସେନାପତି, ସ୍କୁଲ ଅଫ ଏଜୁକେସନ-ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର ପ୍ରଫେସର ଅରବିନ୍ଦ କୁମାର ଝା, ନ୍ୟୁକ୍ଲିୟସ୍ ୟୁନିଭରସିଟି ଅଫ୍ ମେଡିସିନ୍ ଏବଂ ଦନ୍ତ ଚିକିତ୍ସା, ରଞ୍ଜେଷ୍ଟାଡ୍, ଆରୁବା, କାନାଡାର ବରିଷ୍ଠ ପରାମର୍ଶଦାତା ଡକ୍ଟର ଦିଲ୍ଲୀପ ଗିରି ମୁଖ୍ୟବକ୍ତା ତଥା ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ କାର୍ଟିନ୍ ବିଶ୍ୱବିଦ୍ୟାଳୟ, ପର୍ଥ, ପଶ୍ଚିମ ଅଷ୍ଟ୍ରେଲିଆର ସହଯୋଗୀ ପ୍ରଫେସର ଡ଼କ୍ଟର ରେଖା ଭାନକୌଲ ଆଭାସୀ ମାଧ୍ୟମରେ ଯୋଗଦେଇ 'ଅନ୍ତର୍ନିବେଶୀ ଏବଂ ଉଚ୍ଚଶିକ୍ଷା' ସମ୍ବନ୍ଧୀତ ପ୍ରସଂଗ ଓ ଆହ୍ୱାନ ସମ୍ବନ୍ଧରେ ଆଲୋଚନା କରିଥିଲେ। ସମସ୍ତଙ୍କ ପାଇଁ ଜୀବନଯାପନର କୌଶଳଗୁଡିକୁ ପ୍ରୋତ୍ସାହିତ କରିବା, ଜାତୀୟ ଶିକ୍ଷା ନୀତିର ଦୃଷ୍ଟିକୋଣକୁ ବୁଝି କାର୍ଯ୍ୟକ୍ଷମ କରିବା, ଜାତି, ଲିଙ୍ଗ, ତଥା ଆର୍ଥିକ ଭିନ୍ନତାକୁ ଧ୍ୟାନ ନଦେଇ ସମସ୍ତଙ୍କୁ ମୌଳିକ ଅଂଶଗ୍ରହଣ କରିବାର ସୁଯୋଗ ଦେବା ଏବଂ ଶିକ୍ଷଣ ଓ ନିରପେକ୍ଷ ସାମାଜିକ ସୀମାକୁ ଅନ୍ତର୍ଭୁକ୍ତ କରିବା, ପ୍ରଗତିଶୀଳ ଅନ୍ତର୍ଭୂକ୍ତିକରଣକୁ ଦାୟୀତ୍ୱ ଭାବେ ଗ୍ରହଣ କରିବା, କୌଣସି କାଳ୍ପନିକ ଧାରଣା ବିନା ଶିକ୍ଷାକୁ ସାର୍ବଜନୀକ ହିତ ସାଧନ କାର୍ଯ୍ୟରେ ଲଗାଇବା ଆଦି ଅନେକ ମୂଲ୍ୟବାନ ପ୍ରସଙ୍ଗମାନ କୁଳପତି ପ୍ରଫେସର ତ୍ରିପାଠୀ ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ଆଲୋକପାତ କରାଯାଇଥିଲା। ଉପସ୍ଥିତ ସଂସାଧନ ବ୍ୟକ୍ତି ବିଶେଷଜ୍ଞମାନଙ୍କ ସହଯୋଗରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏହି ଆନ୍ତର୍ଜାତିକ ସମ୍ମିଳନୀର ପ୍ରଥମ ଦିନରେ 'ଇନକ୍ଲୁସିଭ ଏଜୁକେସନ' ସମ୍ବନ୍ଧୀତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ୫୯ ଜଣ ଗବେଷକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ଗବେଷଣା ତଥ୍ୟକୁ ଉପସ୍ଥାପନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନେକ ସଂଖ୍ୟାରେ ଶିକ୍ଷାବିତ୍, ଗବେଷଣାରତ ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କ ସହ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗ ମୁଖ୍ୟ, ଅଣଶିକ୍ଷକ କର୍ମଚାରୀମାନେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମର ସଂଯୋଜକ ତଥା ଶିକ୍ଷା ବିଭାଗର ମୁଖ୍ୟ ଆସୋସିଏଟ ପ୍ରଫେସର ଡ଼କ୍ଟର ଜ୍ୟୋତି ଶଂକର ପ୍ରଧାନ , ସାଂଗଠନିକ ସଂପାଦକ ଡ଼କ୍ଟର ଅମୂଲ୍ୟ କୁମାର ଆଚାର୍ଯ୍ୟ ଉପସ୍ଥିତ ରହି ସମ୍ମିଳନୀର ପର୍ଯ୍ୟବେକ୍ଷଣ କରିଥିଲେ। ସମ୍ମିଳନୀକୁ ଆସିଷ୍ଟାଣ୍ଟ ପ୍ରଫେସର ଡ଼କ୍ଟର ପ୍ରତିମା ପ୍ରଧାନ ସଂଚାଳନ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

# ଗ୍ରାମାଞ୍ଚଳରେ ଶିଳ୍ପର ବିକାଶ ଉପରେ ଗୁରୁତ୍ୱ

**ରସୁଲପୁର, ନ୍ୟୁଜ ବ୍ୟୁରୋ**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଶିଳ୍ପ ନିର୍ଦ୍ଦେଶାଳୟ ଓଡିଶା, କଟକ ପକ୍ଷରୁ ଯାଜପୁର ଜିଲ୍ଲା ଶିଳ୍ପ କେନ୍ଦ୍ର, କଳିଙ୍ଗ ନଗର ଆନୁକୂଲ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ (ଏମଏସଏମଇ)ଶିଳ୍ପ ପ୍ରତିଷ୍ଠା ସଂପର୍କିତ ସଚେତନତା ଶିବିର ସରପଞ୍ଚ ସ୍ମୃତିରେଖା ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଶିବିର ଜରିଆରେ ଗ୍ରାମାଞ୍ଚଳରେ ଶିଳ୍ପର ବିକାଶ ଓ ଉଦ୍ୟୋଗୀମାନେ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ଦିଗରେ ଆଲୋଚନା କରାଯାଇଥିଲା । ଉକ୍ତ ଯୋଜନାକୁ ସଫଳ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏସ.ଏଚ.ଜିକୁ ଏମ.ଏସ.ଏମ.ଇ ସହ ଯୋଡିବା ଅଭିଯାଜନ ଆରମ୍ଭ ହୋଇଛି। ଏଥିପାଇଁ ଆଗ୍ରହୀ ଉଦ୍ୟୋଗୀମାନଙ୍କୁ ଶିବିର ଜରିଆରେ ସରକାରୀସ୍ତରରେ ଯୋଗାଇ ଦିଆଯାଉଥିବା ବିଭିନ୍ନ ସାହାଯ୍ୟତା ସଂପର୍କରେ ସୂଚନା ଦିଆଯାଇଛି । ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବରେ ଯାଜପୁର ଜିଲ୍ଲା ଶିଳ୍ପ କେନ୍ଦ୍ର, କଳିଙ୍ଗନଗରର ସହକାରୀ ପରିଚାଳକ ନିରଞ୍ଜନ ନାୟକ ଯୋଗଦେଇ ରସୁଲପୁର ବ୍ଲକ ଭଳି ଏକ କୃଷି ଭିତ୍ତିକ ଅଞ୍ଚଳରେ ଅଣୁ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନର ପର୍ଯ୍ୟାପ୍ତ ଭିତ୍ତିଭୂମୀ ରହିଛି। ସ୍ଥାନୀୟ ଅଞ୍ଚଳରେ ଉତ୍ପାଦିତ କୃଷି ଜାତ ଦ୍ରବ୍ୟରୁ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ଖୋଲିବା, ବିଭିନ୍ନ ଗାଁ ଗଣ୍ଡାରେ କୌଳିକ ବୃତ୍ତିର ବିକାଶ ଘଟାଇବା, ନାନା ପ୍ରକାର ବୃତ୍ତିରେ ନିୟୋଜିତ ଶ୍ରମିକ ଓ କର୍ମଚାରୀମାନଙ୍କର ରୋଜଗାରକୁ ଦ୍ୱିଗୁଣିତ କରିବା ପାଇଁ ପୁରୁଣା କର୍ମଶାଳାର ଉନ୍ନତିକରଣ କରିବା, ନୂତନ କର୍ମଶାଳା ଓ ସାମଗ୍ରୀ ଉତ୍ପାଦନ କରିବା ପାଇଁ ଇଚ୍ଛୁକ ଉଦ୍ୟୋଗୀମାନଙ୍କୁ ବ୍ୟାଙ୍କ ପକ୍ଷରୁ ଋଣ ସହାୟତା ଦିଆଯାଉଛି । ରିହାତୀ ଦରରେ ଉନ୍ନତ ଯନ୍ତ୍ରପାତି ଯୋଗାଇ ଦିଆଯାଉଛି । ସରକାରୀ ସହାୟତାରେ ବିଭିନ୍ନ କିସମର ଶିଳ୍ପ ପ୍ରତିଷ୍ଠାନକରି ଉଲ୍ଲେଖନୀୟ ସଫଳତା ହାସଲ କରୁଥିବା ଉଦ୍ୟୋଗୀମାନଙ୍କୁ ବିଭାଗ ପକ୍ଷରୁ ସମ୍ମାନିତ କରାଯାଉଥିବା ବ୍ୟବସ୍ଥା ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ମିଶନଶକ୍ତି ବିଭାଗର ବ୍ଲକ ପ୍ରକଳ୍ପ ପରିଚାଳକ ଶ୍ରୀନିବାସ ଦାସ, ଜିଲ୍ଲା ଶିଳ୍ପ କେନ୍ଦ୍ରର ଶିଳ୍ପ ବିକାଶ ଅଧିକାରୀ ସଂଜୟ କୁମାର ଦାସ, ମିଶନଶକ୍ତି ବ୍ଲକ ସଂଯୋଜିକା ସରିତା ଜେନା ପ୍ରମୁଖ ଯୋଗଦେଇ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିକାଶ ଦିଗରେ ମହିଳାମାନଙ୍କର ଭୂମିକା ଓ ଦାୟିତ୍ୱ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଶିଳ୍ପ ବିକାଶ ଅଧିକାରୀ ଅଙ୍କୁର ଚନ୍ଦ୍ର ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଏମବିକେ ସସ୍ମିତା ଆଏଚ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଶିବିରରେ ୫୦ରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇ ସଚେତନ ହୋଇଥିଲେ । ଶିବିରାର୍ଥୀମାନେ ନିଜ ଅଞ୍ଚଳର ମହିଳାମାନଙ୍କୁ ସଚେତନ କରାଇବା ସହ ଆର୍ଥିକ ଅନଗ୍ରସର ପରିବାର ଲୋକମାନଙ୍କୁ ଆର୍ଥିକ ଅଭିବୃଦ୍ଧିକରଣ ଓ ଏମ.ଏସ.ଏମ.ଇ ଯୋଜାନରେ ସାମିଲ କରିବାକୁ ପରାମର୍ଶ ଦିଆଯାଇଛି । ଏହି ପଞ୍ଚାୟତ ଇଚ୍ଛାପୁର ଗ୍ରାମର ସଫଳ ଉଦ୍ୟୋଗୀ ଅଜୟ କୁମାର ରଣା ଯୋଜନା ଜରିଆରେ ବ୍ୟାଙ୍କରୁ ଋଣ ନେଇ କୁଆଖିଆ ବଜାରଠାରେ କାଠ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ଏହି ୟୁନିଟରେ ୩ଜଣ ପିଲାଙ୍କୁ ନିଯୁକ୍ତି ଦେଇ ମାସିକ ୩୦ହଜାର ଟଙ୍କା ଦରମା ପ୍ରଦାନ କରୁଛନ୍ତି। ନିଜେ ଆତ୍ମ ନିର୍ଭରଶୀଳ ହୋଇପାରିବା ସହ ୩ଟି ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି ବୋଲି ମତ ରଖିଥିଲେ । ସଫଳ ଉଦ୍ୟୋଗୀଙ୍କୁ ଶିବିରରେ ସମ୍ବର୍ଦ୍ଧିତ କରାଯାଇ ଥିଲା ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୨।୧।୨୦୨୪, ମାଘ ଦି୧୦ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୦୬।୨୪।୩୯** **ଚନ୍ଦ୍ରୋଦୟ- ଦିଘ୨।୨୭।୧୨**

ଦ୍ୱାଦଶୀ- ରାଘ ୭।୫୨ ପର୍ଯ୍ୟନ୍ତ । ମୃଗଶିରା ନକ୍ଷତ୍ର-ଦିଶାନ୍ତ ୪।୫୮ ପର୍ଯ୍ୟନ୍ତ । ବୃଷ ଚନ୍ଦ୍ର -ଦିଘ ୪/୨୩ ପର୍ଯ୍ୟନ୍ତ। **ଚନ୍ଦ୍ର ଶୁଦ୍ଧି** -ମେଷ, ବୃଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ବିଛା ରାଶିର ଦିଘ ୪/୨୩ ଗତେ କନ୍ୟା ରାଶିର। **ନିଷିଦ୍ଧ ଖାଦ୍ୟ-** ପୋଇ ଶାଗ ରାଘ ୭/୫୨ ପରେ ବାଇଗଣଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଘ ୭।୫୦ ମଧ୍ୟେ ଦିଘ ୧।୫୨ ଗତେ ଘ ୧।୪ ମଧ୍ୟେ । **ପର୍ବୋତ୍ସବ -** ଅଯୋଧାରେ ଶ୍ରୀ ରାମଲାଲ୍‌ଙ୍କ ପ୍ରାଣ ପ୍ରତିଷ୍ଠା ଦିବସ।



**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି। ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।



**ବୃଷ:** ଦୁଃସାଧ୍ୟ କାର୍ଯ୍ୟ କରି ସହଯୋଗ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ।, ବନ୍ଧୁଙ୍କ ସହଯୋଗ ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ମାଲିମୋକଦମାରେ ଶୁଣାଣି ବିଳମ୍ବ ହୋଇପାରେ।



**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ। ଆୟର ପରିମାଣ ବଢିପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।



**କର୍କଟ:** କର୍ମକ୍ଷେତ୍ରରେ ଲକ୍ଷ୍ୟ ହାସଲ ହେବ।ଅତିଥି ସେବାର ସୁଯୋଗ ଲାଭ କରିବେ। ବନ୍ଧୁଙ୍କ ଆଗମନରେ ସନ୍ଦେହ ସୃଷ୍ଟି କରିବ। ଖର୍ଚ୍ଚର ପରିମାଣ ବଢିବ। ଗୃହେ ସୁଖ ଓ ଶାନ୍ତି ଅକ୍ଷୁର୍ଣ୍ଣ ରହିବ।



**ସିଂହ:** କାର୍ଯ୍ୟକ୍ଷେତ୍ରରେ ସାମାନ୍ୟ ବିଳମ୍ବ ଦେଖାଦେବ। ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି।



**କନ୍ୟା:** ଅଣ୍ଟି ଛୁରୀ ତଣ୍ଟି କାଟିଲା ପରି ଆପଣାର ଲୋକ ବିଶ୍ୱାସଘାତକ କରିପାରନ୍ତି। ରୋଜଗାର ମଧ୍ୟ ହେବ। ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଫଳ ପାଇବେ। ଘରେ କଳହ ଓ ଅଶାନ୍ତି ଦେଖାଦେବ।



**ତୁଳା:** ବ୍ୟବସାୟରେ ଲାଭବାନ ହେବେ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଦେଖାଦେବ। ବନ୍ଧୁ ଦର୍ଶନ ସହିତ ସାହାର୍ଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ। ଆୟରେ ଉନ୍ନତି।



**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ଘରେ ସୁଖ ଶାନ୍ତି ରହିବ। ଉତ୍ତମ ଭୋଜନ କରିପାରନ୍ତି। ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ।



**ଧନୁ:** ହଠାତ୍ କୌଣସି ଖବର ପାଇ ଆସଦିତି ହେବେ। ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ରୋଜଗାର ଭଲ ହେବ।



**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଦୁଶ୍ଚିନ୍ତା ଦେଖାଦେବ। ମନ ଅସ୍ଥିର ରହିବ।



**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି। ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ଆୟରେ ଉନ୍ନତି ଦେଖାଦେବ। ଦେହ ଭଲ ରହିବ।



**ମୀନ:** ଅତ୍ୟଧିକ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିବେ। ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇ ପାରନ୍ତି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଶାନ୍ତିର ବାତାବରଣ ରହିବ।

# ଜିଲ୍ଲା କାର୍ଯ୍ୟାଳୟରେ ଉଦ୍‌ଘାଟିତ ହେଲା ଇଭିଏମ୍ ଭିଭିପାଟ ପ୍ରଦର୍ଶନ କେନ୍ଦ୍ର

**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ମତଦାନ ସମୟରେ ଇ.ଭି.ଏମ୍. ଓ ଭିଭିପାଟ ଯନ୍ତ୍ରର ବ୍ୟବହାର ସମ୍ବନ୍ଧରେ ଭୋଟରମାନଙ୍କୁ ଅବଗତ କରାଯିବା ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଇଭିଏମ୍ ଓ ଭିଭିପାଟ ପ୍ରଦର୍ଶନ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରାଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଫିତାକାଟି ଏହି କେନ୍ଦ୍ରକୁ ଉଦ୍‌ଘାଟନ କରି ବିଶେଷ କରି ନୂତନ ଓ ଅନଭିଜ୍ଞ ଭୋଟରମାନଙ୍କୁ ଏହି ଶିକ୍ଷା ଇଭିଏମ୍ ଓ ଭିଭିପାଟର ବ୍ୟବହାର କ୍ଷେତ୍ରରେ ଖୁବ୍ ସହାୟକ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଡେପୁଟୀ କଲେକ୍ଟର ନିର୍ବାଚନ ସାଗରିକା ସାହୁ, ସ୍ୱତନ୍ତ୍ର ଭୂଅର୍ଜ୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟକି ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ଏହି କେନ୍ଦ୍ର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲା ରହିବ। ଏହି ଦୁଇ ଯନ୍ତ୍ରର ବ୍ୟବହାର ଓ ଉପାଦେୟତା ସମ୍ବନ୍ଧରେ ଶିକ୍ଷା ଦେବାପାଇଁ ଜିଲ୍ଲା ପ୍ରଶାସନ ତରଫରୁ ୨ ଜଣଙ୍କୁ ନିୟୋଜିତ କରାଯାଇଛି। ଇଭିଏମ୍‌ରେ ମତଦାନ ପରେ ଭିଭିପାଟ ଜରିଆରେ ଭୋଟର ମାନେ କିପରି ନିଜ ମତଦାନ କୁ ଯାଞ୍ଚ କରିପାରିବେ ସେ ସମ୍ପର୍କରେ ଏଠାରେ ଭୋଟର ମାନେ ଅଭିଜ୍ଞତା ହାସଲ କରିପାରିବେ। ଫେବୃୟାରୀ ୨୯ ତାରିଖ ପର୍ଯ୍ୟନ୍ତ ଏହି କେନ୍ଦ୍ର କାର୍ଯ୍ୟକ୍ଷମ ରହିବା ନେଇ ସୂଚନା ଦିଆଯାଇଛି। ପ୍ରକାଶ ଥାଉ କି ଭୋଟର ମାନଙ୍କୁ ସଚେତନତା କରାଯିବା ଉଦ୍ଦେଶ୍ୟରେ ଭ୍ରାମ୍ୟମାଣ ଇଭିଏମ୍ ଓ ଭିଭିପାଟ ଭ୍ୟାନ ଜରିଆରେ ଗ୍ରାମାଞ୍ଚଳରେ ପରିକ୍ରମା କରି ପ୍ରତ୍ୟେକ ବୁଥ୍ ଓ ଗ୍ରାମମାନଙ୍କ ପ୍ରଦର୍ଶନ କରାଯାଇ ଶିକ୍ଷା ଦିଆଯାଉଛି। ଏହି କାର୍ଯ୍ୟ ମଧ୍ୟ ଫେବୃୟାରୀ ୨୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ବିଭାଗୀୟ କର୍ମଚାରୀ କୃଷ୍ଣଚନ୍ଦ୍ର ରାଉତ, ଆବୁଫୈଜ ପ୍ରମୁଖ ଏହି ଉଦ୍‌ଘାଟନ ଉତ୍ସବ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ।

29 YEARS
ସମ୍ବାଦ କଳିକା

# ଗ୍ରାହକଙ୍କୁ ମିଳିବ ନାହିଁ ଆଶ୍ୱସ୍ତି

ପେଟ୍ରୋଲ୍, ଡିଜେଲ୍ ଉପରେ ଗ୍ରାହକମାନଙ୍କୁ ନିକଟ ଭବିଷ୍ୟତରେ କୌଣସି ଆଶ୍ୱସ୍ତି ମିଳିବ ନାହିଁ। ଲିଟର ପିଛା ତୈଳ ବିକ୍ରି ଉପରେ କମ୍ପାନୀମାନେ ୧୦ ଟଙ୍କା ଲାଭ କରୁଥିବା ସତ୍ତ୍ୱେ କେନ୍ଦ୍ର ସରକାର ଟିକସ କମ କରିବେ ନାହିଁ ବୋଲି ବିଶେଷଜ୍ଞମାନେ ଭାବୁଛନ୍ତି। ବର୍ଷକ ତଳେ ପେଟ୍ରୋଲ ଉପରୁ ଟିକସ ହ୍ରାସ କରାଯାଇଥିଲା। ତା'ପରଠାରୁ ପେଟ୍ରୋଲ୍‌ର ଦାମ ୧୦୦ ଟଙ୍କାରୁ ଅଧିକ ରହିଛି ଯେହେତୁ ପେଟ୍ରୋଲ ଓ ଡିଜେଲ ଦାମ୍ କମ ହେଉନାହିଁ, ତେଣୁ ଅତ୍ୟାବଶ୍ୟକ ସାମଗ୍ରୀ ଓ ପନିପରିବା ଦାମ୍‌ରେ ମିଳିବାକୁ ଥିବା ଆଶ୍ୱସ୍ତି ମଧ୍ୟ ବିଳମ୍ବ ହେବାରେ ଲାଗିଛି।

ଚଳିତ ଆର୍ଥିକ ବର୍ଷରେ ତିନି ସରକାରୀ ତେଲ କମ୍ପାନିଗୁଡ଼ିକର ମିଳିତ ଲାଭ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆଶା କରାଯାଉଛି। ଯାହା ଗତବର୍ଷ ୩୦ ହଜାର କୋଟି ଟଙ୍କା ଥିଲା। ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ବାର୍ଷିକ ହାରାହାରି ଲାଭ ୬୦,୦୦୦ କୋଟି ଟଙ୍କା ପାଖାପାଖି ରହୁଥିଲା। ଏଥର କିନ୍ତୁ ସେଥିରେ ରେକର୍ଡ ହେବ। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦାମ ବ୍ୟାରେଲ ପିଛା ପ୍ରାୟ ୮୫ ଡଲାର ପାଖାପାଖି ସ୍ଥିର ହୋଇଯାଇଥିବାରୁ ଇଣ୍ଡିଆନ ଅଏଲ୍, ଭାରତ ପେଟ୍ରୋଲିୟମ ଓ ହିନ୍ଦୁସ୍ତାନ ପେଟ୍ରୋଲିୟମ ପେଟ୍ରୋଲ ଓ ଡିଜେଲ୍ ଉପରେ ୮-୯ ଟଙ୍କା ଲାଭ କରୁଛନ୍ତି। କିନ୍ତୁ ତେଲ ଦରବୃଦ୍ଧିକୁ ଅଟକାଇ ଦିଆଯାଇଥିବାରୁ ଗ୍ରାହକମାନଙ୍କୁ ତାହାର ଲାଭ ମିଳୁନାହିଁ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
(କ୍ରମଶଃ)

# ସମାନ ସୁଯୋଗ ଓ ସମାନ ପ୍ରତିନିଧିତ୍ୱ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଭାରତୀୟ ସମ୍ବିଧାନ ଉଭୟ ସମାନ ସୁଯୋଗ ଓ ସମାନ ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଏ। ସମାନ ସୁଯୋଗ କହିଲେ ସମସ୍ତ ନାଗରିକଙ୍କୁ ନିଜ ବ୍ୟକ୍ତିତ୍ୱର ବିକାଶ ପାଇଁ ସମାନ ସୁଯୋଗ ପ୍ରଦାନ କରେ। ସମାନ ପ୍ରତିନିଧିତ୍ୱ କହିଲେ ସମାଜରେ ଥିବା ବିଭିନ୍ନ ସାମ୍ବିଧାନିକ ଗୋଷ୍ଠୀକୁ ସମାନ ପ୍ରତିନିଧିତ୍ୱ କାରିବାର ସୁଯୋଗ ଦିଏ। ଗୋଟିଏ ପଟେ ଜାତି, ଧର୍ମ, ସମ୍ପ୍ରଦାୟ, ଲିଙ୍ଗ ପ୍ରଭୃତି ଭେଦରେ କୌଣସି ପ୍ରତିବନ୍ଧକ ରଖେ ନାହିଁ। ଅର୍ଥାତ୍ ସମସ୍ତେ ସମାନ ସୁଯୋଗ ପାଆନ୍ତି। ଅନ୍ୟପଟେ ଏହି ସୁଯୋଗକୁ ସଂକୁଚିତ କରାଯାଇ ପାରିବ, ଯଦି ଜାତି, ଧର୍ମ, ସମ୍ପ୍ରଦାୟ ଓ ଲିଙ୍ଗ ଭେଦରେ କୌଣସି ଗୋଷ୍ଠୀ ବିକାଶର ଦୌଡରେ ପଛରେ ପଡିଥାନ୍ତି। ସମ୍ବିଧାନର ଏହି ପ୍ରକ୍ରିୟାକୁ ପରସ୍ପରର ବିରୋଧୀ ତତ୍ତ୍ୱ ବୋଲି ଅନେକେ ଯୁକ୍ତି କରିଥାନ୍ତି। ବାସ୍ତବରେ ଏହା ପରସ୍ପରର ବିରୋଧୀ ତତ୍ତ୍ୱ ନୁହେଁ। ଏହା ଗୋଟିଏ ତତ୍ତ୍ୱର ବିଭିନ୍ନ ପ୍ରୟୋଗ। ଏହା ବ୍ୟକ୍ତିକୁ ଯେଉଁପରି ସମାନ ସୁଯୋଗ ପ୍ରଦାନ କରେ, ସେହିପରି ଅନଗ୍ରସର ଗୋଷ୍ଠୀକୁ ମଧ୍ୟ ସମାନ ପ୍ରତିନିଧିତ୍ୱ କାରିବାର ସୁଯୋଗ ପ୍ରଦାନ କରେ। ଆମ ସମ୍ବିଧାନ ସମତାଭିତ୍ତିକ ସମାଜର ପରିକଳ୍ପନା କରେ।

ସମ୍ବିଧାନର ଧାରା ୧୬ ଦେଶର ସମସ୍ତ ନାଗରିକଙ୍କୁ ସମାନ ସୁଯୋଗ ପ୍ରଦାନ କରେ। ଏଥିପାଇଁ ଧର୍ମ, ଜାତି, ସମ୍ପ୍ରଦାୟ, ଲିଙ୍ଗ ପ୍ରଭୃତି ପ୍ରତିବନ୍ଧକ ହୁଏ ନାହିଁ। ଧାରା ୧୪ ରୁ ୧୮ ପର୍ଯ୍ୟନ୍ତ ସମାନତାକୁ ସାମ୍ବିଧାନିକ ଅଧିକାରଭାବେ ସୁନିଶ୍ଚିତ କରାଯାଇଛି। ଏହା ବ୍ୟକ୍ତିଗତ ସମାନତାକୁ ଗୁରୁତ୍ୱ ଦିଏ। ଅନ୍ୟପଟେ ସମ୍ବିଧାନର ଧାରା ୩୪୦, ୩୪୧ ଓ ୩୪୨ ଗୋଷ୍ଠୀଗତ ମାନ୍ୟତା ପ୍ରଦାନ କରେ ଓ ଏହାରି ମାଧ୍ୟମରେ ସମାନତାକୁ ସୁନିଶ୍ଚିତ କରେ। ଧାରା ୩୪୦ ଓବିସି ମାନଙ୍କୁ, ଧାରା ୩୪୧ ଏସସିମାନଙ୍କୁ ଓ ଧାରା ୩୪୨ ଏସଟିମାନଙ୍କୁ ଚିହ୍ନଟ କରେ ଏବଂ ବିଭିନ୍ନ କ୍ଷେତ୍ରରେ ସମାନ ପ୍ରତିନିଧିତ୍ୱର ସୁଯୋଗ ପ୍ରଦାନ କରେ। ଏହା କେବଳ ରାଜନୀତି କ୍ଷେତ୍ରରେ ସମାନ ପ୍ରତିନିଧିତ୍ୱର ସୁଯୋଗ ତିଆରି କରେ ତାହା ନୁହେଁ, ଏହା ସହିତ ଚାକିରି ଓ ଶିକ୍ଷା କ୍ଷେତ୍ରରେ ମଧ୍ୟ ସମାନ ପ୍ରତିନିଧିତ୍ୱର ବ୍ୟବସ୍ଥା କରେ। ସମ୍ବିଧାନ ଗୋଟିଏ ପଟେ ବ୍ୟକ୍ତିଗତ ସମାନତା ପ୍ରଦାନ କରୁଥିବା ବେଳେ ଅନ୍ୟପଟେ ଗୋଷ୍ଠୀଗତ ସମାନତାକୁ ମଧ୍ୟ ଗୁରୁତ୍ୱ ଦିଏ। ଏହା ପରସ୍ପରର ବିରୋଧୀ ନୁହେଁ, ବରଂ ପରସ୍ପରର ପରିପୂରକ। ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ସହିତ ସାମାଜିକ ବିକାଶର ଏକ ମିଳିତ ପ୍ରଚେଷ୍ଟା।

ସାମାଜିକ ଅସମାନତାରୁ ବିଭିନ୍ନ ସାମ୍ବିଧାନିକ ଗୋଷ୍ଠୀ ତିଆରି ହୋଇଛି। ଏଗୁଡ଼ିକ ହେଉଛି ଏସଟି, ଏସସି ଓ ଓବିସି। ଏହି ଗୋଷ୍ଠୀଗୁଡିକର ପରିଚୟ ହେଉଛି ଏମାନେ ଅନଗ୍ରସର ବର୍ଗର। ବିଭିନ୍ନ ପ୍ରକାର ସାମାଜିକ ସ୍ଥିତି ଓ ତାରତମ୍ୟକୁ ନେଇ ଏହି ପ୍ରକାର ବର୍ଗର ସୃଷ୍ଟି ହୋଇଛି। ଜାତିବ୍ୟବସ୍ଥା ଭାରତୀୟ ସମାଜର ଜଟିଳ ସୃଷ୍ଟି। ଏହା ସାମାଜିକ, ଧାର୍ମିକ, ପାରମ୍ପରିକ ଓ ଆର୍ଥିକ ଚେତନାର ମିଳିତ ପରିପ୍ରକାଶ। ଯାହା ସାମାଜିକ ବିଭେଦକୁ ଚିରନ୍ତନ କରିଛି। ସ୍ୱାଧୀନୋତ୍ତର ଭାରତରେ ଏହି ବିଭେଦକୁ ହଟାଇବାରେ ଗୋଟିଏ ପ୍ରଭାବଶାଳୀ ମାଧ୍ୟମ ହେଉଛି ଗୋଷ୍ଠିଗତ ସାମ୍ୟତା ସ୍ଥାପନ। ଅର୍ଥାତ ବିକାଶ ଦୃଷ୍ଟିରୁ ଅନଗ୍ରସର ବର୍ଗ ଓ ଅଗ୍ରସର ବର୍ଗ ମଧ୍ୟରେ ସମାନତା ସ୍ଥାପନ। ଦେଶରେ ଯଦି ଜାତିବ୍ୟବସ୍ଥା ନଥାନ୍ତା ଓ ଏହାକୁ ନେଇ ସାମାଜିକ ତାରତମ୍ୟ ସୃଷ୍ଟି ହୋଇନଥାନ୍ତା ତେବେ ଗୋଷ୍ଠୀଗତ ସମାନତାର ଆବଶ୍ୟକତା ନଥାନ୍ତା। ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ର ତୁଲ୍ୟ ଭାରତରେ ଜାତିବିହୀନ ସମାଜ ଥିଲେ ଧାରା ୩୪୦ ରୁ ୩୪୨ ପର୍ଯ୍ୟନ୍ତ ଆବଶ୍ୟକତା ପଡ଼ନ୍ତା ନାହିଁ।

ସମ୍ବିଧାନରେ ଯଦି ଗୋଷ୍ଠୀଗତ ସମାନତା ସ୍ଥାପନ ପାଇଁ ବ୍ୟବସ୍ଥା ନଥାନ୍ତା ତେବେ ଭାରତୀୟ ସମାଜ କ୍ରମେ ଅଧିକରୁ ଅଧିକ ଅସନ୍ତୁଳିତ ହୋଇଯାଆନ୍ତା। ଦେଶର ସମସ୍ତ ସୁବିଧା ସୁଯୋଗ ଅଗ୍ରସର ବର୍ଗ ହାତକୁ ଚାଲିଯାଆନ୍ତା। ଅନଗ୍ରସର ବର୍ଗ ଆହୁରି ତଳକୁ ଚାଲିଯାଆନ୍ତା। ଅନଗ୍ରସର ବର୍ଗରୁ ଆସୁଥିବା ବ୍ୟକ୍ତିବିଶେଷ କଦାପି ଅଗ୍ରସର ବର୍ଗର ବ୍ୟକ୍ତିବିଶେଷଙ୍କ ସହିତ ପ୍ରତିଯୋଗିତା କରିପାରନ୍ତେ ନାହିଁ। ହୁଏତ ଦୁଇଚାରି ଜଣ ପ୍ରତିଯୋଗିତାକୁ ଆସନ୍ତେ, କିନ୍ତୁ ବିରାଟ ସମୁଦାୟ ପୂର୍ବପରି ପଛରେ ପଡିଥାଆନ୍ତା। ଆଜି ଅନଗ୍ରସର ବର୍ଗରୁ ଯେଉଁ କେତେକେ ମୁଖ୍ୟ ସ୍ରୋତକୁ ଆସିବାର ସୁଯୋଗ ପାଇଛନ୍ତି ତାହା ସମ୍ଭବପର ହୁଅନ୍ତା ନାହିଁ। ଏବେବି ସମାଜରେ ଗୋଷ୍ଠୀଗତ ସମାନତା, ଅର୍ଥାତ ଅଗ୍ରସର ଓ ଅନଗ୍ରସର ବର୍ଗ ମଧ୍ୟରେ ସମାନତା ଆସିଛି ବୋଲି କୁହାଯାଇ ପାରିବ ନାହିଁ। ହୁଏତ ରାଜନୀତି କ୍ଷେତ୍ରରେ ଅନୁସୂଚୀତ ବର୍ଗ ସମାନ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଉଛନ୍ତି ସଂରକ୍ଷିତ ଆସନରୁ ନିର୍ବାଚନ ଲଢି, କିନ୍ତୁ ପ୍ରକୃତ ନେତୃତ୍ୱ ଏମାନଙ୍କ ହାତରେ ନାହିଁ। ଓବିସିମାନେ ବିଭିନ୍ନ ରାଜ୍ୟରେ ନିଜସ୍ୱ ନେତୃତ୍ୱ ନିର୍ମାଣରେ କିଛି ମାତ୍ରାରେ ସଫଳ ହୋଇଛନ୍ତି। ଏଯାଏଁ ଦେଶରେ ଅନଗ୍ରସର ବର୍ଗଙ୍କ ମିଳିତ ନେତୃତ୍ୱ ତିଆରି ହୋଇନାହିଁ। ରାଜନୈତିକ କ୍ଷମତା ଦୃଷ୍ଟିରୁ ଏମାନେ ଏଯାଏଁ ସମାନ ଭାଗିଦାରୀରୁ ପଛରେ ଅଛନ୍ତି।

ଚାକିରି ଓ ଶିକ୍ଷା କ୍ଷେତ୍ରରେ ଏସଟି, ଏସସି ଓ ଓବିସିମାନେ ଏଯାଏଁ ସମାନ ଭାଗିଦାରୀ ହୋଇପାରି ନାହାଁନ୍ତି। ଉଚ୍ଚ ସାଧାରଣ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ଏମାନେ ଏବେବି ପଛରେ ପଡ଼ିଛନ୍ତି। ଡାକ୍ତରୀ ଓ ଇଞ୍ଜିନିୟରିଂ ତଥା ବିଶ୍ୱବିଦ୍ୟାଳୟ ସ୍ତରୀୟ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏମାନଙ୍କ ସଂଖ୍ୟାର ପରିସଂଖ୍ୟାନ କଲେ ଜଣାପଡ଼ିଯିବ ଏମାନେ ସମାନ ଭାଗିଦାରୀଠାରୁ କେତେ ତଳେ ଅଛନ୍ତି। ସଂରକ୍ଷଣ ସୁବିଧା ସତ୍ତ୍ୱେ ଏମାନେ ସମତୁଲ୍ୟ ଅବସ୍ଥାକୁ ଆସିପାରି ନାହାଁନ୍ତି। ସେହିପରି ଚାକିରି କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା। ଅନୁସୂଚୀତ ବର୍ଗ ଓ ଓବିସି ବର୍ଗର କେତେ ଜଣ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଚାକିରୀରେ ଅଛନ୍ତି ତାହାର ମଧ୍ୟ ହିସାବ କରାଯାଇ ପାରିବ। ଏ କ୍ଷେତ୍ରରେ ମଧ୍ୟ ନୈରାଶ୍ୟ ଜନକ ଅବସ୍ଥା। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗୁଡିକରେ ଏମାନଙ୍କ ପ୍ରତିନିଧିତ୍ୱ ଅତ୍ୟନ୍ତ ନୈରାଶ୍ୟ ଜନକ। ନିକଟରେ ଓଡ଼ିଶାରେ ଡାକ୍ତର ନିଯୁକ୍ତି କ୍ଷେତ୍ରରେ ଅନୁସୂଚୀତ ବର୍ଗର ପ୍ରାର୍ଥୀଙ୍କ ଅଭାବ ପରିଲକ୍ଷିତ ହୋଇଛି। ନିକଟରେ ଯେଉଁ ଓଜେଏସ୍ ଫଳ ପ୍ରକାଶ ପାଇଛି ସେଥିରୁ ଏସଟିରୁ ଜଣେ, ଏସସିରୁ ଚାରିଜଣ ଓ ଏସଇବିସିରୁ ଏଗାର ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏ ହାର ଅତ୍ୟନ୍ତ ନ୍ୟୁନ। ଏହା ସମସ୍ତଙ୍କୁ ଜଣା ଯେ ଉଚ୍ଚ ନ୍ୟାୟାଳୟର ବିଚାରପତି ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସମାନ ପ୍ରତିନିଧିତ୍ୱ ନାହିଁ।

ଅନଗ୍ରସର ବର୍ଗଙ୍କ ଅନଗ୍ରସରତାର କାରଣ ବହୁ ପୁରାତନ। ହଜାର ହଜାର ବର୍ଷର ସାମାଜିକ ଓ ଅର୍ଥନୈତିକ ତାଡନାର ଫଳ। ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ଅନେକାଂଶରେ ତାର ପରିବେଷ୍ଟିତ ସାମାଜିକ ଅବସ୍ଥାର ପ୍ରଭାବ ଦ୍ୱାରା ନିୟନ୍ତ୍ରିତ ହୁଏ। ବ୍ୟକ୍ତିତ୍ୱର ବିକାଶରେ ସମାଜର ପ୍ରଭାବକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। ଯେଉଁମାନେ ଦୀର୍ଘ ସମୟ ଧରି ସାମାଜିକ ଓ ଆର୍ଥିକଭାବେ ତଳେ ପଡ଼ିଛନ୍ତି ସେମାନେ ଏତେଶୀଘ୍ର ବ୍ୟକ୍ତିତ୍ୱର ପ୍ରତିଯୋଗିତାରେ ସମତୁଲ୍ୟ ହୋଇ ପାରିବେ ନାହିଁ। ତେଣୁ ସମସ୍ତଙ୍କୁ ସମାନ ସମାନତାର ସୁଯୋଗ ଅନଗ୍ରସର ବର୍ଗ ପାଇଁ ଲାଭଦାୟକ ହେବ ନାହିଁ। ବରଂ ଏହା ବିଷମ ସମାଜକୁ କ୍ଷୀପ୍ରତର କରିବ। ଯେଉଁଦିନ ଅନଗ୍ରସର ବର୍ଗ ଶିକ୍ଷା, ଚାକିରୀ, ରାଜନୀତି ଓ ଅର୍ଥିକ ସ୍ଥିତି ଦୃଷ୍ଟିରୁ ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ ସେହିଦିନଠାରୁ ଏ ସମସ୍ତ ବର୍ଗର ଆବଶ୍ୟକତା ପଡିବ ନାହିଁ। ଏପରି ପରିସ୍ଥିତିରେ ସମାନ ପ୍ରତିନିଧିତ୍ୱର ପ୍ରଶ୍ନ ମଧ୍ୟ ଉଠିବ ନାହିଁ।

# ପାକିସ୍ତାନରେ ଇରାନର ସର୍ଜିକାଲ ଷ୍ଟ୍ରାଇକ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ପାକିସ୍ତାନର ବାଲୁଚିସ୍ତାନ ପ୍ରଦେଶରେ ଇରାନ ସର୍ଜିକାଲ ଷ୍ଟ୍ରାଇକ କେବଳ ଆତଙ୍କବାଦୀ ସଂଗଠନ ଉପରେ ଆକ୍ରମଣ ନୁହେଁ, ଇସ୍ରାଏଲ-ହମାସ ମଧ୍ୟରେ ଚାଲିଥିବା ଯୁଦ୍ଧର ପ୍ରତିଫଳନ ବୋଲି କୁହାଯାଇପାରେ। ଆତଙ୍କବାଦୀ ସଂଗଠନ ଜୈସ-ଅଲ-ଅଦଲର ବାଲୁଚିସ୍ତାନରେ ଥିବା ଶିବିର ଉପରେ ଇରାନ ଅତର୍କିତ କ୍ଷେପଣାସ୍ତ୍ର ମାଡ କରିଥିଲା। କ୍ଷେପଣାସ୍ତ୍ରର ମାଡରେ ୨ଜଣ ପିଲାଙ୍କ ସମେତ ୪ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାରେ ପ୍ରତିଶୋଧାତ୍ମକ ପଦକ୍ଷେପ ସ୍ୱରୁପ ପାକିସ୍ତାନ ଇରାନର ସୀମାନ୍ତ ଅଂଚଳରେ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ଏଥିରେ ୨ଜଣ ପିଲାଙ୍କ ସହ ୯ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ବହୁ ଆହତ ହୋଇଛନ୍ତି। ତେବେ ସମସ୍ତ ମୃତାହତ ଇରାନର, ନାଗରିକ ନୁହଁନ୍ତି, ସେମାନେ ବାଲୁଚିସ୍ତାନର ଶରଣାର୍ଥୀ ବୋଲି ତେହେରାନ ଦାବି କରିଛି। ତେବେ ଦୁଇଦେଶ ମଧ୍ୟରେ ଉତ୍ତେଜନା କେବଳ କ୍ଷେପଣାସ୍ତ୍ର ଆକ୍ରମଣ ମଧ୍ୟରେ ସୀମିତ ରହିନାହିଁ। ଉତ୍ତେଜନା କୁଟନୈତିକ ସ୍ତରକୁ ବ୍ୟାପିଛି। ଏହି ଘଟଣାରେ ପାକିସ୍ତାନ ଇରାନର ରାଷ୍ଟ୍ରଦୂତଙ୍କୁ ବହିଷ୍କାର କରିଥିବାବେଳେ ତେହେରାନରୁ ନିଜର ରାଷ୍ଟ୍ରଦୂତଙ୍କୁ ପ୍ରତ୍ୟାହାର କରିଛି। ସେହିପରି ପାକିସ୍ତାନ କହିଛି ଯେ, ଇରାନର ନାଗରିକଙ୍କ ଉପରେ ନୁହେଁ ବାଲିଚିସ୍ତାନର ଦୁଇ ଆତଙ୍କବାଦୀ ସଂଗଠନ ବାଲୁଚିସ୍ତାନ ଲିବିରେସନ ଆର୍ମୀ (ବିଏଲଏ) ଓ ବାଲୁଚିସ୍ତାନ ଲିବରେସନ ଫ୍ରଂଟ (ବିଲଏଏପ)ର ଆଡ୍ଡାସ୍ଥଳୀ ଉପରେ ଆକ୍ରମଣ କରିଛି। ଏହାର ପରିଣତି ଭୟାବହ ହେବ ବୋଲି ଉଭୟ ରାଷ୍ଟ୍ର ପରସ୍ପରକୁ କଡା ଚେତାବନୀ ଦେଇଛନ୍ତି। ଏହା ନିସନ୍ଦେହ ଯେ, ଗୋଟିଏ ମୁସଲିମ ରାଷ୍ଟ୍ର ଅନ୍ୟ ଗୋଟିଏ ମୁସଲିମ ରାଷ୍ଟ୍ର ଉପରେ ଆତର୍କିତ ପ୍ରଚଣ୍ଡ କ୍ଷେପଣାସ୍ତ୍ର ଆକ୍ରମଣ ଘଟଣା ସାଂପ୍ରତିକ ସମୟରେ ପରିସ୍ଥିତିକୁ ଗମ୍ଭୀର କରିବା ସଂକେତ ପ୍ରଦାନ କରୁଛି। ଉଲ୍ଲେଖଯୋଗ୍ୟ ଯେ, ଇସ୍ରାଏଲ-ହମାସ ମଧ୍ୟରେ ଯୁଦ୍ଧ ଏବେ ୧୦୦ଦିନ ଅତିକ୍ରମ କରିଛି। ଗଜାରେ ଇସ୍ରାଏଲ ନରସଂହାର ସାଙ୍ଗକୁ ଧ୍ୱଂସର ତାଣ୍ଡବ ରଚିଥିବାବେଳେ ହମାସର ଆକ୍ରମଣରେ ଇସ୍ରାଏଲର କ୍ଷତି ମଧ୍ୟ କିଛି କମ୍ ନୁହେଁ। ମିଳିଥିବା ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୨୪ହଜାରରୁ ଅଧିକ ଲୋକ ଯୁଦ୍ଧର ବିଭୀଷିକାର ମୃତ୍ୟୁ ମୁଖରେ ପଡିଥିବାବେଳେ ଯୁଦ୍ଧ ଏବେ କେବଳ ଇସ୍ରାଏଲ-ପାଲେଷ୍ଟାଇନ ମଧ୍ୟରେ ସୀମିତ ରହିନାହିଁ। ଯୁଦ୍ଧ ଏବେ ସିରିଆ, ଲେବାନନକୁ ବ୍ୟାପିଥିବା ବେଳେ ମଧ୍ୟ ପ୍ରାଚ୍ୟରେ ସକ୍ରିୟ ଥିବା ବହୁ ଆତଙ୍କବାଦୀ ସଂଗଠନ ମଧ୍ୟ ହମାସ ସପକ୍ଷରେ ବାହାରି ଆତଙ୍କର ବିଭୀଷୀକା ସୃଷ୍ଟି କରିଛନ୍ତି। ସେହିପରି ଇସ୍ରାଏଲ ମଧ୍ୟ ଲେବାନନ ଓ ସିରିଆ ଉପରେ କ୍ଷେପଣାସ୍ତ୍ର ମାଡ କରି ହେଜବୁଲା, ହମାସ ଓ ଇରାନର କମାଣ୍ଡୋମାନଙ୍କୁ ଟାର୍ଗେଟ କରିଛି। ଅପରପକ୍ଷରେ ଦକ୍ଷିଣ ଲେବାନନରୁ ହେଜବୁଲା ଆତଙ୍କବାଦି ସଂଗଠନ ଇସ୍ରାଏଲ ସେନା ବିରୁଦ୍ଧରେ ଯୁଦ୍ଧ ଚଳାଇଥିବାବେଳେ ଇରାନ ସମର୍ଥିତ ଆତଙ୍କବାଦୀମାନେ ଇରାକ ଓ ସିରିଆ ମାଟିରେ ଯୁକ୍ତରାଷ୍ଟ୍ର ଆମେରିକରେ ଯବାନମାନଙ୍କ ରୂପରେ ଆକ୍ରମଣ ଜାରି ରଖିଛନ୍ତି। ସେହିପରି ଇରାନ ସମର୍ଥିତ ହେମେନର ହୁଇଥି ଆତଙ୍କବାଦୀ ସଂଗଠନ ଇତିମଧ୍ୟରେ ଲୋହିତ ସାଗରକୁ ଏକ ଯୁଦ୍ଧ କ୍ଷେତ୍ରରେ ପରିଣତ କରି ଦେଇଛି। ଆମେରିକା ମଧ୍ୟ ପ୍ରତିଶୋଧ ପରାୟଣ ହୋଇ ଇରାକ୍, ସିରିଆ ଓ ୟେମେନ ବିରୁଦ୍ଧରେ ଆକାଶ ମାର୍ଗରୁ ଆକ୍ରମଣ ଜାରି ରଖିଛି। ଆମେରିକାର ଆକ୍ରମଣରେ ବହୁ 'ହୁଉଥି' ଆତଙ୍କବାଦୀ ନିହତ ହେବା କୁହାଯାଏ। ସିଆ ଆତଙ୍କବାଦୀ ଗୋଷ୍ଠୀକୁ ମଧ୍ୟ ଆମେରିକା ନିଶାଣ କରିଛି । ପଶ୍ଚିମ ଏସୀୟ ଅଂଚଳରେ ଅସ୍ଥିରତା ଏବଂ ଯୁଦ୍ଧର ବିଭୀଷିକା ଉଗ୍ରରୂପ ନେଉଥିବାବେଳେ ନିକଟରେ ସୁନ୍ନି ଆତଙ୍କବାଦୀ ଗୋଷ୍ଠୀ (ଆଇଏସ) ଇରାନରେ ଆତ୍ମଘାତୀ ଆକ୍ରମଣରେ ୧୦୦ ଅଧିକ ନିହତ ହୋଇଥିଲେ। ନିକଟରେ ଇରାନ ପାକିସ୍ତାନର ବାଲୁଚିସ୍ତାନ ଏବଂ ସିରିଆରେ କ୍ଷେପଣାସ୍ତ୍ର ମାଡ କରି ସୁନ୍ନି ସମର୍ଥିତ ଆତଙ୍କବାଦି ଗୋଷ୍ଠୀର ଆଡ୍ଡାସ୍ଥଳୀ ଧ୍ୱଂସ କରି ଦେଇଥିବାବେଳେ ଇରାକର ଖୁର୍ଦ୍ଦିସ୍ତାନରେ କ୍ଷେପଣାସ୍ତ୍ର ମାଡ କରି ଇସ୍ରାଏଲ ଗୋଇନ୍ଦା ସଂସ୍ଥାର ଏକ ଶିବିରକୁ ଧ୍ୱଂସ କରି ଦେଇଥିବା ଦାବି କରିଛି। ଏହା ନିସନ୍ଦେହରେ ଗାଜା ଉପରେ ଇସ୍ରାଏଲର ଆକ୍ରମଣ ପରିପ୍ରେକ୍ଷୀରେ ମଧ୍ୟପ୍ରାଚ୍ୟରେ ଏବେ ଅରାଜକତା ମୁଣ୍ଡ ଟେକିଛି। ସମସ୍ତ ଆନ୍ତର୍ଜାତିକ ଆଇନ କାନୁନ ଏବଂ ରାଷ୍ଟ୍ରର ସାର୍ବଭୌମତ୍ୱ ଆଦର୍ଶକୁ ଉଲଂଘନ କରି ନିଜ ନିଜର ନିରାପତ୍ତାକୁ ସୁଦୃଢ କରିବା ଲାଗି ଏକ ତରଫା ଭାବେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏକ ଆଦର୍ଶରେ ପରିଣତ ହୋଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। ଯାହାକି ଏବେ ଅଶାନ୍ତି, ଉତ୍ତେଜନା ଏବଂ ଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି। ଏଥିରେ ସନ୍ଦେହ ନାହିଁ ଯେ, ଇରାନ ଓ ପାକିସ୍ତାନ ମଧ୍ୟରେ ବନ୍ଧୁତ୍ୱ କାହାରିକୁ ଅଛପା ନାହିଁ। ଏହା ସତ୍ତ୍ୱେ ଦୁଇ ରାଷ୍ଟ୍ର ପରସ୍ପର ଉପରେ କ୍ଷେପଣାସ୍ତ୍ର ମାଡ କରିବା କେବଳ ପଶ୍ଚିମ ଏସିଆ ପାଇଁ ନୁହେଁ ଦକ୍ଷୀଣ ଏସିୟ ଅଂଚଳ ପାଇଁ ଉଦ୍‌ବେଗର କାରଣ ହୋଇଛି। ଅନ୍ୟପକ୍ଷରେ ଇରାନର ଦାବି ମଧ୍ୟ ଅଯଥାର୍ଥ ନୁହେଁ। ପାକିସ୍ତାନର ପ୍ରୋତ୍ସାହନରେ ବହୁ ଆତଙ୍କବାଦୀ ଗୋଷ୍ଠୀ ଏବେ ସକ୍ରୀୟ। ସେଥିମଧ୍ୟରୁ ଜୈସ-ଅଲ-ଅଦଲ ଆତଙ୍କବାଦୀ ସଂଗଠନ ଅନ୍ୟତମ। ଯିଏକୁ ସୁନ୍ନି ଆତଙ୍କବାଦୀ ସଂଗଠନ ତଥା ଆଇଏସ ଦ୍ୱାରା ପରିଚାଳିତ। ଆତଙ୍କବାଦ ପ୍ରତି ଭାରତ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଥିବାରୁ ଆତ୍ମରକ୍ଷା ପାଇଁ ଇରାନ ସର୍ଜିକାଲ ଷ୍ଟ୍ରାଇକ କରିଥିବା କହିଛି। ଅତୀତରେ ତଥା ୨୦୧୮ରେ ଭାରତ ପାକିସ୍ତାନର ସର୍ଜିକାଲ ଷ୍ଟ୍ରାଇକ କରି ବହୁ ଆତଙ୍କବାଦୀ ଆଡ୍ଡାସ୍ଥଳକୁ ଧ୍ୱଂସ କରିଦେଇଥିଲା। ଜୈସ-ଅଲ-ବଦର ଭାରତୀୟ ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କୁ ଅପହରଣ କରିଥିଲା ଯାହାଙ୍କୁ ପାକିସ୍ତାନର ଏକ ସାମରିକ ଅଦାଲତ ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ମାମଲା ଏବେ ବିଶ୍ୱ ଅଦାଲତରେ ବିଚାରଧୀନ । ଏହା ନିସନ୍ଦେହ ଯେ ଇରାନର ତିନୋଟି ସାର୍ବଭୌମତ୍ୱ ରାଷ୍ଟ୍ର ବିରୁଦ୍ଧରେ ସର୍ଜିକାଲ ଷ୍ଟ୍ରାଇକ ଏବେ ଇସ୍ରାଏଲ -ହମାସ ଯୁଦ୍ଧ ନୂତନ ମୋଡ ନେଇଛି।

# ସାମ୍ପ୍ରତିକ ସମୟରେ ବାଣିଜ୍ୟ ଶିକ୍ଷା



ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ
ମୋ: ୯୪୩୮୦୭୦୮୪୯

ଭାରତରେ ବାଣିଜ୍ୟ ଶିକ୍ଷା ଆରମ୍ଭ କରିବା କ୍ଷେତ୍ରରେ ମାଡ୍ରାସ ଥିଲା ପ୍ରଥମ। ୧୯୧୩ ମସିହାରେ ପ୍ରଥମ ବାଣିଜ୍ୟ କଲେଜ ପ୍ରତିଷ୍ଠା ହେଲା ଏବଂ ସ୍ନାତକୋତ୍ତର ବାଣିଜ୍ୟ (ବି.କମ୍) ପାଠ୍ୟକ୍ରମ ଆରମ୍ଭ ହେଲା। ସମାନ ଭାବରେ ୧୯୨୫ରେ ମାଷ୍ଟର ଅଫ କମର୍ସ (ଏମ.କମ୍) ପରିଚିତ ହେଲା। କ୍ରମାଗତ ଭାବରେ ଅନେକ ବୃତ୍ତିଗତ ଅନୁଷ୍ଠାନ ଯେପରିକି ଭାରତୀୟ ଇନଷ୍ଟିଚ୍ୟୁଟ ଅଫ ବ୍ୟାଙ୍କିଂ, ଇନଷ୍ଟିଚ୍ୟୁଟ ଅଫ କଷ୍ଟ ଏବଂ ର୍କସ ଆକାଉଣ୍ଟାଣ୍ଟସ୍, ଇନଷ୍ଟିଚ୍ୟୁଟ ଅଫ ଚାଟାର୍ଡ ଆକାଉଁଣ୍ଟାଣ୍ଟସ ଦେଶ ମାଧ୍ୟମରେ ବାଁଣିଜ୍ୟ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଷ୍ଠା କଁରାଯାଇଥିଲା। ୧୯୫୨ ମସିହାରେ ମାଧ୍ୟମିକ ଶିକ୍ଷା ଆୟୋଗ ବାଣିଜ୍ୟକୁ ମାଧ୍ୟମିକ ବିଦ୍ୟାଳୟ ସ୍ତରର ଏକ ମୁଖ୍ୟ ସ୍ରୋତ ଭାବରେ ଅନ୍ତର୍ଭୁକ୍ତ କରିବାକୁ ସୁପାରିଶ କରିଥିଲା। ବାଣିଜ୍ୟ ଶିକ୍ଷା ଆରମ୍ଭରେ ଏକ ସ୍ଥିର ଅଭିବୃଦ୍ଧି ଘଟିଥିଲା। କିନ୍ତୁ ବିଂଶ ଶତାବ୍ଦୀର ପ୍ରାରମ୍ଭରେ (୧୯୨୦-୧୯୪୦) ଭାରତ ବାଣିଜ୍ୟିକ ଶିକ୍ଷାନୁଷ୍ଠାନ ଗୁଡ଼ିକର ଦ୍ରୁତ ଅଭିବୃଦ୍ଧିର ସାକ୍ଷୀ ରହିଲା। ଦିନକୁ ଦିନ ବାଣିଜ୍ୟ ଶିକ୍ଷାର ଭୂମିକା ବୃଦ୍ଧି ପାଉଛି ଏବଂ ଗତ ବର୍ଷ ତୁଳନାରେ ବାଣିଜ୍ୟ ଶିକ୍ଷା ପାଇଁ ନାମ ଲେଖାଇଥିବା ଛାତ୍ର ସଂଖ୍ୟା ବୃଦ୍ଧି ପାଉଛି। ଅତୀତରେ ପାରମ୍ପାରିକ ଶିକ୍ଷା ବ୍ୟବସ୍ଥା ଜାରି ରହିଥିଲା କିନ୍ତୁ ସମୟ ବଦଳି ଯାଇଛି। ସମ୍ପ୍ରତି ଭାରତର ଶିକ୍ଷା ବ୍ୟବସ୍ଥାରେ ବାଣିଜ୍ୟ ସମସ୍ତଙ୍କ ମଧ୍ୟରେ ଏକ ଅଗ୍ରଣୀ ସ୍ରୋତ ଅଟେ। ବାଣିଜ୍ୟରେ ଅନେକ ଶାଖା ଅଛି ଯେପରିକି ବାଣିଜ୍ୟ, ପରିବହନ, ଗୋଦାମ, ବୀମା, ବ୍ୟାଙ୍କି, ବିଜ୍ଞାପନ ଇତ୍ୟାଦି। ଛାତ୍ର ଛାତ୍ରୀମାନେ ସେମାନଙ୍କ ପ୍ରତିଭା ଦେଖାଇବା ପାଇଁ ଏକାଧିକ ସେକ୍ଟରରେ ନିୟୋଜିତ ହୋଇପାରିବେ ।

ଏକବିଂଶ ଶତାବ୍ଦୀ ହେଉଛି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଯୁଗ। ସାମ୍ପ୍ରତିକ ପରିସ୍ଥିତିରେ ବିଜ୍ଞାନର ପ୍ରଚାର ପ୍ରସାର ତଥା ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ବହୁଳମାତ୍ରାରେ ଦେଖିବାକୁ ମିଳୁଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଯୋଗା ଯୋଗ, ବାଣିଜ୍ୟ, ଇତ୍ୟାଦି କ୍ଷେତ୍ରରେ ଏହାର ପ୍ରୟୋଗାତ୍ମକ ଚିତ୍ର ଦେଖିବା ପାଇଁ ମିଳୁଛି। ଆଧୁନିକତାର ସ୍ପର୍ଶରେ ଆମେ ବିଜ୍ଞାନ ଯୁଗର ଗ୍ରାହକ ବନିଗଲେଣି। କିନ୍ତୁ ଏ ସବୁ ସତ୍ତ୍ୱେ ବି ବାଣିଜ୍ୟ ଶିକ୍ଷାର ଗୁରୁତ୍ୱ ବି କିଛି କମ ନୁହେଁ । ଯେକୌଣସି ରାଷ୍ଟ୍ରର ବିକାଶ ପାଇଁ ସୁଦୃଢ ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ରହିଛି। ସେହିପରି ଭାରତର ଅଭିବୃଦ୍ଧି, ବିକାଶ କ୍ଷେତ୍ରରେ ଭାରତ ସରକାର ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ପରିବର୍ତ୍ତିତ ବିଶ୍ୱରେ ତିଷ୍ଠି ରହିବା ପାଇଁ ହେଲେ ଶିକ୍ଷା ସର୍ବୋତ୍କୃଷ୍ଟ ମାର୍ଗ ବୋଲି ହୃଦୟଙ୍ଗମ କରି, ଭାରତ କାହିଁକି ପ୍ରତ୍ୟେକ ଦେଶ ନିଜର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ କରିଥାନ୍ତି। ଆମ ଦେଶ ଭାରତର ଶିକ୍ଷା ବ୍ୟବସ୍ଥା ଟି ହେଉଛି ପ୍ରମୁଖ ଶୃଙ୍ଖଳିତ ବ୍ୟବସ୍ଥା। ପ୍ରାଚୀନ କାଳରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ସମୟ ସହ ତାଳ ଦେଇ ଭାରତ ତା'ର ଶିକ୍ଷା ବ୍ୟବସ୍ଥା ଟି ପ୍ରଚଳନ କରିଆସୁଛି। ଅଧୁନା ଭାରତରେ କଳା, ବିଜ୍ଞାନ ଓ ବାଣିଜ୍ୟ ନାମରେ ୩ଗୋଟି ପ୍ରମୁଖ ବିଭାଗ ପ୍ରଚଳିତ ହେଉଅଛି। ତନ୍ମଧ୍ୟରୁ ବାଣିଜ୍ୟ ଶିକ୍ଷା ଅନ୍ୟତମ। ବାଣିଜ୍ୟ ଶିକ୍ଷାର ପରିଚୟ ୧୮୮୬ ମସିହାରେରେ ଅନୁଷ୍ଠିତ ହୋଇଥିଲା। ଭାରତରେ ବାଣିଜ୍ୟ ଶିକ୍ଷା ଆରମ୍ଭ କରିବା କ୍ଷେତ୍ରରେ ମାଡ୍ରାସ ଥିଲା ପ୍ରଥମ। ୧୯୧୩ ମସିହାରେ ପ୍ରଥମ ବାଣିଜ୍ୟ କଲେଜ ପ୍ରତିଷ୍ଠା ହେଲା ଏବଂ ସ୍ନାତକୋତ୍ତର ବାଣିଜ୍ୟ (ବି.କମ୍) ପାଠ୍ୟକ୍ରମ ଆରମ୍ଭ ହେଲା। ସମାନ ଭାବରେ ୧୯୨୫ରେ ମାଷ୍ଟର ଅଫ କମର୍ସ (ଏମ.କମ୍) ପରିଚିତ ହେଲା। କ୍ରମାଗତ ଭାବରେ ଅନେକ ବୃତ୍ତିଗତ ଅନୁଷ୍ଠାନ ଯେପରିକି ଭାରତୀୟ ଇନଷ୍ଟିଚ୍ୟୁଟ ଅଫ ବ୍ୟାଙ୍କିଂ, ଇନଷ୍ଟିଚ୍ୟୁଟ ଅଫ କଷ୍ଟ ଏବଂ ର୍କସ ଆକାଉଣ୍ଟାଣ୍ଟସ୍, ଇନଷ୍ଟିଚ୍ୟୁଟ ଅଫ ଚାଟାର୍ଡ ଆକାଉଣ୍ଟାଣ୍ଟସ ଦେଶ ମାଧ୍ୟମରେ ବାଣିଜ୍ୟ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଷ୍ଠା କରାଯାଇଥିଲା। ୧୯୫୨ ମସିହାରେ ମାଧ୍ୟମିକ ଶିକ୍ଷା ଆୟୋଗ ବାଣିଜ୍ୟକୁ ମାଧ୍ୟମିକ ବିଦ୍ୟାଳୟ ସ୍ତରର ଏକ ମୁଖ୍ୟ ସ୍ରୋତ ଭାବରେ ଅନ୍ତର୍ଭୁକ୍ତ କରିବାକୁ ସୁପାରିଶ କରିଥିଲା। ବାଣିଜ୍ୟ ଶିକ୍ଷା ଆରମ୍ଭରେ ଏକ ସ୍ଥିର ଅଭିବୃଦ୍ଧି ଘଟିଥିଲା। କିନ୍ତୁ ବିଂଶ ଶତାବ୍ଦୀର ପ୍ରାରମ୍ଭରେ (୧୯୨୦-୧୯୪୦) ଭାରତ ବାଣିଜ୍ୟିକ ଶିକ୍ଷାନୁଷ୍ଠାନ ଗୁଡ଼ିକର ଦ୍ରୁତ ଅଭିବୃଦ୍ଧିର ସାକ୍ଷୀ ରହିଲା। ଦିନକୁ ଦିନ ବାଣିଜ୍ୟ ଶିକ୍ଷାର ଭୂମିକା ବୃଦ୍ଧି ପାଉଛି ଏବଂ ଗତ ବର୍ଷ ତୁଳନାରେ ବାଣିଜ୍ୟ ଶିକ୍ଷା ପାଇଁ ନାମ ଲେଖାଇଥିବା ଛାତ୍ର ସଂଖ୍ୟା ବୃଦ୍ଧି ପାଉଛି। ଅତୀତରେ ପାରମ୍ପାରିକ ଶିକ୍ଷା ବ୍ୟବସ୍ଥା ଜାରି ରହିଥିଲା କିନ୍ତୁ ସମୟ ବଦଳି ଯାଇଛି। ସମ୍ପ୍ରତି ଭାରତର ଶିକ୍ଷା ବ୍ୟବସ୍ଥାରେ ବାଣିଜ୍ୟ ସମସ୍ତଙ୍କ ମଧ୍ୟରେ ଏକ ଅଗ୍ରଣୀ ସ୍ରୋତ ଅଟେ। ବାଣିଜ୍ୟରେ ଅନେକ ଶାଖା ଅଛି ଯେପରିକି ବାଣିଜ୍ୟ, ପରିବହନ, ଗୋଦାମ, ବୀମା, ବ୍ୟାଙ୍କି, ବିଜ୍ଞାପନ ଇତ୍ୟାଦି। ଛାତ୍ର ଛାତ୍ରୀମାନେ ସେମାନଙ୍କ ପ୍ରତିଭା ଦେଖାଇବା ପାଇଁ ଏକାଧିକ ସେକ୍ଟରରେ ନିୟୋଜିତ ହୋଇପାରିବେ ।

ଉଚ୍ଚ ଜନସଂଖ୍ୟାର ଦେଶ ଭାରତରେ ଦିନକୁ ଦିନ ଜନସଂଖ୍ୟା ବିସ୍ଫୋରଣ ହେବାରେ ଲାଗିଛି। ଅନୁରୂପ ଭାବେ ବିଶ୍ୱର ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଜାତିସଂଘର ଆକଳନ ଅନୁସାରେ ୨୦୨୫ ମସିହା ବେଳକୁ ବିଶ୍ୱର ଜନସଂଖ୍ୟା ୮୦୦ କୋଟି ପାର ହୋଇଯିବ। ଯଦି ଏହା ସତ୍ୟ ପ୍ରମାଣିତ ହୁଏ ତେବେ ବିଶାଳ ଜନ ସମୁଦ୍ରକୁ ମୌଳିକ ଆବଶ୍ୟକତା ଯୋଗାଇବା ଏକ କଷ୍ଟସାଧ ବ୍ୟାପାର ହେବ। ଜନସାଧାରଣମାନଙ୍କୁ ମୌଳିକ ସୁବିଧା ଯୋଗାଇ ସେମାନଙ୍କର ଜୀବନ ଧାରଣର ମାନରେ ଉନ୍ନତି ଆଣିବା ପାଇଁ ବାଣିଜ୍ୟ ଶିକ୍ଷା ଗୁରୁତ୍ୱ ପ୍ରଦାନ କରିଥାଏ।

ବାଣିଜ୍ୟ ଶିକ୍ଷା ଏହାର ସମସ୍ତ ପ୍ରକାଶନରେ ବ୍ୟବସାୟ ଏବଂ ବାଣିଜ୍ୟ ଜଗତର ଅଭିଜ୍ଞତାକୁ ପହଞ୍ଚାଇଥାଏ। ଏହା ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ କୌଶଳ ହାସଲ କରିବାରେ ସାହାଯ୍ୟ କରେ। ଯାହା ସେମାନଙ୍କୁ ବ୍ୟବସାୟର ବିଭିନ୍ନ କାର୍ଯ୍ୟକ୍ଷମ କ୍ଷେତ୍ରରେ ସାହାଯ୍ୟ କରିଥାଏ। ପୋଷ୍ଟ ଉଦାରବାଦୀ ଯୁଗରେ ବାଣିଜ୍ୟ ଶିକ୍ଷା ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ହୋଇଗଲା। ଅର୍ଥନୈତିକ ଅଭିବୃଦ୍ଧିରେ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ଶିକ୍ଷା ମାଧ୍ୟମରେ ସମସ୍ତେ ବ୍ୟବସାୟିକ ପରିବେଶର ସମ୍ମୁଖୀନ ହୋଇଥିଲେ। ବାଣିଜ୍ୟରେ ଭଲ ଏବଂ ସେବା ବିନିମୟ ସହିତ ଜଡିତ ସେହି ସମସ୍ତ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ, ସ୍ଥାନ, ସମୟ, ସୂଚନା, ବିପଦ, ଅର୍ଥ, ବ୍ୟକ୍ତି ଇତ୍ୟାଦି ବିଭିନ୍ନ ପ୍ରତିବନ୍ଧକକୁ ହଟାଇବା ଏହି ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ଅଟେ। (ଉଦାରୀକରଣ, ଘରୋଇକରଣ, ଏକୀକରଣ), ଏହା ଆଧୁନିକ ପ୍ରତିଯୋଗିତାମୂଳକ ବ୍ୟବସାୟ। ଜଗତରେ ବଞ୍ଚିବା ପାଇଁ ଏକ ଚ୍ୟାଲେଞ୍ଜକୁ ବାରଣ କରେ। ଯାହାଫଳରେ ବଜାରରେ ସଂଗଠନକୁ ବଜାୟ ରଖିବା ପାଇଁ ଛାତ୍ରମାନଙ୍କ ମଧ୍ୟରେ ବାଣିଜ୍ୟ ଶିକ୍ଷାର ଆବଶ୍ୟକତା ଅଛି। ବାଣିଜ୍ୟ ଶିକ୍ଷା ବିଭିନ୍ନ ବିଷୟକୁ ଅନ୍ତର୍ଭୁକ୍ତ କରେ ଯାହା ଟିକସ, ଅର୍ଥ, ବ୍ୟାଙ୍କିଂ, ବଣିକ ଏଜେଣ୍ଟ, ଅର୍ଥ, ମାର୍କେଟିଂ, ପରିଚାଳନା, ଅଡିଟ୍, ପରିବହନ, ବିଜ୍ଞାପନ, ଆନ୍ତର୍ଜାତୀୟ ବାଣିଜ୍ୟ, ଗୋଦାମ, ବୀମା, ଆକାଉଣ୍ଟାଣ୍ଟ, ଆଇନ, ଅର୍ଥନୀତି, ପରିସଂଖ୍ୟାନ ଇତ୍ୟାଦି ଟେକ୍ନୋଲୋଜିର ବିସ୍ଫୋରଣ ହେତୁ ମନୁଷ୍ୟର ପ୍ରତ୍ୟେକ କ୍ଷେତ୍ର ପ୍ରଭାବିତ ହେଲା। ଆଜିକାଲି ବ୍ୟବସାୟ ସଂଗଠନର କ୍ରୋଧିତ ଜଟିଳତା ଛାତ୍ରମାନଙ୍କୁ ବାଣିଜ୍ୟ ଶିକ୍ଷା ସହିତ ବାର୍ତ୍ତାଳାପ କରିବା, ବାଧ୍ୟତାମୂଳକ କରିବା, ବାଣିଜ୍ୟ ଶିକ୍ଷା ପ୍ରକୃତରେ ସମସ୍ତଙ୍କ ମଧ୍ୟରେ ସବୁବେଳେ ସବୁଜ ଏବଂ ଗତିଶୀଳ ଅନୁଶାସନ। ଦ୍ରୁତ ପରିବର୍ତ୍ତନ ଏବଂ ବୈଷୟିକ ଯୁଗ ସହିତ ଏହାର ଆମଦାନୀ ଦିନକୁ ଦିନ ବୃଦ୍ଧି ପାଉଛି। ଯେହେତୁ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା ମଧ୍ୟରୁ ଗୋଟିଏ। ତେଣୁ ବାଣିଜ୍ୟର ଶିକ୍ଷାକୁ ପୁନଃ ସଂଗଠିତ କଲେ ଦେଶ ଓ ଜାତିର ବିକାଶ ହେବାର ପରିଚୟ। ବାଣିଜ୍ୟ, ଶିଳ୍ପ, ବଜାର ଏବଂ ବ୍ୟବସାୟର ବିଭିନ୍ନ ଦିଗ ଶିଖିବା ବାଧ୍ୟତାମୂଳକ କଲା। ସାମ୍ପ୍ରତିକ ସମୟରେ ଉଭୟ ମାଧ୍ୟମିକ ଏବଂ ଉଚ୍ଚଶିକ୍ଷା ସ୍ତରରେ ବାଣିଜ୍ୟ ଶିକ୍ଷାର ଭୂମିକା ବୃଦ୍ଧି ପାଉଛି ।

ସାମ୍ପ୍ରତିକ ପରିସ୍ଥିତିକୁ ଲକ୍ଷ୍ୟ କଲେ ଏହା ଜଣାଯାଏ ଯେ, ଏକ ଦେଶର ଅର୍ଥନୈତିକ ଅବସ୍ଥାରେ ପରିବର୍ତ୍ତନ ପାଇଁ ବାଣିଜ୍ୟ ଶିକ୍ଷାର ଗୁରୁତ୍ୱ ନିଶ୍ଚିତ ଅଛି। ଯଦିଓ ଓଡ଼ିଶାରେ କଳା ଓ ବିଜ୍ଞାନ ଷ୍ଟ୍ରିମ ଅପେକ୍ଷା ବାଣିଜ୍ୟରେ ଖୁବ କମ ସଂଖ୍ୟକ ଛାତ୍ର ଛାତ୍ରୀ ଅଛନ୍ତି। କିନ୍ତୁ ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ସମୟ ପରିବର୍ତ୍ତନ ସହ ଧୀରେ ଧୀରେ ବାଣିଜ୍ୟ ଶିକ୍ଷାର ଚାହିଦା ବଢ଼ି ବଢ଼ି ଚାଲିଛି। ଏହି ଶିକ୍ଷାର ଗୁରୁତ୍ୱକୁ ଅନୁଭବ କରି ରାଜ୍ୟ ସରକାର ମଧ୍ୟ ବିଭିନ୍ନ ପ୍ରକାରର ପଦକ୍ଷେପ ନେଉଛନ୍ତି। ଫଳରେ ଏହାର ପ୍ରଚାର ପ୍ରସାର ହେବାରେ ଲାଗିଛି। ବିକଶିତ ଦେଶ ଗୁଡ଼ିକରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ମଧ୍ୟ ଆମ ରାଜ୍ୟରେ ପ୍ରୟୋଗ କରାଯାଉଛି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





## ପି.ଏମ୍.ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରେ ଚୟନ ପରୀକ୍ଷା ପାଇଁ ପ୍ରଶିକ୍ଷଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବାରୋ ସ୍ଥିତ ପି.ଏମ୍.ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରେ ଆସନ୍ତା ୨୦ ତାରିଖ ଶନିବାର ଦିନ ବିଦ୍ୟାଳୟର ଚୟନ ପରୀକ୍ଷା ଥିବାରୁ ଦିଶା ନିର୍ଦ୍ଦେଶ ପ୍ରଶିକ୍ଷଣ ଶିବିର ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠି ହୋଇଯାଇଛି । ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ୯ଟି ବ୍ଲକର ୩୨ଟି କେନ୍ଦ୍ରରେ କେନ୍ଦ୍ରାଧ୍ୟକ୍ଷ ଓ କେନ୍ଦ୍ର ପର୍ଯ୍ୟବେକ୍ଷକ ଏବଂ ବ୍ଲକର ଶିକ୍ଷା ଅଧିକାରୀ ଯୋଗ ଦେଇଥିଲେ । ଜିଲ୍ଲାର ୫ ହଜାର ୬୦୦ ପରୀକ୍ଷାର୍ଥୀ ୮୦ଟି ସ୍ଥାନ ପାଇଁ ୩୨ଟି କେନ୍ଦ୍ରରେ ପରୀକ୍ଷା ଦେବେ । ଏହି ବିଦ୍ୟାର୍ଥୀ ମାନେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି । ସେମାନେ କୃତକାର୍ଯ୍ୟ ହେଲେ ନବୋଦୟ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ପ୍ରବେଶ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିବେ । ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ବିଦ୍ୟାଳୟର ଅଧ୍ୟକ୍ଷ ରୁଦ୍ର ପ୍ରତାପ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ ବାରିକ ପରୀକ୍ଷା ପାଇଁ ଦିଶା ନିର୍ଦ୍ଦେଶ ପ୍ରଦାନ କରିଥିଲେ । ବିଦ୍ୟାଳୟର ଶିକ୍ଷକ ତଥା ପରୀକ୍ଷା ପ୍ରଭାରୀ ବିସ୍ତୃତ ଭାବେ ପରୀକ୍ଷା ପ୍ରଣାଳୀ ସମ୍ବନ୍ଧରେ ଆଲୋଚନା କରିଥିଲେ । ଅନ୍ୟତମ ଶିକ୍ଷକ ଦିଲୀପ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଉପାଧ୍ୟକ୍ଷ ଶଶିକାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଅଧିକ୍ଷକ ରମେଶ ଚନ୍ଦ୍ର ବେହେରା, ସନ୍ତୋଷ କୁମାର ମହାନ୍ତି ଓ ବିଦ୍ୟାଳୟର ଅନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ମାନେ ସହାୟତା କରିଥିଲେ ।

# ସ୍ୱେରେଜ୍ ନାହିଁ:ସମୁଦ୍ରରେ ମିଶୁଛି ଆବର୍ଜନା ପାଣି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହରରେ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ନାହିଁ । ସହରର ଆବର୍ଜନା ପାଣି ସମୁଦ୍ରରେ ମିଶୁଛି । ପରିବେଶ ଦୂଷିତ ହେଉଥିବାରୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ ବିଶୋଧନ ବିନା ଆବର୍ଜନା ପାଣି ନିଷ୍କାସନ କରିପାରିବ ନାହିଁ ବୋଲି ନିର୍ଦ୍ଦେଶ କରିଛି । ହେଲେ ଏହି ନିର୍ଦ୍ଦେଶକୁ ବ୍ରହ୍ମପୁରରେ ଅବମାନନା କରାଯାଉଛି । ସହରରେ ପାଇଖାନାରୁ ବାହାରୁଥିବା ମଳ ଓ ପାଣି ସ୍ୱେପ୍ଟେଜ୍ ପ୍ଲାଣ୍ଟରେ ପରିଚାଳନା କରାଯାଇଛି । ହେଲେ ରୋଷେଇ ଘରୁ, ଗାଧୁଆ ଘରୁ ଏବଂ ବିଭିନ୍ନ ସଂସ୍ଥାରୁ ବାହାରୁଥିବା ଆବର୍ଜନା ପାଣି ପରିଚାଳନା କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ । ଯାହାଫଳରେ ଏହି ଆବର୍ଜନା ପାଣି ସିଧାସଳଖ ସମୁଦ୍ରରେ ମିଶୁଛି । ଏହି ସର୍ଭେ ରିପୋର୍ଟ ଅନୁସାରେ ସହରର ପ୍ରମୁଖ ନାଳ କୁହାଯାଉଥିବା ବାହାନା ଓ ସାପୁଆ ନାଳରେ ସର୍ବାଧିକ ମାତ୍ରାରେ ମଳମୂତ୍ର ରହୁଛି । ବାହାନା ଓ ସାପୁଆ ନାଳ ପାଣିରେ ଟୋଟାଲ୍ କୋଲିଫର୍ମ ୧୦୦ ଏମ୍ଏଲ୍ ପାଣିରେ ୧.୬୦ ଲକ୍ଷ ଏମ୍ପିଏନ୍ ରହୁଛି । ସହର ପାଇଁ ସମୁଦ୍ର ପ୍ରଦୂଷିତ ହେଉଥିବାରୁ ମାନବାଧିକାର କର୍ମୀ ରବୀନ୍ଦ୍ର ମିଶ୍ର ଜାତୀୟ ମାନବାଧିକାର କମିଶନରେ ମାମଲା ଦାଖଲ କରିଛନ୍ତି । ପ୍ରଦୂଷିତ ନାଳ ପାଣି ସମୁଦ୍ରକୁ ନଛାଡ଼ିବା ପାଇଁ ସେ ଏନ୍ଏଚ୍ଆର୍ସିକୁ ଜଣାଇବା ସହ ବିଏମ୍ସି ତୁରନ୍ତ ଏହାର ସମାଧାନ କରିବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ । ବର୍ଷେ ବିତିଯାଇଥିଲେ ମଧ୍ୟ ଏହାର ସମାଧାନ ହୋଇପାରିନାହିଁ । ସେପଟେ ସହରରୁ ପ୍ରତ୍ୟେକ ଦିନ ୩୦ ଏମ୍ଏଲ୍ଡି ଗ୍ରେ ୱାଟର ବାହାରୁଥିବା ସର୍ଭେ କରାଯାଇଛି । ଏହି ପାଣି ବିଶୋଧନ ନହୋଇ ସିଧାସଳଖ ସମୁଦ୍ରରେ ମିଶୁଛି । ବିଏମ୍ସି ପକ୍ଷରୁ ବର୍ତ୍ତମାନ ସହରରେ ଗ୍ରେ ୱାଟର ପରିଚାଳନା ସର୍ଭେ ଆରମ୍ଭ ହୋଇଛି । ଡ଼ିସେମ୍ବର ମାସରୁ ଆରମ୍ଭ ହୋଇଥିବା ସର୍ଭେ ଜାନୁଆରୀ ଶେଷ ସୁଦ୍ଧା ସରିବ ବୋଲି ବିଏମ୍ସି କମିଶନର କହିଛନ୍ତି । ଚାରୋଟି ସ୍ତରରେ ବିଶୋଧନ ପାଇଁ ସର୍ଭେ କରାଯାଉଛି । ଘରୁ ବାହାରୁଥିବା ଆବର୍ଜନା ପାଣି କିପରି ଘର ପାଖରେ ଗାତ ଖୋଳି ତାହା ବିଶୋଧନ କରାଯିବ, ସାହି ସ୍ତରରେ, ସହରର ବିଭିନ୍ନ ଜାଗାରେ ଡ୍ରେନ୍‌ରେ ଏବଂ ସହର ଶେଷରେ ସ୍ୱରେଜ୍ ଟ୍ରିଟ୍ମେଣ୍ଟ ପ୍ଲାଣ୍ଟ ବସାଯିବ । ସର୍ଭେ ସରିବା ପରେ ସହରରେ କେତେ ଆବର୍ଜନା ପାଣି କୋଉଁଠୁ ବାହାରୁଛି ଜଣାପଡ଼ିବ ଏବଂ ସେହି ଆଧାରରେ ଏସ୍ଟିପି ଲଗାଯିବ ବୋଲି କହିଛନ୍ତି ବିଏମ୍ସି କମିଶନର ଜେ. ସୋନାଲ୍ । ସହରରେ ଅନେକ ଘରେ ଏବେ ପାଇଖାନାରେ ଟାଙ୍କି ନାହିଁ । ସେମାନେ ସିଧାସଳଖ ଡ୍ରେନ୍‌କୁ ଛାଡୁଛନ୍ତି । ଦେଢ଼ବର୍ଷ ମଧ୍ୟରେ ୩ ହଜାର ଘରକୁ ନୋଟିସ୍ କରାଯାଇଛି ଏବଂ ଫାଇନ୍ ମଧ୍ୟ ଆଦାୟ କରାଯାଉଛି । ପରିବେଶ ଆଇନ୍ ଅନୁସାରେ ଏଣିକି ସେମାନଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରାଯିବ ବୋଲି କମିଶନର ଶ୍ରୀ ସୋନାଲ୍ କହିଛନ୍ତି । ବାହାନା ନାଳ ଫାଷ୍ଟଗେଟ୍‌ରୁ ଆରମ୍ଭ ହୋଇ ଗୋପାଳପୁର ଜଙ୍କସନ୍ ଗଉଞ୍ଜୁ ହୋଇ ମାର୍କଣ୍ଡିରେ ସମୁଦ୍ରରେ ମିଶୁଛି । ଏହି ନାଳ ପାଣିକୁ ବିଶୋଧନ କରାଯାଉନାହିଁ । ସିଧାସଳଖ ସମୁଦ୍ରକୁ ଛଡ଼ାଯାଉଛି । ଫଳରେ ବିଏମ୍ସିର ବିଷାକ୍ତ ପାଣି ସମୁଦ୍ରରେ ମିଶି ସେଠାର ପରିବେଶକୁ ନଷ୍ଟ କରୁଛି । ସହରର ଆବର୍ଜନା ପାଣି ସହ ବର୍ଷା ପାଣି ସିଧାସଳଖ ଡ୍ରେନ୍‌ରେ ପଡୁଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ । ସେହି ପାଣିକୁ ସ୍ୱରେଜ୍ ମାଧ୍ୟମରେ ବିଶୋଧିତ କରି ପୁନଃ ବ୍ୟବହାର ଉପଯୋଗୀ କଲେ ସହରରେ ପାଣି ସମସ୍ୟା ରହିବ ନାହିଁ । ସହରର ଉପକଣ୍ଠରେ ଥିବା ଚାଷ ଜମିକୁ ନିୟମିତ ଜଳ ଯୋଗାଣ ମଧ୍ୟ ହୋଇପାରିବ ।



## ୮୫ କିଲୋ ଗଞ୍ଜେଇ ସହ କାର୍ ଜବତ:୨ ଗିରଫ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦାରେ ନିଶା କାରବାର ଥମିବାର ନାମ ଧରୁନି । ମଦ ଗଞ୍ଜେଇ ସହ ବ୍ରାଉନ୍ ସୁଗାର ଭଳି ମାରାତ୍ମକ ନିଶା କବଳରେ ଯୁବପିଢ଼ି କବଳିତ ହୋଇ ନିଜ ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲି ଦେବା ସହ ନାନା ଅପରାଧ ଘଟାଉଛନ୍ତି । ତେବେ ବାରିପଦା ଟାଉନ ଥାନାର ଏସଆଇ ରାକେଶ କୁମାର ସୂତାର ଜାତୀୟ ରାଜପଥ ପଲବଣି ରେଲୱେ କ୍ରସିଂ ନିକଟରେ ନିଜର ଟିମ୍ ସହିତ ପାଟ୍ରୋଲିଙ୍ଗ କରୁଥିବା ବେଳେ, ସନ୍ଦେହରେ ଏକ ମାରୁତି ଡିଜାୟାର କାର୍‌କୁ ଅଟକ ରଖି ଯାଞ୍ଚ କରିବାରୁ କାର୍ ଭିତରେ ଗଞ୍ଜେଇ ସହ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବୁଡାମରା ଗ୍ରାମର ଜୟନ୍ତ ଗୋଛାୟତ (୨୯) ଏବଂ ସତ୍ୟଜିତ ଗୋଛାୟତ (୨୪) ନାମକ ଦୁଇଜଣ ଯୁବକ ଥିବାରୁ ସେମାନଙ୍କୁ ଗିରଫ କରିଥିଲା । ଜବତ ଗଞ୍ଜେଇର ଓଜନ ୮୫ କିଲୋ ୬୪୦ ଗ୍ରାମ ହୋଇଥିବାର ଜଣାଯାଇଥିବା ବେଳେ, ଗଞ୍ଜେଇ ସହିତ ମାରୁତି କାର୍, ୩ଟି ମୋବାଇଲ ଫୋନ୍, ନଗଦ ୧୧ ହଜାର ୪୪୦ ଟଙ୍କା ଆଦି ଜବତ କରିଥିବାର ଜଣାଯାଇଛି । ଏବାବଦରେ ବାରିପଦା ଟାଉନ ଥାନାରେ କେଶନଂ ୩୪/୧୭ ମୂଳେ ମାମଲା ରୁଜୁ କରି ଆସାମୀ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବାର ମୟୁରଭଞ୍ଜ ଏସପି ଏସ. ସୁଶ୍ରୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।



## ୧୯୮୬ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ବାରଙ୍ଗ ସ୍ଥିତ ଝୁନଝୁନୱାଲା ବିଦ୍ୟାପୀଠରେ ୧୯୮୬ ମସିହା ମାଟ୍ରିକ୍ ବ୍ୟାଚ୍‌ର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବିଦ୍ୟାପୀଠର ୧୦୦ରୁ ଉର୍ଦ୍ଧ୍ୱ ପୁରୁଣା ଛାତ୍ରଛାତ୍ରୀ ଏକାଠି ହୋଇ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ସମସ୍ତେ ମିଳିମିଶି ପୁରୁଣା ସ୍ମୃତିକୁ ମନେ ପକାଇବା ସହ ଭୋଜି ଖାଇ ବନ୍ଧୁମିଳନ କାର୍ଯ୍ୟକ୍ରମର ବେଶ୍ ମଜା ଉଠାଇଥିଲେ ।

## ବାଲିଗୁଡା ଏନ୍ଏସି ପକ୍ଷରୁ ବୁଲା ଗାଈଗୋରୁ ଧରା ଅଭିଯାନ ଆରମ୍ଭ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**





କନ୍ଧମାଳ ଜିଲ୍ଲା ବାଲିଗୁଡା ସହରରେ ଦିନକୁ ଦିନ ବୁଲା ଗାଈ ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଯୋଗୁଁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିଲା । ବାଲିଗୁଡା ସହର ପ୍ରତିଦିନ ଜନଗହଳି ପୂର୍ଣ୍ଣ ରହୁଥିବା ବେଳେ ବୁଲା ଗାଈ ଗୋରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିଲେ । କେବଳ ବଜାର କାହିଁକି ଟାଉନ୍‌ର ପେଟ୍ରୋଲ ଟାଙ୍କି ଠାରୁ ଆରମ୍ଭ କରି ହନୁମାନ ମନ୍ଦିର, ମିନି ଷ୍ଟାଡିୟମ୍, ବୁଡାଗୁଡା ଛକ, ବସ୍‌ଷ୍ଟାଣ୍ଡ, ପାଟଖଣ୍ଡା ମନ୍ଦିର, ନେହୁରୁ ଛକ, ତ୍ରିବେଦୀ ପାର୍କ, ଗାନ୍ଧୀ ଛକ, ମେଡିକାଲ ଛକ, ଥାନା, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ଆଦିବାସୀ ମହାବିଦ୍ୟାଳୟ ଜେଲ୍ ପର୍ଯ୍ୟନ୍ତ ୫୯ନଂ. ଜାତୀୟ ରାଜପଥରେ ମାଳ ମାଳ ବୁଲା ଗାଈଗୋରୁ ରାସ୍ତା ଉପରେ ବସି ରହୁଥିବାରୁ ପ୍ରତ୍ୟେକ ଦିନ ଛୋଟ ବଡ ଦୁର୍ଘଟଣା ମାନ ଘଟୁଛି । ସ୍ଥାନୀୟ ଏନ୍ଏସି ତରଫରୁ ପୂର୍ବରୁ ବାରମ୍ବାର ଗାଈ ଗୋରୁଙ୍କୁ ନିଜ ଘରେ ରଖିବା ପାଇଁ ବାରମ୍ବାର ପ୍ରଚାର କରାଯିବା ପରେ ମଧ୍ୟ କୌଣସି ପ୍ରକାରେ ସୁଫଳନ ମିଳିବାରୁ ବାଧ୍ୟ ହୋଇ ବାଲିଗୁଡା ଏନ୍ଏସି ତରଫରୁ ବୁଲାଗାଈ ଗୋରୁ ମାନଙ୍କୁ ରାସ୍ତାରୁ ଉଠାଇ ନେବା ପାଇଁ ଏନ୍ଏସି ପକ୍ଷରୁ ଏକ ଗୋରୁ ବୁହା ଗାଡି କିଣାଯାଇଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ମଧୁମିତା କହିଛନ୍ତି । ଗୁରୁବାର ଠାରୁ ତାର ପରୀକ୍ଷା ମୂଳକ ଭାବେ ଆରମ୍ଭ ହୋଇଛି । ପ୍ରଥମ ଦିନରେ ୧୦ଟି ଗାଈକୁ ରାସ୍ତାରୁ ଉଠାଇ ଉକ୍ତ ଗାଡିରେ ନିଆଯାଇଛି ବୋଲି ଏନ୍ଏସି ପକ୍ଷରୁ କୁହାଯାଇଛି । ପ୍ରଥମ ଦିନରେ ବାଲିଗୁଡା ପାଟ୍ରୋଲ ଟାଙ୍କିରୁ କଲେଜ ଶ୍ମଶାନ ପର୍ଯ୍ୟନ୍ତ ଓ ଗାନ୍ଧୀ ଛକରୁ ସୁନାପାଙ୍ଗା ସାହି ଶେଷ ପର୍ଯ୍ୟନ୍ତ ରାସ୍ତା ଉପରେ ଥିବା ଗାଈଗୋରୁଙ୍କୁ ଧରି ଗାଡିରେ ଭର୍ତ୍ତି କରି ବାଲିଗୁଡା ଠାରୁ ବହୁଦୂରରେ ନେଇ ଛାଡି ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ଗାଈଗୋରୁଙ୍କୁ ରଖିବା ପାଇଁ ଏକ କାଞ୍ଜିଆ ହୋଦା ନିର୍ମାଣ କରାଯାଇ ସେଠାରେ ରଖାଯିବ ବୋଲି ଏନ୍ଏସି ପକ୍ଷରୁ କୁହାଯାଇଛି । ଏହି କାର୍ଯ୍ୟକୁ ବାଲିଗୁଡାର ସବୁ ମହଲରେ ପ୍ରଶଂସା କରାଯିବା ସହ ରାସ୍ତାରେ ଟ୍ରାଫିକ୍ ସମସ୍ୟା କମିବା ସହ ଦୁର୍ଘଟଣା ମଧ୍ୟ ରୋକା ଯାଇପାରିବ ବୋଲି ମତ ପ୍ରକାଶ ପାଇଛି ।

## ସାଧାରଣତନ୍ତ୍ର ଦିବସ ଉତ୍ସବ ପାଇଁ ବିଭିନ୍ନ ପ୍ରତିଯୋଗିତା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଆଗାମୀ ୭୫ ତମ ସାଧାରଣତନ୍ତ୍ର ଦିବସକୁ ଭଦ୍ରକ ଜିଲ୍ଲାସ୍ତରରେ ପାଳନ କରାଯିବା ନେଇ ଗତ ୫ ତାରିଖରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକର ନିଷ୍ପତ୍ତି ଅନୁଯାୟୀ ୧୮ ତାରିଖରୁ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ରୋଟାରୀକ୍ଲବ୍, ଭଦ୍ରକର ପୃଷ୍ଠପୋଷକତାରେ ଜିଲ୍ଲା ସଂସ୍କୃତି ଭବନରେ ଓଡ଼ିଆ ଓ ଇଂରାଜୀ ଭାଷାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କ୍ଲବର ସଭାପତି ପ୍ରଣବ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ବ୍ରଜମୋହନ ମିଶ୍ର, ଗୋଲକ ବିହାରୀ ସାହୁ, ସଂଗ୍ରାମ ମହାନ୍ତି ଓଡ଼ିଆ ବକ୍ତୃତା ପାଇଁ ଓ ପ୍ରଫୁଲ୍ଲ ସାହୁ, ରଜନୀକାନ୍ତ ମହାନ୍ତି, ଅଟଳ ବିହାରୀ ନାୟକ ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ । ଓଡ଼ିଆ ବକ୍ତୃତା କନିଷ୍ଠ ବର୍ଗରେ କୋଠାର ହାଇସ୍କୁଲ ଧାମନଗରର ସୁଜାତା ବେହେରା ୧ମ, କୋହ୍ଲ ୟୁ.ପି.ଏମ୍.ଇ ସ୍କୁଲ ତିହିଡ଼ିର ଆର୍ଶୀବାଦ ମହାନ୍ତି ୨ୟ, ଏସ୍.ବି.ଡ଼ି. ଇଣ୍ଟରନ୍ୟାସନାଲ ସ୍କୁଲର ସୋନାକ୍ଷୀ ବଳ ୩ୟ, ବରିଷ୍ଠ ବର୍ଗରେ ଏସ୍.ବି.ଡ଼ି. ଇଣ୍ଟରନ୍ୟାସନାଲ ସ୍କୁଲର ତୃପ୍ତିତନୟା ପଣ୍ଡା ୧ମ, ସରକାରୀ ୟୁ.ପି. ସ୍କୁଲ, ନୀଳକଣ୍ଠପୁରର ରାଜଶ୍ରୀ ଗୌରପଦ୍ମା ଦାସ ୨ୟ, ଏମ୍.ଏମ୍.ସରସ୍ୱତୀ ଶିଶୁମନ୍ଦିରର ଶିବାନୀ ସ୍ୱନ୍ଦନା ସାମଲ ତୃତୀୟ ସ୍ଥାନ ନେଇଛନ୍ତି । ଇଂରାଜୀ ବକ୍ତୃତା କନିଷ୍ଠ ବର୍ଗରେ ଓଡ଼ିଆ ଆଦର୍ଶ ବିଦ୍ୟାଳୟ, ଓଲଙ୍ଗର ଅଭିଜ୍ଞାନ ସାହୁ ୧ମ, ଡ଼ି.ଏଭି ଏସ୍.ଡ଼ି.ପି.ଏସ୍.ର ଆଦର୍ଶ ପଣ୍ଡା ୨ୟ ଏବଂ ଅନ୍ୱେଷା ସିଂ ତୃତୀୟ, ବରିଷ୍ଠ ବର୍ଗରେ ସେଣ୍ଟ ଜାଭିୟର ସ୍କୁଲର ଉଦିପ୍ତା କର ୧ମ, ସାଇ ସୁନୟନା ପରିଡ଼ା ୨ୟ ଏସ୍.ବି.ଡ଼ି.ର ଆସ୍ଥା ନାୟକ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓଲଙ୍ଗର ନିହାର ରଞ୍ଜନ ନାୟକ ଯୁଗ୍ମ ୩ୟ ହୋଇଛନ୍ତି । କ୍ଲବର ବରିଷ୍ଠ ସଦସ୍ୟ ରୋଟାରିଆନ ଅବସରପ୍ରାପ୍ତ ଶିକ୍ଷାବିତ ଗୟାଧର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ରୋଟାରିଆନ୍ ଶୈଳେନ୍ଦ୍ର ନାରାୟଣ ପାଢ଼ୀ, ସନ୍ତୋଷ ନାୟକ, ଉମାକାନ୍ତ ଜେନା ପ୍ରମୁଖ ଏହି ପ୍ରତିଯୋଗିତା ଆୟୋଜନ ଓ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

## ପ୍ରାଚୀନ ଶୈଳୀରେ ମଞ୍ଚସ୍ଥ ହେଲା ଗୀତିନାଟ୍ୟ ଲକ୍ଷ୍ମୀପୁରାଣ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଶ୍ରେଣ୍ଟି ଏକାଡ଼େମୀ, ମା' କଳାପାଟ କ୍ଲବ, ପାଣିସିଆଳି ଓ ଜିଲ୍ଲା ସଂସ୍କୃତି ପରିଷଦର, ସୁବର୍ଣ୍ଣପୁରର ମିଳିତ ଉଦ୍ୟୋଗରେ ସୁବର୍ଣ୍ଣପୁରର ନୂଆଁ ଟାଉନ୍ ହଲ୍‌ରେ ମଞ୍ଚସ୍ଥ ହୋଇଯାଇଛି କବି ବୈଷ୍ଣବ ପାଣି, ମହେଶ୍ୱର ଓ ମାଗୁଣି କବିଙ୍କ ଦ୍ୱାରା ରଚିତ ଗୀତିନାଟ୍ୟ ଲକ୍ଷ୍ମୀପୁରାଣ । ନାଟକ ପ୍ରାରମ୍ଭରେ ମୁଖ୍ୟ ଅତିଥି ଭାବରେ ଆଞ୍ଜଲୀନା ପ୍ରଧାନ ଅତିରିକ୍ତ ଜିଲ୍ଲାପାଳ, ସମ୍ମାନିତ ଅତିଥି ଭାବରେ ତାମସୀ ତାମସ୍ମିତା ନାଏକ, ପୌରାଧ୍ୟକ୍ଷାଙ୍କ ସହିତ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ସହ ଜିଲ୍ଲାପାଳ କେ. ରିଚିକୁମାର, ବରିଷ୍ଠ ଅଭିନେତା ରମେଶ ପ୍ରସାଦ ନାୟକ, ନାଟ୍ୟକାର ଶ୍ୟାମା ଓଁ ପ୍ରସାଦ ମିଶ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଓ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ନାଟ୍ୟ ନିର୍ଦ୍ଦେଶକ ଡକ୍ଟର ପୁରୁଷୋତ୍ତମ ମିଶ୍ର ଓ ଧନ୍ୟବାଦ ଅର୍ପଣ କରିଥିଲେ ଶ୍ରେଣ୍ଟି ଏକାଡ଼େମୀର ସମ୍ପାଦକ ସୁରେଶ ପ୍ରସାଦ ରଥ । ଜଗନ୍ନାଥ ସଂସ୍କୃତି ପ୍ରତି ସାଧାରଣ ଜନତା ଆକୃଷ୍ଟ ହୋଇ ଜଗନ୍ନାଥମୟ ହେବା ନିମନ୍ତେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀର ପ୍ରଯୋଜନାରେ ଓଡ଼ିଶାର ସମଗ୍ର ତିରିଶିଟି ଜିଲ୍ଲାରେ ମଞ୍ଚସ୍ଥ ହୋଇଯାଇଛି ଶ୍ରୀ ଜଗନ୍ନାଥ ସମ୍ପର୍କିତ ନାଟକ । ସେହି କ୍ରମରେ ସୁବର୍ଣ୍ଣପୁରରେ ମଞ୍ଚସ୍ଥ ହେଲା ସମ୍ପୂର୍ଣ୍ଣ ପ୍ରାଚୀନ ଲୋକଶୈଳୀର ଗୀତିନାଟ୍ୟ ଲକ୍ଷ୍ମୀପୁରାଣ ।

## ଧାମନଗରରେ ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକ୍ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ସାଂସଦ ମଞ୍ଜୁଲତା ମଣ୍ଡଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ, ଜିଲ୍ଲା ଚିକିତ୍ସାଧିକାରୀ ସନ୍ତୋଷ କୁମାର୍ ପାତ୍ର, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସଏସଓ) ପବିତ୍ର କୁମାର୍ ଦାସ, ଜଳନ୍ଧର ମଣ୍ଡଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରି ଦିଣ୍ଡା ପ୍ରମୁଖ ଯୋଗଦେଇଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟଜିତ ବେହେରାଙ୍କ ସଂଯୋଜନାରେ ଏହି ଭିନ୍ନକ୍ଷମ ସାମର୍ଥ୍ୟ । ଶିବିରରେ ମୋଟ ୪୦୯ ଜଣ ପଞ୍ଜିକରଣ କରିଥିଲେ । ସେମାନଙ୍କୁ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇ ଚିହ୍ନଟ କରାଯାଇଥିଲା । ସେଥିମଧ୍ୟରୁ ୩୩୬ ଜଣ ସାର୍ଟିଫିକେଟ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏଥିରେ ଶାରୀରିକ ଭିନ୍ନକ୍ଷମ ୧୫୩ ଜଣ, ଶ୍ରବଣ ବାଧିତ ୮୨ ଜଣ, ମାନସିକ ଅନଗ୍ରସର ୬୮ ଜଣ, ଦୃଷ୍ଟି ବାଧିତ ୬୫ ଜଣ । ସେହିପରି ୦ ରୁ ୧୪ ବର୍ଷ ମଧ୍ୟରେ ୪୧ ଜଣ ପଞ୍ଜିକୃତ କରିଥିଲେ । ସେଥିମଧ୍ୟରୁ ସାର୍ଟିଫିକେଟ ପାଇବା ପାଇଁ ଯୋଗ୍ୟ ହୋଇଛନ୍ତି । ଶାରୀରିକ ଭିନ୍ନକ୍ଷମ ୧୨୫ ଜଣ, ଶ୍ରବଣ ବାଧିତ ୭୮ ଜଣ, ମାନସିକ ଅନଗ୍ରସର ୬୩ ଜଣ, ଦୃଷ୍ଟି ବାଧିତ ୫୮ ଜଣ, ୦ ରୁ ୧୪ ବର୍ଷ ମଧ୍ୟରେ ୧୦ ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି । ଖୁବ୍‌ଶୀଘ୍ର ଅନ୍‌ଲାଇନ୍‌ରେ ସାର୍ଟିଫିକେଟ ପାଇପାରିବେ । ତେବେ ବିଦ୍ୟାଳୟ ସବୁ ଖୋଲାଥିବା ବେଳେ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ବନ୍ଦ ରଖାଯାଇ ସେଠାରେ ସାମର୍ଥ୍ୟ ଶିବିର କରିବା ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ଏହି ଶିବିରକୁ ଆସିଥିବା ଦୂରଦୂରାନ୍ତ ପଞ୍ଚାୟତର ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି ।

## ଅସହାୟ ଷଣ୍ଢର ଚିକିତ୍ସାରେ ସହାୟକ ହେଲେ ସମାଜସେବୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଅଶୋକ ନଗର ୫ମ ଗଳି ମୁଖ୍ୟ ରାସ୍ତାରେ ଏକ ଷଣ୍ଢ ଦୁର୍ଘଟଣାର ଶିକାର ହୋଇଥିବା ବେଳେ ଉକ୍ତ ରାସ୍ତା ଦେଇ ଘରକୁ ଫେରୁଥିବା ସମାଜସେବୀ ତଥା ବିଜେଡ଼ି ଯୁବ ନେତା ଏ.ସନ୍ତୋଷ ପାତ୍ରଙ୍କ ନଜରକୁ ଆସିଥିଲା । ସେ ହତ୍ବାକ୍ ହୋଇ କାଳବିଳମ୍ବ ନକରି ଘଟଣା ସମ୍ପର୍କରେ ରାଜ୍ୟ ସରକାରଙ୍କ ତରଫରୁ ଜାରି ହୋଇଥିବା ପଶୁ ସହାୟକ ନମ୍ବର ୧୯୬୨କୁ ଜଣାଇଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ପାଇନଥିଲେ । ଫଳରେ ସେ ଘଟଣା ସମ୍ପର୍କରେ ପଶୁପ୍ରେମୀ ତଥା ସାମ୍ବାଦିକ ଲଲାଟେନ୍ଦୁ ଚୌଧୁରୀଙ୍କ ଦୃଷ୍ଟି ଗୋଚର କରିଥିଲେ । ଖବରପାଇ ଶ୍ରୀ ଚୌଧୁରୀ ଓ ପଶୁ ଚିକିତ୍ସାଳୟର କର୍ମଚାରୀ ହରିଶ୍ଚନ୍ଦ୍ର ନାୟକ, ପ୍ରଣୟ ପ୍ରସାଦ ରେଡ୍ଡୀ ଓ ଦାଶରଥି ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଷଣ୍ଢର ଚିକିତ୍ସା କରିଥିଲେ । ଏଥିରେ ସମାଜସେବୀ ସନ୍ତୋଷ, ସାମ୍ବାଦିକ ପିଣ୍ଟୁ ବେହେରା, କିରଣ କୁମାର ସାହୁଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି ଚିକିତ୍ସାରେ ସହଯୋଗ କରିଥିଲେ । ବର୍ତ୍ତମାନ ଉକ୍ତ ଷଣ୍ଢଟିର ଜୀବନ ରକ୍ଷା ହୋଇ ପାରିବା ସହ ସମାଜସେବୀ ସନ୍ତୋଷଙ୍କ ଏହି ମହାନ କାର୍ଯ୍ୟକୁ ଅଞ୍ଚଳବାସୀ ଭୂରି ଭୂରି ପ୍ରଶଂସା କରିଛନ୍ତି ।



## କେନ୍ଦୁ ପଦର ମଣ୍ଡଳର ଖଣ୍ଡରାବଳି ଠାରେ ବିଜେପିର ପ୍ରସ୍ତୁତି

**ଆସିକା, ନ୍ୟୁଜ୍ ବ୍ୟୁରୋ**

ଆସିକା ବ୍ଲକର କେନ୍ଦୁ ପଦର ଗ୍ରାମ ପଞ୍ଚାୟତର କେନ୍ଦୁ ପଦର ମଣ୍ଡଳର ଆଠ ଗୋଟି ପଞ୍ଚାୟତରେ ବିଜେପି ନେତା ତଥା ପୂର୍ବତନ ବିଧାୟକ ସରୋଜ ପାଢ଼ୀଙ୍କ ଏକ କର୍ମୀ ସମିଳନୀ ଖଣ୍ଡରା ବଳି ଠାରେ ଅନୁଷ୍ଠିତ ହୋଇଯାଇଛି । ଆଠ ଗୋଟି ପଞ୍ଚାୟତର ବଛା ବଛା ଆଗ ଧାଡ଼ିର କର୍ମୀମାନଙ୍କୁ ନେଇ ବିଜେପିର ସାଙ୍ଗଠନିକ ବୈଠକରେ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ପୂର୍ବତନ ବିଧାୟକ ସରୋଜ ପାଢ଼ୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ଶପଥ ନେଇଥିଲେ । ପରେ କମକ୍ଷଗଡ଼ ଗ୍ରାମ ପଞ୍ଚାୟତର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ଧାରାକୁ ଘରେ ଘରେ ପହଞ୍ଚାଇବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଥିବା କହିଛନ୍ତି ବିଜେପି ନେତା ସରୋଜ ପାଢ଼ୀ ।

## ଅସ୍ଥିଶଲ୍ୟ ସମ୍ମିଳନୀରେ ପ୍ରଫେସର ତଥା ପୂର୍ବତନ ଡ୍ରିନ୍ ଅବନୀକାନ୍ତ ମିଶ୍ର ସମ୍ମାନୀତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଅସ୍ଥିଶଲ୍ୟ ସଂଘ ସମ୍ମିଳନୀରେ ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍ ଅସ୍ଥିଶଲ୍ୟ ବିଭାଗ ପୂର୍ବତନ ମୁଖ୍ୟ ତଥା ଡ୍ରିନ୍ ପ୍ରଫେସର ଅବନୀକାନ୍ତ ମିଶ୍ରଙ୍କୁ ଜୀବନବ୍ୟାପି ଅସ୍ଥିଶଲ୍ୟ ସାଧନା ପାଇଁ ସମ୍ମାନୀତ କରାଯାଇଛି । ସ୍ଥାନୀୟ ଭୁବନେଶ୍ୱର ସୋଆ କନ୍‌ଭେନ୍‌ସନ୍ ସେଣ୍ଟରରେ ସଂଘ ପକ୍ଷରୁ ଭାରତୀୟ ଅସ୍ଥିଶଲ୍ୟ ସଂଘର ସଭାପତି ପ୍ରଫେସର ରାମ ଚଢ଼ା ଓ ପଦ୍ମଶ୍ରୀ ଡ଼ା. କୃଷ୍ଣ ମୋହନ ପାଠୀଙ୍କ ଉପସ୍ଥିତିରେ ସମ୍ମାନୀତ କରାଯାଇଛି । ଡ଼ା. ମିଶ୍ର ୧୯୮୨ରୁ ଏମ୍‌କେସିଜିରେ ଅସ୍ଥିଶଲ୍ୟ ସ୍ନାତକୋତ୍ତର ଶିକ୍ଷା ଆରମ୍ଭ କରି ୧୯୮୫ରେ ଶିକ୍ଷା ସମାପନ କରିଥିଲେ । ସେ ଏମ୍‌କେସିଜିରେ ୧୪ ବର୍ଷ ବିଭାଗ ମୁଖ୍ୟ ଏବଂ ଦୁଇ ବର୍ଷ କଲେଜ ଡ୍ରିନ୍ ଦାୟିତ୍ୱରେ ରହିଥିଲେ । ସେ ୨୦୦୯ ରୁ ବ୍ରହ୍ମପୁର ଅସ୍ଥିଶଲ୍ୟ କ୍ଲବ୍‌ର ସଭାପତି ପଦରେ ରହିଛନ୍ତି । ଡ଼ା. ମିଶ୍ରଙ୍କ ଶିକ୍ଷାଦାନ, ରୋଗୀ ସେବା ଓ ପ୍ରଶାସନିକ ଅଭିଜ୍ଞତାକୁ ଆଧାର କରି ଏହି ସମ୍ମାନ ପ୍ରଦାନ କରାଯାଇଛି ।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ସହ ୟୁଥ୍ ଫର୍ ସୋସିଆଲ ଡେଭଲପ୍‌ମେଣ୍ଟର ଏମ୍ଓୟୁ ସ୍ୱାକ୍ଷର

**ବାଲେଶ୍ୱର, ନ୍ୟୁଜ୍**





ଫକୀରମୋହନ ବିଶ୍ୱବିଦ୍ୟାଳୟର ସୋସିଆଲ ୱାର୍କ ବିଭାଗର ସହଯୋଗରେ 'ୟୁଥ୍ ଫର୍ ସୋସିଆଲ୍ ଡେଭଲପ୍‌ମେଣ୍ଟ', ଓଡ଼ିଶା ସମାଜସେବୀ ସଂସ୍ଥାନ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର ସମାରୋହ ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଓ ପିଜି କାଉନ୍‌ସିଲର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ରର ସ୍ୱାକ୍ଷର ବୈଠକ ଅନୁଷ୍ଠିତ ହୋଇଥିଲା । ବିଶ୍ୱବିଦ୍ୟାଳୟ ତରଫରୁ କୁଳସଚିବ କୁଙ୍କୁମୀନା ଦାସ ଓ 'ୟୁଥ୍ ଫର୍ ସୋସିଆଲ୍ ଡେଭଲପ୍‌ମେଣ୍ଟ' ସଂସ୍ଥା ତରଫରୁ ସଂପାଦକ ବିଭୁପ୍ରସାଦ ସାହୁ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଉଭୟ ଅନୁଷ୍ଠାନ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀଙ୍କୁ ମିଳିତ ଭାବେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସାମାଜିକ ପ୍ରସଙ୍ଗମାନଙ୍କୁ ଉତ୍ତୋଳନ କରିବା ସହ ସମାଧାନର ସୂତ୍ର ଜନସାଧାରଣଙ୍କ ମଧ୍ୟରେ ସ୍ଥାପନ କରିବା ଏହି ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସୂଚୀତ କରାଯାଇଥିଲା । ଗବେଷଣା, ସର୍ବେକ୍ଷଣ ଓ ତଥ୍ୟ ସଂଗ୍ରହ ଆଦି ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ ଗୁଡିକରେ ଦୁଇ ଅନୁଷ୍ଠାନ ଉଭୟଙ୍କୁ ସହଯୋଗ ଯୋଗାଇ ଦେବା ସହ ଜାତୀୟ-ଆନ୍ତର୍ଜାତିକ ସ୍ତରର ଆଲୋଚନାଚକ୍ର ଗୁଡିକରେ ଅଂଶଗ୍ରହଣର ସୁଯୋଗ ଉପୁନ୍ନ ହୋଇପାରିବ ବୋଲି କୁଳପତି ପ୍ରଫେସର ତ୍ରିପାଠୀ ଆଶାବ୍ୟକ୍ତ କରିଛନ୍ତି । ବର୍ତ୍ତମାନ ସମାଜରେ ପରିବର୍ତ୍ତନ ଓ ସ୍ଥାୟୀ ବିକାଶର ଲକ୍ଷ୍ୟ ନେଇ ସୋସିଆଲ ସାଇନ୍ସ, ସୋସିଆଲ ୱାର୍କ ଓ ପପୁଲେସନ୍ ଷ୍ଟଡିଜ୍ ଆଦି ପାଠ୍ୟକ୍ରମର ଛାତ୍ରଛାତ୍ରୀଙ୍କୁ ନିଜ ଇଣ୍ଟରସିପ୍ ଗ୍ରହଣ କରିବା ସହ ନିଜ ବୃତ୍ତିଗତ ଜ୍ଞାନ ଆହରଣ ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ ହୋଇପାରିବ ବୋଲି ବିଭୁପ୍ରସାଦ ସାହୁ ଉଲ୍ଲେଖ କରିଥିଲେ । ପପୁଲେସନ୍ ଷ୍ଟଡିଜ୍ ବିଭାଗର ଡ଼କ୍ଟର ଗ୍ରେସ୍ ବି ମୁଣ୍ଡୁ କାର୍ଯ୍ୟକ୍ରମର ସଂଯୋଜକ ତଥା ଆସିଷ୍ଟାଣ୍ଟ ପ୍ରଫେସର ରଶ୍ମିରେଖା ରାଉତ ଓ ଆସିଷ୍ଟାଣ୍ଟ ପ୍ରଫେସର ସୁପ୍ରିୟା ରାଉତ ସଞ୍ଚାଳନ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଏହି କାର୍ଯ୍ୟକ୍ରମରେ ୟୁଥ୍ ଫର୍ ସୋସିଆଲ୍ ଡେଭଲପ୍‌ମେଣ୍ଟର ସଦସ୍ୟ ଚନ୍ଦନ କୁମାର ସାହୁ ତଥା ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ମୁଖ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀମାନଙ୍କ ସହିତ ଅନେକ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏହି ଅବସରରେ ବିଭୁପ୍ରସାଦ ସାହୁଙ୍କ ଦ୍ୱାରା 'ଚାଇଲ୍ଡ ଫ୍ରେଣ୍ଡଲି ଇକୋସିଷ୍ଟମ ଏଣ୍ଡ ରୋଲ ଅଫ ସିଭିଲ ସୋସାଇଟି: ଏ କେସ୍ ଫର୍ ୟୁଥ୍ ଫର୍ ସୋସିଆଲ ଡେଭଲପ୍‌ମେଣ୍ଟ ଇନ୍ ଓଡ଼ିଶା' ବିଷୟବସ୍ତୁ ସମ୍ବନ୍ଧିତ ଏକ ଏକ୍ସଟ୍ରା ମ୍ୟୁରାଲ ଲେକ୍‌ଚରର ଅନୁଷ୍ଠିତ ହୋଇଥିଲା ।

### ଜରୁରୀ କାଳୀନ ସୁବିଧାରୁ ବଞ୍ଚିତ କଳିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

# ରୋଗୀ ହନ୍ତସନ୍ତ:ତୁରନ୍ତ ପ୍ରତିକାର ପାଇଁ ଦାବି

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**





ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଘରେ ଘରେ ଶୌଚାଳୟ ନିର୍ମାଣ ହେଲା । ଗାଁ ଗାଁରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ହେଲା । ସ୍ୱଚ୍ଛତା ନାଁରେ ପ୍ରଚାର ପ୍ରସାର ଚାଲିଲା । ଲକ୍ଷାଧିକ ଟଙ୍କା ବ୍ୟୟ ହେଲା ହେଲେ ଫଳ ଶୂନ । କାରଣ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ଅବସ୍ଥିତ ସ୍ୱାସ୍ଥ୍ୟ କେନ୍ଦ୍ରରେ ନାହିଁ ଶୌଚାଳୟ କି ପରିସ୍ରାଗାର । ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଘୁମୁସର ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ଠାରେ ଅବସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ । କହିବାକୁ ଗଲେ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅବସ୍ଥା ଭଲନାହିଁ । ନାହିଁ ନାହିଁରେ ଚାଲିଛି ଏହି ସ୍ୱାସ୍ଥ୍ୟ କେନ୍ଦ୍ର । ଟୋପାଏ ପିଇବା ପାଣି ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀ ହନ୍ତସନ୍ତ ହେଉଛନ୍ତି । ଗୋଟିଏ ପରିସ୍ରାଗାର କି ଶୌଚାଳୟ ମଧ୍ୟ ନାହିଁ । କଳିଙ୍ଗା ଗ୍ରାମ ପଞ୍ଚାୟତରେ ପ୍ରାୟ ୨୦ଟି ୱାର୍ଡ ଅବସ୍ଥିତ । ଏହା ଘୁ.ଉଦୟଗିରି ବ୍ଲକର ସବୁଠାରୁ ବଡ଼ ପଞ୍ଚାୟତ ଅଟେ । ଏହି ପଞ୍ଚାୟତରେ ପ୍ରାୟ ୧୨,୦୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ନିକଟରେ ଛୋଟ ଛୋଟ ପିଲାଙ୍କର ହଷ୍ଟେଲ ଗୁଡ଼ିକ ଓ ବିଏଡି କଲେଜ, ସିଟି ସ୍କୁଲ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ନିମନ୍ତେ ଏକ ମାତ୍ର ଭରସା କଳିଙ୍ଗା ଡିଏଭି ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ନୂତନ) । ହେଲେ ଅତି ଦୁଃଖର ବିଷୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀଙ୍କ ନିମନ୍ତେ ଏଠାରେ କୌଣସି ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇନାହିଁ । ଅତି ପୁରାତନ ଏକ ନଳକୂପ ଅଛି କିନ୍ତୁ ସେଥିରୁ ବ୍ୟବହାର ଅନୁପଯୋଗୀ କାଦୁଅ ପାଣି ବାହାରୁଛି । ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କ ବ୍ୟବହାର ନିମନ୍ତେ ନିହାତି ଆବଶ୍ୟକ ଏକ ଶୌଚାଳୟ ଟିଏ ମଧ୍ୟ ନାହିଁ । ଲୋକେ ମେଡିକାଲ ପରିସର ମଧ୍ୟରେ କାନ୍ଥରେ ପରିସ୍ରା କରୁଥିବା ଦେଖିବାକୁ ମିଳୁଛି । ଏହି ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଯାନବାହାନ ରଖିବା ନିମନ୍ତେ ପାର୍କିଂର କୌଣସି ସୁବିଧା ମଧ୍ୟ କରାଯାଇନାହିଁ । ଏ ସମ୍ପର୍କରେ କଳିଙ୍ଗାବାସୀ ଅନେକ ଥର ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ଏବଂ ଅଧିକାରୀମାନେ ଯଥାଶୀଘ୍ର କରିବା ନିମନ୍ତେ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ କିନ୍ତୁ ଆଜକୁ ପ୍ରାୟ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ତାହା କେବଳ କାଗଜ କଲମରେ ସୀମିତ ହୋଇ ରହିଛି । ଏଣୁ ଯଥାଶୀଘ୍ର କଳିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ନୂତନ)ରେ ଥିବା ମୌଳିକ ସମସ୍ୟାର ଯଥାଶୀଘ୍ର ସମାଧାନ ନହୁଏ ତେବେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି ।

## ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ଏକାଦଶ ବାର୍ଷିକ କ୍ରୀଡ଼ା ଉତ୍ସବ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**





ଗୋପାଳକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟ ସୁବଳୟା ଖେଳ ପଡ଼ିଆରେ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ଏକାଦଶ ବାର୍ଷିକ କ୍ରୀଡ଼ା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ରୂପେ ସାନରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ହଜାରୀ ରାମ ବେହେରା ଯୋଗଦେଇ କ୍ରୀଡା ଉତ୍ସବକୁ ଉଦଘାଟନ କରିଥିବା ବେଳେ ବିଦ୍ୟାଳୟର ଉପଦେଷ୍ଟା ତଥା ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଶିଶୁଙ୍କୁ କ୍ରୀଡ଼ାର ମହତ୍ୱ ବୁଝାଇଥିଲେ । ସମ୍ମାନିତ ଅତିଥି ରୂପେ ଶିକ୍ଷକ ଗଣେଶ ବେହେରା ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବ୍ୟାୟାମ ଏକାନ୍ତ ଆବଶ୍ୟକ ତାହା ଶିଶୁ ମାନଙ୍କୁ ଅବଗତ କରାଇଥିଲେ । ଗୋପାଳ କୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟ ସୁବଳୟାର ଖେଳ ଶିକ୍ଷକ ଭଞ୍ଜ କିଶୋର ବିଶ୍ୱାଳ, ଗାଣ୍ଡୁ ନାହାକ ହାଇସ୍କୁଲ ଝାରେଡି ରାଧା ଗୋବିନ୍ଦପୁରର ଖେଳ ଶିକ୍ଷକ ସଞ୍ଜିବ କୁମାର ନାୟକ, ଗୋପାଳକୃଷ୍ଣ ବିଜ୍ଞାନ ମହାବିଦ୍ୟାଳୟର ଖେଳ ଶିକ୍ଷକ ବିରଞ୍ଚି ନାରାୟଣ ବେହେରା ପ୍ରମୁଖ ଯୋଗଦେଇ ଶିଶୁଙ୍କୁ କ୍ରୀଡା ଓ ସ୍ୱାସ୍ଥ୍ୟର ସୁଫଳ ତଥା ଆବଶ୍ୟକ ସମ୍ପର୍କରେ ବୁଝାଇଥିବା ବେଳେ ବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳକୁଦ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦିତ ହୋଇଥିଲା । ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟା ସସ୍ମିତା ମହାରଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଗୁରୁଜୀ ପ୍ରମୋଦ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଦେବାଶିଷ ବେହେରା, ମନୋଜ କୁମାର ପାଢ଼ୀ, ଦୀପା ସାହୁ, ରୂପାଲି ମୁଦୁଲି, ସ୍ୱପ୍ନାରାଣୀ ପାତ୍ର, ଗୁରୁବାରୀ ବେହେରା, ପି. ସନ୍ଧ୍ୟା ପ୍ରଧାନ, ସୁଦେଷ୍ଣା ପାଣିଗ୍ରାହୀ, ମାମାଲି ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

# ରଣଜୀ ମ୍ୟାଚ୍‌ରେ ସନ୍ଦୀପଙ୍କ ଲଢୁଆ ଶତକ, ଜମ୍ମୁ-କଶ୍ମୀର ଆଗରେ ୧୪୯ ରନ୍‌ର ଟାର୍ଗେଟ୍

**ଭୁବନେଶ୍ୱର**

କଟକସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଜମ୍ମୁ-କଶ୍ମୀର ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ରେ ଓଡ଼ିଶା ପାଇଁ ଲଢୁଆ ଶତକ ହାସଲ କରିଛନ୍ତି ସନ୍ଦୀପ ପଟ୍ଟନାୟକ। ବୋଲରଙ୍କୁ ସୁହାଉଥିବା ଉଇକେଟରେ ତୃତୀୟ ଦିନର ଲଞ୍ଚ ସୁଦ୍ଧା ଓଡ଼ିଶା ଏହାର ଦ୍ୱିତୀୟ ପାଳିରେ ସମସ୍ତ ଉଇକେଟ ହରାଇ ୧୯୮ ସ୍କୋର କରିଥିଲା। ଗୋଟିଏ ପଟେ ନିୟମିତ ବ୍ୟବଧାନରେ ଓଡ଼ିଶାର ଉଇକେଟ ପଡ଼ିଚାଲିଥିବା ବେଳେ ସନ୍ଦୀପ ଅନ୍ୟପଟେ ଦୃଢ଼ ଭାବେ ଛିଡ଼ା ହୋଇ ୧୮୭ ବଲରେ ନିଜର ଶତକ ପୂରଣ କରିଥିଲେ।

ପ୍ରଥମ ଇନିଂସରେ ଆଗୁଆ ଥିବା ଜମ୍ମୁ କଶ୍ମୀର ୧୪୯ ରନର ବିଜୟ ଲକ୍ଷ୍ୟକୁ ପିଛାକରି ମାତ୍ର ୭ ରନରେ ଦୁଇ ଉଇକେଟ ହରାଇଛି। ଓଡ଼ିଶା ପାଇଁ ଷ୍ଟ୍ରାଇକ୍ ବୋଲର ରାଜେଶ ମହାନ୍ତି ଦୁଇଟିଯାକ ଉଇକେଟ ନେଇଛନ୍ତି। ଏହି ମ୍ୟାଚ୍‌ରେ ବିଜୟ ପାଇଁ ଓଡ଼ିଶାକୁ ଆଉ ୮ ଉଇକେଟ ଆବଶ୍ୟକ ଥିବା ବେଳେ ଅନ୍ୟପଟେ ଜମ୍ମୁ କଶ୍ମୀରକୁ ବିଜୟ ପାଇଁ ୧୪୯ ରନର ଲକ୍ଷ୍ୟକୁ ଅତିକ୍ରମ କରିବାକୁ ପଡ଼ିବ।



# ଇଂଲଣ୍ଡ ବିପକ୍ଷ ସମସ୍ତ ଟେଷ୍ଟରୁ ବାଦ୍ ପଡ଼ିପାରନ୍ତି ମହମ୍ମଦ ଶାମି

**ନୂଆଦିଲ୍ଲୀ**

ଇଂଲଣ୍ଡ ବିପକ୍ଷ ଜାନୁଆରୀ ୨୫ରେ ଆରମ୍ଭ ହେଉଥିବା ଟେଷ୍ଟ ଶୃଙ୍ଖଳା ପୂର୍ବରୁ ଭାରତକୁ ବହୁତ ବଡ଼ ଝଟ୍‌କା ଲାଗିଛି। ଦଳର ଦ୍ରୁତ ବୋଲର ମହମ୍ମଦ ଶାମି ସମସ୍ତ ଟେଷ୍ଟରୁ ବାଦ୍ ପଡ଼ିପାରନ୍ତି। ଗୋଇଠିରେ ଆଘାତଜନିତ ସମସ୍ୟା ଯୋଗୁଁ ଶାମିଙ୍କୁ ପ୍ରଥମ ଦୁଇଟି ଟେଷ୍ଟ ପାଇଁ ଦଳରେ ସ୍ଥାନ ମିଳିନି। ଆଶା କରାଯାଉଥିଲା ଶେଷ ତିନୋଟି ଟେଷ୍ଟରେ ଶାମି ଦଳକୁ ଫେରିପାରନ୍ତି ହେଲେ ତାଙ୍କର ଆଘାତ ଗୁରୁତର ଥିବାରୁ ତାଙ୍କର ଟେଷ୍ଟ ସିରିଜ୍ ଖେଳିବାର ସମ୍ଭାବନା କମ୍ ରହିଛି। ଏପରିକି ଶାମିଙ୍କୁ ଉନ୍ନତ ଚିକିତ୍ସା ପାଇଁ ଲଣ୍ଡନ ପଠାଯିବାର ନିଷ୍ପତ୍ତି ନିଆଯାଇପାରେ।



ମହମ୍ମଦ ଶାମି ବିଶ୍ୱକପରେ ଦମ୍‌ଦାର ପ୍ରଦର୍ଶନ କରି ମାତ୍ର ୭ଟି ମ୍ୟାଚ୍‌ରେ ୨୪ଟି ୱିକେଟ ଅକ୍ତିଆର କରିଥିଲେ। ମାତ୍ର ବିଶ୍ୱକପ୍ ପରେ ପରେ ତାଙ୍କର ଗୋଇଠି ସମସ୍ୟା ଗୁରୁତର ହୋଇଥିଲା। କ୍ରିକ୍‌ବଜ୍‌ର ରିପୋର୍ଟ ଅନୁସାରେ, ଶାମିଙ୍କୁ ବିଶେଷଜ୍ଞ ପରାମର୍ଶ ନେବା ପାଇଁ ଜାତୀୟ କ୍ରିକେଟ ଏକାଡେମୀର କ୍ରୀଡ଼ା ଓ ବିଜ୍ଞାନର ମୁଖ୍ୟ ନୀତିନ ପଟେଲ୍‌ଙ୍କ ସହ ଲଣ୍ଡନ ପଠାଯାଇପାରେ। ତେବେ ଏ ପର୍ଯ୍ୟନ୍ତ ଏହା ଉପରେ ଆନୁଷ୍ଠାନିକ ସୂଚନା ଦିଆଯାଇ ନାହିଁ।

ଏହା ପୂର୍ବରୁ ବିସିସିଆଇ ସୂର୍ଯ୍ୟକୁମାର ଯାଦବଙ୍କୁ ଚିକିତ୍ସା ପାଇଁ ଜର୍ମାନୀ ପଠାଯାଇଥିଲା। ସେଠାରେ ତାଙ୍କର ସଫଳ ଅସ୍ତ୍ରୋପଚାର ହୋଇଛି। ଜାନୁଆରୀ ୧୭ରେ ସୂର୍ଯ୍ୟକୁମାରଙ୍କ ସର୍ଜରୀ ହୋଇଥିଲା। ଆଇପିଏଲ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କ ପ୍ରତ୍ୟାବର୍ତ୍ତନ ଘଟିପାରେ ବୋଲି ଆଶା କରାଯାଉଥିଲା। ଏହା ବ୍ୟତୀତ ଉନ୍ନତ ଚିକିତ୍ସା ପାଇଁ ଋଷଭ ପନ୍ତଙ୍କୁ ବିସିସିଆଇ ଲଣ୍ଡନ ପଠାଇପାରେ ବୋଲି ନିଷ୍ପତ୍ତି ନେଇପାରେ।

# ପ୍ରଭୁ ଶ୍ରୀରାମଙ୍କୁ ନିଜ ଶତକକୁ ସମର୍ପିତ କଲେ କେଏସ୍ ଭରତ

**ଅହମଦାବାଦ**



ଜାନୁଆରୀ ୨୫ ରୁ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯିବ। ଏହାପୂର୍ବରୁ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଇଣ୍ଡିଆ ଏ ଏବଂ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯାଉଛି। ଏହି ମ୍ୟାଚ୍‌ରେ ଟିମ୍ ଇଣ୍ଡିଆର ୱିକେଟ କିପର ବ୍ୟାଟ୍ସମ୍ୟାନ କେ.ଏସ ଭରତ ଏକ ଚମତ୍କାର ଶତକ ହାସଲ କରିଛନ୍ତି। ଏକ ଶତକ ସ୍କୋର କରିବା ପରେ କେ.ଏସ ଭରତ ଏପରି କିଛି କହିଛନ୍ତି ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭରତ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଚମତ୍କାର ବ୍ୟାଟିଂ କରି ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଏକ ଶତକ ହାସଲ କରିଥିଲେ। ଶତକ ସ୍କୋର କରିବା ପରେ ଭରତ ପଡ଼ିଆ ମଝିରେ ଏପରି ଉତ୍ସବ ପାଳନ କରିଥିଲେ, ଯାହାକୁ ପ୍ରଶଂସକମାନେ ସୋସିଆଲ ମିଡିଆରେ ବହୁତ ପସନ୍ଦ କରିଛନ୍ତି। ବାସ୍ତବରେ, ଶତକ ସ୍କୋର କରିବା ପରେ ଭରତ ଧନୁ ଏବଂ ତୀର ଅଙ୍ଗଭଙ୍ଗୀ କରିଥିଲେ। ତାଙ୍କୁ ଦେଖିଲେ ଲାଗିଲା ଯେମିତି ସେ ଧନୁ ଏବଂ ତୀର ଚଳାଉଛନ୍ତି।

ଭରତ ତାଙ୍କ ଶତକ ପ୍ରଭୁ ଶ୍ରୀରାମଙ୍କୁ ଉତ୍ସର୍ଗ କରିଛନ୍ତି। ବାସ୍ତବରେ, ୨୨ ଜାନୁଆରୀରେ ଅଯୋଧ୍ୟାରେ ପ୍ରଭୁ ରାମଙ୍କ ମହାନ ରାମ ମନ୍ଦିରର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସମୟ ମଧ୍ୟରେ ସମଗ୍ର ଦେଶବାସୀ ଭଗବାନ ରାମଙ୍କ ଭକ୍ତିରେ ବୁଡି ରହିଛନ୍ତି। ଭରତ ମଧ୍ୟ ଏହି ଭିଡିଓକୁ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି ଭିଡିଓର କ୍ୟାପସନରେ ଭରତ ଲେଖିଛନ୍ତି ଜୟ ଶ୍ରୀ ରାମ।

# ମୁଁ ଅଯୋଧ୍ୟା ନିଶ୍ଚୟ ଯିବି : ହରଭଜନ

**ମୁମ୍ବାଇ**



ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ବିଜେପି ଏବଂ ଆରଏସଏସର କାର୍ଯ୍ୟକ୍ରମ କହି ବିରୋଧୀ ଦଳ ଏକ ପ୍ରକାର ଆସୁନାହାନ୍ତି। ସେହିପରି ଆମ ଆଦ୍‌ମୀ ପାର୍ଟି ମଧ୍ୟ ଏହି ଉତ୍ସବରେ ଯୋଗ ଦେବାକୁ ମନା କରିଛି। ହେଲେ ଆମ ଆଦ୍‌ମୀ ପାର୍ଟିର ରାଜ୍ୟସଭା ସାଂସଦ ହରଭଜନ ସିଂହ କିନ୍ତୁ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ପଞ୍ଜାବରୁ ରାଜ୍ୟସଭାକୁ ନିର୍ବାଚିତ ହୋଇ କ୍ରିକେଟରୁ ନେତା ହୋଇଥିବା ହରଭଜନ ରାମ ମନ୍ଦିର ପ୍ରତିଷ୍ଠାକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି ଏବଂ କହିଛନ୍ତି ଧର୍ମକୁ ସମ୍ମାନ ଜଣାଉଛି, ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଦିବସରେ ସେ ସାମିଲ ହେବେ। କୌଣସି ଦଳ ଯାଆନ୍ତୁ ନ ଯାଆନ୍ତୁ ତାହା ତାଙ୍କର ନିଷ୍ପତ୍ତି ହେବ। କିନ୍ତୁ ମୁଁ କାର୍ଯ୍ୟକ୍ରମରେ ସାମିଲ ହେବି ବୋଲି କହିଛନ୍ତି ହରଭଜନ। ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାରେ ମହେନ୍ଦ୍ର ସିଂ ଧୋନି, ସଚିନ ତେନ୍ଦୁଲକର, ବିରାଟ କୋହଲି, ରବିଚନ୍ଦ୍ରନ ଅଶ୍ୱିନଙ୍କ ସମେତ ଅନେକ ଭାରତୀୟ କ୍ରିକେଟର ସାମିଲ ହେବା ପାଇଁ ନିମନ୍ତ୍ରଣ ପାଇଛନ୍ତି।

# ଶୋଏବ ଦେଇ ନାହାନ୍ତି ଛାଡ଼ପତ୍ର ! ସାନିଆ ଭାଙ୍ଗିଛନ୍ତି ସମ୍ପର୍କ : ଇମ୍ରାନ

**ମୁମ୍ବାଇ**

ପାକିସ୍ତାନୀ କ୍ରିକେଟର ଶୋଏବ ମଲିକ ଭାରତୀୟ ଟେନିସ୍ ତାରକା ସାନିଆ ମିର୍ଜା ଦୁହିଁଙ୍କ ବୈବାହିକ ଜୀବନରେ ନୂଆ ମୋଡ୍ ନେଇଛି। ଶୋଏବ ପାକିସ୍ତାନୀ ଅଭିନେତ୍ରୀ ସନା ଜାଭେଦ୍‌ଙ୍କୁ ବିବାହ କରିଛନ୍ତି। ଏହି ବିବାହ କେବଳ ପାକିସ୍ତାନରେ ହୋଇଥିଲା। ଏହା ଶୋଏବଙ୍କ ତୃତୀୟ ବିବାହ ଥିଲା। ଶୋଏବ ଏବଂ ସାନିଆ ୨୦୧୦ରେ ବିବାହ କରିଥିଲେ। ଦୀର୍ଘ ୧୪ବର୍ଷ ପରେ ଏହି ସମ୍ପର୍କ ଭାଙ୍ଗିଯାଇଛି। ସାନିଆ ଏବଂ ଶୋଏବ ଦୀର୍ଘଦିନ ଧରି ଅଲଗା ରହୁଥିଲେ। ଦୁହିଁଙ୍କ ମଧ୍ୟରେ ସମ୍ପର୍କ କିଏ ଭାଙ୍ଗିଥିଲା ଏବଂ କାହିଁକି ? ଛାଡ଼ପତ୍ର କିଏ ନେଇଛି ? ତେବେ ଏବେ ପ୍ରଶ୍ନ ଉଠୁଛି କି ଶୋଏବ ସାନିଆଙ୍କୁ ତଲାକ୍ ଦେଇଛନ୍ତି କି ନାହିଁ ? ନା ଯେପରି ପ୍ରଥମ ପତ୍ନୀଙ୍କୁ ତଲାକ୍ ନଦେଇ ସାନିଆଙ୍କୁ ବିବାହ କରିଥିଲେ, ସେପରି ସାନିଆଙ୍କୁ ବିନା ଛାଡ଼ପତ୍ରରେ ତୃତୀୟ ବିବାହ କରିଛନ୍ତି ? ଏ ନେଇ ସାନିଆଙ୍କ ବାପା ଇମ୍ରାନ ଗଣମାଧ୍ୟମରେ ତାଙ୍କର ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ତଲାକ୍ ହୋଇନାହିଁ, କିନ୍ତୁ ଖୁଲା ହୋଇଛି ଆମେ ଆପଣଙ୍କୁ ଜଣାଇ ଦେଉଛୁ ଯେ ତଲାକ୍ ଓ ଖୁଲା ମଧ୍ୟରେ ଏକ ଛୋଟ ପାର୍ଥକ୍ୟ ରହିଛି।

ଏନେଇ ଇମ୍ରାନ କହିଛନ୍ତି, ଶୋଏବ ନୁହନ୍ତି, ସାନିଆ ନିଜେ ହିଁ ସମ୍ପର୍କ ଭାଙ୍ଗିଛନ୍ତି। ସାନିଆ ଖୁଲା ଅଧିକାରରେ ଶୋଏବଙ୍କ ସହ ତାଙ୍କର ବିବାହରେ ପୂର୍ଣ୍ଣଚ୍ଛେଦ



ପକାଇଛନ୍ତି। ଏହାର ଅର୍ଥ ହେଉଛି, ଶୋଏବ ଛାଡ଼ପତ୍ର ଦେଇନାହାନ୍ତି। କିନ୍ତୁ ସାନିଆ ନିଜେ ମତଭେଦ ହେତୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଇମ୍ରାନ କହିଛନ୍ତି, ଇସ୍‌ଲାମରେ ଏକ ବିବାହ ଭାଙ୍ଗିବାର ଅନେକ ଉପାୟ ଅଛି। ସେଥିମଧ୍ୟରୁ ଗୋଟିଏ ହେଉଛି ଖୁଲା। ଯେତେବେଳେ ପୁଅ ଝିଅକୁ ଛାଡ଼ିବାକୁ ଚାହେଁ ତ ସେତେବେଳେ ତଲାକ୍ ହୁଏ। ଆଉ ଯେତେବେଳେ ଝିଅ ତା ଆଡୁ ପୁଅକୁ ଛାଡ଼େ ତ ତାହାକୁ ଖୁଲା କୁହାଯାଏ। ତା'ହାଲେ ଏଥିରୁ ସ୍ପଷ୍ଟ ଯେ ସାନିଆ ନିଜ ଆଡୁ ସ୍ୱାମୀ ଶୋଏବଙ୍କ ଠାରୁ ଅଲଗା ହୋଇଛନ୍ତି।

# ନକ୍ ଆଉଟ୍ କ୍ରିକେଟ ପ୍ରତିଯୋଗିତା

**କଣ୍ଟାବାଞ୍ଜି**

କଣ୍ଟାବାଞ୍ଜି ନୂଆପଡ଼ା ନେତାଜୀ ସୁବାଷ ଚନ୍ଦ୍ର ବୋଷ କ୍ରିକେଟ କ୍ଲବ ପକ୍ଷରୁ ସ୍ଥାନୀୟ ହାଇସ୍କୁଲ ଖେଳ ପଡିଆ ଠାରେ ସ୍ୱର୍ଗତ ନୀଳମଣି ବାଗ ଏବଂ ମୁକେଶ ତାଣ୍ଡି ମେମୋରିଆଲ ସର୍ବଭାରତୀୟ ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଗଣ୍ଡା ସମାଜ ସଭାପତି ଚନ୍ଦ୍ରଶେଖର ନାଗ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କର୍ମଚାରୀ ଉପେନ୍ଦ୍ର ଛତ୍ରିଆ, ସରକାରୀ ଓକିଲ ସତ୍ୟନାରାୟଣ ରାଏ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୩ଟି ମ୍ୟାଚ୍ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ବଲାଙ୍ଗିର ସାନ (ଭି), ଦ୍ୱିତୀୟ ମ୍ୟାଚ୍‌ରେ କଣ୍ଟାବାଞ୍ଜି ଶେଖର ଇଲେଭେନ ଓ ତୃତୀୟ ମ୍ୟାଚ୍‌ରେ ବଲାଙ୍ଗିର ସାନ (ଭି) ବିଜୟୀ ହୋଇଥିଲା।

# ୯୦ଜଣ ତାଇକୋଣ୍ଡୋ ଖେଳାଳିମାନଙ୍କୁ ବେଲ୍ଟ ପ୍ରଦାନ



**ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲା ତାଇକୋଣ୍ଡୋ ଆସୋସିଏସନ ତରଫରୁ ଝାରସୁଗୁଡ଼ାରେ ନିର୍ମାଣ ହୋଇଥିବା ହକି ଷ୍ଟାଡ଼ିୟମ ପଡିଆରେ ୯୦ ଜଣ ବାଳକ, ବାଳିକା ତାଇକୋଣ୍ଡୋରେ ବିଭିନ୍ନ ବର୍ଗରେ ଶିକ୍ଷା ଲାଭ କରିଥିବା ପ୍ରତିଯୋଗୀମାନଙ୍କର ୟଲୋବେଲଟ୍, ଗ୍ରୀନ୍ ବେଲଟ୍, ଓ ବ୍ଲୁବେଲଟ୍‌ର ପ୍ରମୋସନ ପରୀକ୍ଷା କରାଯାଇଥିଲା। ତାଇକୋଣ୍ଡୋର ଆନ୍ତଃ ଦେଶୀୟ ପରିଚାଳକ ଆନନ୍ଦ ଯାଦବ ଓ ଜିଲ୍ଲା ତାଇକୋଣ୍ଡୋ ଆସୋସିଏସନର ସଂପାଦକ ମାଷ୍ଟର ସୁନ୍ଦର ମଣି ପଟେଲ ହକି ପଡ଼ିଆରେ ପ୍ରତିଯୋଗିତା କରି ପରୀକ୍ଷା କରିଥିଲେ। ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବରେ କ୍ରିକେଟ ଆସୋସିଏସନ ଓଡ଼ିଶାର ଉପସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ମାନୀତ ଅତିଥି ଭାବରେ ହକି ଆସୋସିଏସନର ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି, ହକି ଆସୋସିଏସନର ବରିଷ୍ଠ ବୟୋଜ୍ୟେଷ୍ଠ ସଦସ୍ୟ ଗଣେଶ କୁମାର ନାୟକ, କ୍ରିକେଟ ଆସୋସିଏସନ ଓଡ଼ିଶାର ବିକାଶ ପ୍ରଧାନ, ଜ୍ୟୋତି ଲାଟ, ମେହେତାପ ଖାଁନ ଯୋଗ ଦେଇ ବାଳକ, ବାଳିକାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ତାଇକୋଣ୍ଡୋ ଆସୋସିଏସନ ତରଫରୁ ମୁଖ୍ୟ ଅତିଥି ଓ ତାଇକୋଣ୍ଡୋର ଆନ୍ତଃ ଦେଶୀୟ ପରିଚାଳକଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଝାରସୁଗୁଡ଼ା ଜିଲ୍ଲା ତାଇକୋଣ୍ଡୋ ଆସୋସିଏସନର ସଭାପତି ପ୍ରଜ୍ଜଳ କୁମାର ପଟେଲ ସଫଳ ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରି ଧନ୍ୟବାଦ ଥିଲେ।

# କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶାର ଜାଭେଲିନ୍ ଥ୍ରୋଇଙ୍ଗ ସେନସେସନ୍ କିଶୋରଙ୍କ ଅଭ୍ୟାସ ଆରମ୍ଭ

**ଭୁବନେଶ୍ୱର**

ଓଡ଼ିଶାର ଜାଭେଲିନ୍ ଥ୍ରୋଇଙ୍ଗ ସେନସେସନ୍ ତଥା ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା କିଶୋର ଜେନା ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଆରମ୍ଭ କରିଛନ୍ତି। କୋଚ୍ ସମରଜିତ ସିଂ ମଲିଙ୍କ ତତ୍ତ୍ୱାବଧାନରେ କିଶୋର ଅଭ୍ୟାସ ଆରମ୍ଭ କରିଛନ୍ତି। କଳିଙ୍ଗ ଷ୍ଟାଡିୟମର ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ ବୋଲି କହିଛନ୍ତି ସମରଜିତ ସିଂ ମଲି। ଏହା ସହିତ ବର୍ତ୍ତମାନ କଳିଙ୍ଗ ସୁପର କପ୍ ଜାରି ରହିଥିବାରୁ ଏଠିକାର ମାହୋଲ କିଶୋରଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଉତ୍ସାହିତ କରୁଛି ବୋଲି ସେ କହିଛନ୍ତି। ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନସିପ୍‌ରେ ପଞ୍ଚମ ସ୍ଥାନ ଓ ଏସିଆଡ୍‌ରେ ରୌପ୍ୟ ପଦକ ସହ କିଶୋର ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି। ଏହା ଅଲିମ୍ପିକ୍ସରେ ଭାରତର ପଦକ ସମ୍ଭାବନାକୁ ବୃଦ୍ଧି କରିଛି ବୋଲି ସେ କହିଛନ୍ତି। କିଶୋର ଭାରତର ଅନ୍ୟତମ ପଦକ ସମ୍ଭାବନା ରହିଥିବା ବେଳେ ଏଥି ନିମନ୍ତେ ପ୍ରସ୍ତୁତି ଜୋରଦାର ରହିଛି ବୋଲି ମଲି କହିଛନ୍ତି। ନିୟମିତ ଭାବରେ ପ୍ରଦର୍ଶନରେ ଉନ୍ନତି ଆଣିବା ଆମର ଏକମାତ୍ର ଲକ୍ଷ୍ୟ ରହିଛି। ୭୬ ମିଟରରୁ ଉନ୍ନତି ଆଣି ୮୭.୫ ମିଟରରେ ପହଞ୍ଚିବା କିଶୋରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ସେ କହିଥିଲେ। ଏହା ସହିତ ନିୟମିତ ସହାୟତା କାରଣରୁ ଓଡ଼ିଶା ସରକାର, ସାଇ ଓ ରିଲାଏନ୍ସକୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ କିଶୋରଙ୍କ କୋଚ୍।



# ଅମରନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ବେଗୁନିଆପଡ଼ାକୁ ହରାଇ ମୁଣ୍ଡମରାଇ ବିଜୟୀ



**ଆସିକା, ନ୍ୟୁଜ୍‌ବ୍ୟୁରୋ**

ସହିଦ ଉମାକାନ୍ତ ପଟ୍ଟନାୟକ ମେମୋରିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆସିକା ଅମରନାଥ କ୍ରିକେଟ୍ କ୍ଲବ୍ ପକ୍ଷରୁ ଅମର ନାଥ କ୍ରିକେଟ ପଡ଼ିଆ ଠାରେ ଦୀର୍ଘ ପନ୍ଦର ଦିନ ଧରି ଚାଲିଥିବା ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପିତ ଦିବସରେ ଫାଇନାଲ ମ୍ୟାଚ୍‌ରେ ବେଗୁନିଆପଡ଼ାକୁ ହରାଇ ମୁଣ୍ଡ ମରାଇ ବିଜୟୀ ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆସିକା ଅଞ୍ଚଳର ଜଣାଶୁଣା କ୍ରିକେଟ ନାୟକ ତଥା କ୍ରିକେଟର ପୁରୁଣା ଖେଳାଳି ସନ୍ତୋଷ କୁମାର ବିଷୋୟୀଙ୍କ ଧର୍ମ ପତ୍ନୀ ତଥା ବିଜୁ ଜନତା ଦଳର ପୂର୍ବତନ ସମ୍ପାଦିକା ସୁରଭି ବିଷୋୟୀ ଓ ବିଜେଡି ନେତା ବଂଶୀଧର ନାହାକ, ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ସଭ୍ୟ ଅନିମା ପରିଡ଼ା ଓ ଅନିଲ ନାୟକ ଯୋଗ ଦେଇ ଫାଇନାଲ ମ୍ୟାଚ୍‌ରେ ବିଜେତା ଓ ଅପରିଜିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମଞ୍ଚାସୀନ ଅତିଥିମାନେ ମୁଣ୍ଡମରାଇ ଦଳ ୨୦ ଓଭରରେ ୫ ୱିକେଟ ହରାଇ ୩୬୬ ରନ ସଂଗ୍ରହ କରିଥିବା ବେଳେ ବେଗୁନିଆପଡ଼ା ଦଳ ୨୦ ଓଭରରେ ୧୮୦ ରନ କରି ମୁଣ୍ଡମରାଇ ଟିମ୍ ଠାରୁ ହାରି ଯାଇଥିଲେ। ବିଜୟୀ ଦଳକୁ ୧୫ ହଜାର ସହ ସିଲ୍ ଓ ରନର୍ସଅପ୍ ଟିମ୍‌କୁ ୧୦ ହଜାର ସହ କପ୍ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥିମାନେ ଦୁଇ ଦଳକୁ କପ୍ ପ୍ରଦାନ କରିଥିଲେ। ଗଞ୍ଜାମ ଜିଲ୍ଲାର ବଛା ବଛା ଟିମ୍‌କୁ ନେଇ ଅମରନାଥ କ୍ରିକେଟ କ୍ଲବ ପକ୍ଷରୁ ପ୍ରତ୍ୟେକ ବର୍ଷ ଟୁର୍ଣ୍ଣାମେଣ୍ଟ କରିଆସୁଥିବା ବେଳେ ଟୁର୍ଣ୍ଣାମେଣ୍ଟ ପରିଚାଳକ ଥିଲେ ଆଲୋକ ପ୍ରସାଦ ମୁନି ଓ ସତେନ୍ଦ୍ର ହୋତା ଅମ୍ପାୟାର ଥିଲେ। ଅମର ନାଥ କ୍ରିକେଟ କ୍ଲବ୍‌ର ସମସ୍ତ ସଦସ୍ୟ ଏହି ଟୁର୍ଣ୍ଣାମେଣ୍ଟକୁ ସହଯୋଗ କରିଥିଲେ।

# କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଜିଲ୍ଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟନୀ ମ୍ୟାଚ୍‌ରେ ବିଧାୟକ ଏକାଦଶ ଓ ସିନେ ତାରକା ଏକାଦଶ ମଧ୍ୟରେ ଟକ୍କର



**ଚଣ୍ଡିଖୋଲ, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ଧର୍ମଶାଳା ପଞ୍ଚାୟତ ସମିତି ଆନୁକୂଲ୍ୟରେ ନୂଆ-ଓ ଯୋଜନାରେ ଜାରକା ସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଜିଲ୍ଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଅବସରରେ ବିଧାୟକ ଏକାଦଶ ଓ ସିନେ ତାରକା ଏକାଦଶ ମଧ୍ୟରେ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।

ଏଥିରେ ବିଧାୟକ ଏକାଦଶକୁ ପରାସ୍ତ କରି ସିନେ ତାରକା ଏକାଦଶ ବିଜୟୀ ହୋଇଥିଲା। ବିଧାୟକ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୫ ୱିକେଟ ହରାଇ ୧୩୮ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜଗନ୍ନାଥ ନାଏକ ୪୨ ଓ ଦେବୀ ରଞ୍ଜନ ତ୍ରିପାଠୀ ୩୭ରନ ସଂଗ୍ରହ କରିଥିଲେ। ଜବାବରେ ସିନେ ତାରକା ଦଳ ୧୦.୨ଓଭରରେ ୪ୱିକେଟ ହରାଇ ବିଜୟ ଲକ୍ଷ ହାସଲ କରିନେଇଥିଲା। ଦଳ ପକ୍ଷରୁ ଟିକୁ ସର୍ବାଧିକ ୭୯ରନ କରିଥିବା ବେଳେ ସମ୍ମିତ ୨୦ରନ ସଂଗ୍ରହ କରିଥିଲେ।

ବିଧାୟକ ଏକାଦଶ ଦଳରେ ବିଧାୟକ ପ୍ରଣବ ପ୍ରକାଶ ଦାସ, ଅରୁଣ ସାହୁ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ରୁଦ୍ର ମହାରଥୀ, ଜଗନ୍ନାଥ ନାଏକ, ସୌଭିକ ବିଶ୍ୱାଳ, ଦିବ୍ୟଶଙ୍କର ମିଶ୍ର ରହିଥିବା ବେଳେ ସିନେ ତାରକା ଏକାଦଶରେ ପୁପିନ୍ଦର, ସୌରାଜ,ଦୀପକ, ସମ୍ମିତ, ସମ୍ଭବ, ସୋମେଶ, ଜାପାନୀ ଭଳି ବହୁ ତାରକା ସାମିଲ ହୋଇଥିଲେ। ଏହି ମ୍ୟାଚ୍‌କୁ ଉପଭୋଗ କରିବା ପାଇଁ ବହୁ କ୍ରୀଡ଼ା ପ୍ରେମୀଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।

# 'ଗତ ଦଶନ୍ଧିରେ ଭାରତର ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଗଠନମୂଳକ ପରିବର୍ତ୍ତନ ଘଟିଛି'

**ନୂଆଦିଲ୍ଲୀ/ଭୁବନେଶ୍ୱର**

ୱାର୍ଲଡ଼ ଇକୋନମିକ୍ ଫୋର୍-୨୦୦୪ ଅଧିବେଶନରେ ଉଦ୍‌ବୋଧନ ଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଲେ ଯେ, ଗତ ଦଶନ୍ଧିରେ ଭାରତର ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି।

ଉତ୍ପାଦନରେ ଉନ୍ନତି ଆଣିବା, ଅର୍ଥନୀତିରେ ଦକ୍ଷତା ବୃଦ୍ଧି କରିବା ହେଉଛି ପ୍ରଥମ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଯାହାକି ପ୍ରତ୍ୟକ୍ଷ ଭାବେ ତଥା ଡିଜିଟାଲ ଭିତ୍ତିଭୂମିରେ ପ୍ରମୁଖ ବିନିଯୋଗ ଘଟିଛି। ଯଦି ଆପଣ ଭିତ୍ତିଭୂମି ବିକାଶରେ ଆର୍ଥିକ ବର୍ଷରେ ପ୍ରାୟ ୩୦ ବିଲିୟନ ଡଲାରର ପୁଞ୍ଜି ବିନିଯୋଗକୁ ଦେଖନ୍ତି, ତେବେ ଏହି ଆର୍ଥିକ ବର୍ଷରେ ଭାରତ ୧୨୦ ବିଲିୟନ ଡଲାରର ଭିତ୍ତିଭୂମିରେ ବିନିଯୋଗ କରୁଛି, ଯାହାର ଏକାଧିକ ପ୍ରଭାବ ରହିଛି। ସେଗୁଡିକ ହେଉଛି ଉତ୍ପାଦନ ଉପରେ ଏହାର ପ୍ରଭାବ ବହୁତ ଭଲ, ସାମଗ୍ରିକ ଅର୍ଥନୈତିକ କାର୍ଯ୍ୟକଳାପ ଉପରେ ଏହାର ପ୍ରଭାବ ୩.୬ ର ଗୁଣକ ଅଟେ, ତେଣୁ ଆପଣ ₹ ୧୦୦ ବିନିଯୋଗ କରନ୍ତୁ, ଅର୍ଥନୈତିକ କାର୍ଯ୍ୟକଳାପ ପ୍ରକୃତରେ ₹ ୩୬୦। ଏହି ସକରାତ୍ମକତା ପାଖାପାଖି ୨୪୦ ଶିଳ୍ପ, ଇସ୍ପାତ ଶିଳ୍ପ, ସିମେଣ୍ଟ ଶିଳ୍ପ, ନିର୍ମାଣ ଯନ୍ତ୍ରପାତି, ପେଣ୍ଟ ଇଣ୍ଡଷ୍ଟ୍ରି, ଆଲୋକ ଶିଳ୍ପ, କେବୁଲ ଶିଳ୍ପ ଇତ୍ୟାଦି ପ୍ରତ୍ୟେକ ପ୍ରମୁଖ ଶିଳ୍ପ ଭୌତିକ ଭିତ୍ତିଭୂମି କାରଣରୁ ପ୍ରାୟତଃ ଯେକୌଣସି ଅର୍ଥନୀତି କ୍ଷେତ୍ରରେ ବୃଦ୍ଧି ପାଇବାରେ ଲାଗିଛି। ଡିଜିଟାଲ୍ ପାର୍ଶ୍ୱରେ, ଗତ ୧୦ ବର୍ଷ ମଧ୍ୟରେ, ପ୍ରାୟ ୬୦୦ ହଜାର ଟାୱାର, ଟେଲିକମ୍ ଟାୱାର୍ ଠାରୁ ଆମେ ୨.୪ ମିଲିୟନ୍ ଟେଲିକମ୍ ଟାୱାର ସ୍ଥାପନ କରି ପାରିଛୁ। ୬୦୦,୦୦୦ କିଲୋମିଟରରୁ ଅଧିକ ଅପ୍ଟିକାଲ୍ ଫାଇବର କେବୁଲ୍ ମଧ୍ୟ ବିଛାଯାଇସାରିଛି।

ଏକ ସଂପୂର୍ଣ୍ଣ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ଯାହା ଦେୟ, ଡିଜିଟାଲ୍ ବୀମା, ଡିଜିଟାଲ୍ କ୍ରେଡିଟ୍, ଡିଜିଟାଲ୍ ଡକ୍ୟୁମେଣ୍ଟ ଯାଞ୍ଚ ହେଉ, ପ୍ରାୟତଃ ପ୍ରତ୍ୟେକ ନେଣଦେଣ କାରବାର କରିଥାଏ, ଏହା ଏକ ବହୁତ ଭଲ ଗଠନ ଯାହା ସ୍ଥାନିତ ହୋଇଛି। ତେଣୁ, ପ୍ରତ୍ୟକ୍ଷ ଏବଂ ଡିଜିଟାଲ ଭିତ୍ତିଭୂମିରେ ପ୍ରମୁଖ ବିନିଯୋଗ କରାଯାଇଅଛି।

ଦ୍ୱିତୀୟ ବଡ଼ ଗଠନମୂଳକ ଘଟଣା ହେଉଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଅଧୀନରେ ସମଗ୍ର ଅଭିବୃଦ୍ଧି ହୋଇପାରିଛି। ସେ ସର୍ବଦା ଲୋକଙ୍କୁ ପିରାମିଡ଼ର ତଳ ଭାଗରେ ନିଜ ଅଭିବୃଦ୍ଧିର କାହାଣୀର




କେନ୍ଦ୍ରବିନ୍ଦୁ ଭାବରେ ରଖିଛନ୍ତି। ମୁଁ ଏହାକୁ କିଛି ସଂଖ୍ୟା ଦେବି, ଗତ ଦଶନ୍ଧିରେ ୫୧୦ ନିୟୁତ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି ଯାହାକି ଆନୁଷ୍ଠାନିକ ଆର୍ଥିକ ବ୍ୟବସ୍ଥାରେ ଅଣାଯାଇଛି। ଯଦି ଆପଣ ନିର୍ମିତ ଘର ସଂଖ୍ୟାକୁ ଦେଖନ୍ତି, ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ଗରିବ ଲୋକଙ୍କ ପାଇଁ ୪୦ ନିୟୁତ ଘର ନିର୍ମାଣ କରାଯାଇଛି। ଏହା ଏକ ମାଲଦ୍ୱୀପର ଆକାରର ଦୃଶ୍ୟକୁ ସମ୍ପୂର୍ଣ୍ଣ ରୂପେ ବଦଳାଇବା ପରି। ଦିଆଯାଇଥିବା ଟ୍ୟାପ୍ ଜଳ ସଂଯୋଗ, ଗ୍ୟାସ୍ ସଂଯୋଗ, ୧୧୦ ନିୟୁତ ଗ୍ୟାସ୍ ସଂଯୋଗ ସଂଖ୍ୟା ଦେଖନ୍ତୁ। ତେଣୁ କାଠ ରନ୍ଧନ ଠାରୁ ଗ୍ୟାସ୍ ବେସ୍ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରନ୍ଧନ ଅଭ୍ୟାସକୁ ପରିବର୍ତ୍ତନ କରାଯାଇଅଛି। ଏକାଧିକ ସଂଖ୍ୟକ କାରକ ଯାହା ମୂଳତଃ ପିରାମିଡ଼ର ତଳ ଭାଗରେ ଲୋକଙ୍କ ପରିବର୍ତ୍ତନଶୀଳ ପରିବର୍ତ୍ତନ ଆଣିପାରିଛି।

ତୃତୀୟ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହେଉଛି ଉତ୍ପାଦନ ଉପରେ ଧ୍ୟାନ। ଏହା ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ହେଉ କି ପ୍ରତିରକ୍ଷା ଉତ୍ପାଦନ, ଫାର୍ମାସ୍ୟୁଟିକାଲ୍ସ, ରାସାୟନିକ ପଦାର୍ଥ, ବସ୍ତ୍ର, ଅର୍ଥନୀତିର ପ୍ରାୟ ପ୍ରତ୍ୟେକ କ୍ଷେତ୍ର, ଉତ୍ପାଦନ ପ୍ରୋତ୍ସାହନ ଅନେକ ଏବଂ ଅନେକ ହସ୍ତକ୍ଷେପ ଯାହା ଶିଳ୍ପ ବୃଦ୍ଧି କରିବା ସହିତ ଅର୍ଥନୈତିକ ମେରୁଦଣ୍ଡକୁ ସୁଦୃଢ଼ କରିପାରିଛି। ଏହା ଏକ ସରକାର ଯାହା ଶୁଣୁଛି, ଏହା ହେଉଛି ଏକ ସରକାର ଯିଏ ଚିନ୍ତାଧାରାକୁ ସକାରାତ୍ମକ ପ୍ରତିକ୍ରିୟା କରେ, ଖୋଲା ମନୋଭାବର ସରକାର ଏବଂ ଉତ୍ପାଦନ ପୁନର୍ବାର ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ବହୁତ ଭଲ ପ୍ରେରଣା ଦେଇଛି। ୨୦୧୯ ରେ, ପ୍ରତ୍ୟେକ ମାସରେ ଆନୁଷ୍ଠାନିକ ଚାକିରିଗୁଡିକ ୬୦୦ ହଜାର କ୍ରମରେ ଥିଲା, ଆଜି ଏହା ହେଉଛି ପ୍ରତ୍ୟେକ ମାସରେ ସୃଷ୍ଟି ହୋଇଥିବା ୧.୫ ମିଲିୟନ୍ ଆନୁଷ୍ଠାନିକ ଚାକିରି ସୁଯୋଗର କ୍ରମ, ଏହା ହେଉଛି ସକରାତ୍ମକ ପ୍ରଭାବ ଯାହା ଆସିଛି ଏବଂ ଏହା ସମଗ୍ର ଅର୍ଥନୀତିକୁ ଏକାଧିକ ଉପାୟରେ ସାହାଯ୍ୟ କରେ।

ଚତୁର୍ଥ ବଡ଼ ସ୍ତମ୍ଭ ହେଉଛି ବହୁ ପରିମାଣର ସରଳୀକରଣ ଯାହା ଘଟିଛି, ନିୟମ ପୁସ୍ତକ ଉପରେ ୧୫୦୦ରୁ ଅଧିକ ପୁରାତନ ନିୟମକୁ ରଦ୍ଦ କରିଦିଆଯାଇଛି, ଅନେକ ଉପନିବେଶିକ ଯୁଗର ଆଇନ ଏବଂ ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ହଟାଯାଇଛି। ୩୦,୦୦୦ ରୁ ଅଧିକ ନିୟମ ହଟାଯାଇଛି। ଏହା ଏକ ସରକାର ଯାହା ସମ୍ପୂର୍ଣ୍ଣ ଖୋଲା ମନ ସହିତ ଶୁଣେ। ମୁଁ ଏକ ଉଦାହରଣ ଦେବି ଯେ ଟେଲିକମ୍ ସେକ୍ଟର, ଟେଲିକମ୍ ସେକ୍ଟରର କିଛି ବନ୍ଧୁ ଏଠାରେ ବସିଛନ୍ତି। ୧୦ ବର୍ଷ ପୂର୍ବେ, ଟେଲିକମ୍ ଟାୱାର ସ୍ଥାପନ ପାଇଁ ଅନୁମତି ପାଇବାକୁ ସମୟ ହାରାହାରି ୨୩୦ ଦିନ ଥିଲା, ଆଜି ୨୩୦ ଦିନ ହାରାହାରି ୭ ଦିନକୁ ଖସି ଆସିଛି କାରଣ ଏତେ ସରଳୀକରଣ ଘଟିଛି ଏବଂ ଯଦି ଆପଣ ତାହା କରନ୍ତି ଟେଲିକମ୍ ଟାୱାର ପାଇଁ ୮୫% ଅନୁମତି ଦେଖନ୍ତୁ, ସେଗୁଡ଼ିକ ତତକ୍ଷଣାତ୍, ଆପଣ ଏଣ୍ଟର୍ ବଟନ୍ ଦବାନ୍ତି ଏବଂ ପ୍ରତିରକ୍ଷା ଏବଂ ବିମାନ ଚଳାଚଳ ପ୍ରତିଷ୍ଠାନଗୁଡିକର ନିକଟବର୍ତ୍ତୀ ଟାୱାରଗୁଡିକ ବ୍ୟତୀତ ଆପଣ ଆପଣଙ୍କର ଅନୁମତି ବାହାର କରନ୍ତି।

ତାହା ହେଉଛି ସରଳୀକରଣର ସ୍ତର ଯାହା ଘଟୁଛି। ଏହି ୪ ଟି ସ୍ତମ୍ଭ, ଭିତ୍ତିଭୂମିରେ ବିନିଯୋଗ ଉଭୟ ପ୍ରତ୍ୟକ୍ଷ ତଥା ଡିଜିଟାଲ୍, ଅନ୍ତର୍ଭୁକ୍ତ ଅଭିବୃଦ୍ଧି, ଉତ୍ପାଦନ ଏବଂ ବିପୁଳ ପରିମାଣର ସରଳୀକରଣ ଉପରେ ଧ୍ୟାନ ଦିଆଯାଇଅଛି, ତାହା ହିଁ ଆମକୁ ଏହି ଅଭିବୃଦ୍ଧି ଦେଇଛି ଏବଂ ୯୫% ଆତ୍ମବିଶ୍ୱାସର ବ୍ୟବଧାନ ସହିତ, ଆମେ ସମସ୍ତେ ଏକ ମୂଲ୍ୟାଙ୍କନ କରିପାରିବା। ପରବର୍ତ୍ତୀ ଦଶନ୍ଧିରେ ଭାରତ ବର୍ଷ ୬ ରୁ ୮% ରେ ଅଭିବୃଦ୍ଧି ପାଇବ, ମୁଖ୍ୟତ ଐତିହାସିକ ବ୍ୟାଣ୍ଡର ଉପର ପାର୍ଶ୍ୱରେ ମଧ୍ୟମ ଧରଣର ମୁଦ୍ରାସ୍ଫୀତି ୪ ରୁ ୬% ସହିତ ଅତ୍ୟନ୍ତ ସ୍ଥିର ରହିବ, ତେଣୁ ମୋ ମତରେ ଏହା ହେଉଛି ଅଭିବୃଦ୍ଧିର ଏକ ମାର୍ଗ ଦର୍ଶନ।"





ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀର ପୋଖରୀପୁଟ ଠାରେ ଆୟୋଜିତ ପଥୋତ୍ସବର ବିଭିନ୍ନ ଆକର୍ଷଣୀୟ ଦୃଶ୍ୟ । (ଫଟୋ : ସମ୍ବାଦ କଳିକା)







# ନିର୍ମାଣ ବର୍ଜ୍ୟ ପରିଚାଳନା ପାଇଁ ବିଏମ୍‌ସିର ସ୍ୱତନ୍ତ୍ର ଗାଡ଼ି ବ୍ୟବସ୍ଥା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନିର୍ମାଣ ବର୍ଜ୍ୟ ପରିଚାଳନା ପାଇଁ ବିଏମ୍‌ସି ସ୍ୱତନ୍ତ୍ର ଗାଡ଼ି ବ୍ୟବସ୍ଥା କରିବାକୁ ଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବିଏମ୍‌ସିର ୩ଜୋନ୍‌ରେ ୩ଟି ଗାଡ଼ି ରହିବ। ପରେ ଗାଡ଼ି ସଂଖ୍ୟାକୁ ବୃଦ୍ଧି କରାଯିବ। ନିର୍ମାଣ ଏବଂ ଭଙ୍ଗା (ସିଆଣ୍ଡଡି) ବର୍ଜ୍ୟ ଯଥା ଭଙ୍ଗା ଇଟା, ପଥର, ଟାଇଲ, ଗୋଡ଼ି କିମ୍ବା ସିମେଣ୍ଟଜାତ ବର୍ଜ୍ୟ ବାହାରିଲେ ଲୋକେ 'ସଫା' ଆପ୍ ମାଧ୍ୟମରେ ଏହି ଗାଡ଼ିକୁ ବୁକ୍ କରିବେ। ବିଏମ୍‌ସି ଗାଡ଼ି ଆସି ଘର ପାଖରୁ ନିର୍ମାଣ ବର୍ଜ୍ୟ ଉଠାଇ ନେବ। ପରେ ଏହାକୁ ନିକଟସ୍ଥ ଲ୍ୟାଣ୍ଡ ଫିଲ୍ ସାଇଟ୍‌ରେ ପୋଡ଼ାଯିବ। ଏହି ଗାଡ଼ିଗୁଡ଼ିକୁ ମେୟର ସୁଲୋଚନା ଦାସ ଖୁବ୍‌ଶୀଘ୍ର ଉଦ୍‌ଘାଟନ କରିବାକୁ ଯାଉଛନ୍ତି। ଏହାର ପରିଚାଳନା ଦାୟିତ୍ୱ ଠିକା ସଂସ୍ଥା ହାତରେ ରହିବ। ସୂଚନାଯୋଗ୍ୟ, ଲୋକେ ଯେଉଁଠି ପାରୁଛନ୍ତି ସେଠି ନିର୍ମାଣ ବର୍ଜ୍ୟ ଫୋପାଡ଼ି ଦେଉଛନ୍ତି। ସହରସାରା ପଡ଼ିରହୁଛି ନିର୍ମାଣ ବର୍ଜ୍ୟ। ଏହାର ପରିଚାଳନା ବିଏମ୍‌ସି ପାଇଁ ଏକ ବଡ଼ ଚାଲେଞ୍ଜ ପାଲଟିଛି। ପୂର୍ବରୁ ଏହାକୁ ରୋକିବାକୁ ଜରିମାନା କାଟିବା ହିଁ ବିଏମ୍‌ସି ପକ୍ଷରେ ଏକ ମାତ୍ର ଉପାୟ ଥିଲା। ହେଲେ ବ୍ୟବସ୍ଥା ନ କରି ଜରିମାନା ଆଦାୟ କରିବାରୁ ବିଏମ୍‌ସି ଏବଂ ଲୋକଙ୍କ ମଧ୍ୟରେ ଅନେକ ସମୟରେ ପାଟିତୁଣ୍ଡ ହେଉଥିଲା। କିଛି ଲୋକଙ୍କ କହିବା ଅନୁଯାୟୀ, ନିର୍ମାଣ ବର୍ଜ୍ୟ ଉଠାଇବାକୁ ଅଧିକାଂଶ ଗାଡ଼ି ମାଲିକ ରାଜି ହେଉନାହାନ୍ତି। ତେଣୁ ଦିନ ଦିନ ଧରି ଏହା ଘର ସାମ୍ନାରେ ପଡ଼ି ରହୁଛି। ସେପଟେ ବିଏମ୍‌ସି ଟିମ୍ ଆସି ଫାଇନ୍ ଆଦାୟ କରୁଛି। ନିର୍ମାଣ ବର୍ଜ୍ୟ ବହୁଦିନ ପଡ଼ି ରହିବା ଦ୍ୱାରା ସହରର ସୌନ୍ଦର୍ଯ୍ୟକରଣ ନଷ୍ଟ ହେବା ସହ ବାୟୁ ପ୍ରଦୂଷଣ ହେଉଛି। ରାସ୍ତାରେ ଦୁର୍ଘଟଣା ଘଟୁଛି ଏବଂ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ନିର୍ମାଣ ବର୍ଜ୍ୟ ପରିଚାଳନା ନିୟମ ଅନୁଯାୟୀ ନିର୍ମାଣ ବର୍ଜ୍ୟ ପରିଚାଳନା ବେଳେ ମହାନଗର ନିଗମ ଗାଡ଼ି ଯୋଗାଇ ଦେବା ଆବଶ୍ୟକ। ହେଲେ ବିଏମ୍‌ସି ପାଖରେ ଏପର୍ଯ୍ୟନ୍ତ ଗୋଟିଏ ବି ଗାଡ଼ି ନାହିଁ। ଲୋକେ ନିଜ ଉଦ୍ୟମରେ ଏଭଳି ବର୍ଜ୍ୟକୁ ନେଇ ଲ୍ୟାଣ୍ଡଫିଲ୍ ଅଞ୍ଚଳରେ ଫୋପାଡୁଥିଲେ। ଏକ ବ୍ୟବସ୍ଥିତ ଢଙ୍ଗରେ ଏହାର ପରିଚାଳନା ହୋଇପାରୁ ନ ଥିଲା। ପ୍ରତ୍ୟେକ ଜୋନ୍‌ରେ ସ୍ୱତନ୍ତ୍ର ଗାଡ଼ି ବ୍ୟବସ୍ଥା, ବୁକିଂ ମାଧ୍ୟମରେ ବର୍ଜ୍ୟ ଉଠାଣ କରିବା ସହ ବ୍ୟବସ୍ଥିତ ଭାବେ ସିଆଣ୍ଡଡି ବର୍ଜ୍ୟ ପରିଚାଳନା ହେଲେ ଏଭଳି ସମସ୍ୟା ଦୂର ହୋଇପାରିବ ବୋଲି ଆଶା କରାଯାଉଛି।

# କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର ଦ୍ୱାରା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ଉଦ୍ୟାନ କୃଷି ମାନଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ଆଂଚଳିକ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜାତୀୟ ଧାନ ଗବେଷଣା ସଂସ୍ଥାନ କଟକର ନିର୍ଦ୍ଦେଶକ ଡକ୍ଟର ଅମରେଶ ନାୟକ ଯୋଗ ଦେଇ ଆଇ .ଆଇ. ଏଚ. ଆର୍ ବେଙ୍ଗାଲୁରୁ ଦ୍ୱାରା ବିକଶିତ ପନିପରିବା ବିହନ ଓ ଜ୍ଞାନ କୌଶଳ ବ୍ୟବହାର ଦ୍ୱାରା ଚାଷୀ ମାନଙ୍କ ଆର୍ଥିକ ଉନ୍ନତି ହୋଇପାରିଛି ତେଣୁ ଚାଷୀ ମାନେ ଏହି ଜ୍ଞାନ କୌଶଳ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ । କେନ୍ଦ୍ରୀୟ ଉଦ୍ୟାନ ପରିକ୍ଷଣ କେନ୍ଦ୍ର ଭୁବନେଶ୍ୱରର ମୁଖ୍ୟ ଡକ୍ଟର ଗୋବିନ୍ଦ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅନୁସୂଚିତ ଜାତି ଚାଷୀ ମାନଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ବେଙ୍ଗାଲୁରୁର ପ୍ରଧାନ ବୈଜ୍ଞାନିକ ଡକ୍ଟର ସେନ୍ଥିଲ କୁମାର ଯୋଗଦେଇ ଉଦ୍ୟାନ କୃଷିରେ ହେଉଥିବା ଲାଭ ସମ୍ପର୍କରେ ବୁଝାଇ ଥିଲେ । ଭୁବନେଶ୍ୱର ସ୍ଥିତ କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରର ପ୍ରଧାନ ବୈଜ୍ଞାନିକ ଡକ୍ଟର ପି ଶ୍ରୀନିବାସ, ବୈଜ୍ଞାନିକ ଡକ୍ଟର ସତ୍ୟପ୍ରିୟ ସିଂ, ଡକ୍ଟର ଏ ଭି ଭି କୌଣ୍ଡିନ୍ୟ, ବରିଷ୍ଠ ବୈଜ୍ଞାନିକ ଡକ୍ଟର ଦୀପା ସାମନ୍ତ ଓ ବୈଷୟିକ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ମାଝୀ ମୋନୋଜ ପଟନାୟକ ଉଦ୍ୟାନ କୃଷିର ବିଭିନ୍ନ ବିଭାଗରେ ତାଲିମ୍ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରିନା ପଟ୍ଟନାୟକ ଓ ଅରୁଣ କୁମାର ବାରିକ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଜପତି, ଗଞ୍ଜାମ, କଟକ, ପୁରୀ ଯାଜପୁର ଓ ଢେଙ୍କାନାଳ ଜିଲ୍ଲାର ୨୫୦ ଜଣ ଚାଷୀମାନଙ୍କୁ ଚାଷ ଉପକରଣ ପ୍ରଦାନ କରାଯାଇଥିଲା ।

# ଆଉ ୪ ଦିନ ପରେ ସାଧାରଣତନ୍ତ୍ର ଦିବସ, ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଆସନ୍ତା ଜାନୁଆରୀ ୨୬ ତାରିଖରେ ଦେଶ ପାଳିବ ୭୫ତମ ସାଧାରଣତନ୍ତ୍ର ଦିବସ । ଆଉ ମାତ୍ର ୪ ଦିନ ପରେ ସମଗ୍ର ଦେଶ ବେଶ ଧୁମ୍‌ଧାମ୍‌ରେ ସାଧାରଣତନ୍ତ୍ର ଦିବସ ପାଳନ କରିବ। ତେବେ ଓଡ଼ିଶାରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କିଏ କେଉଁଠାରେ ପତାକା ଉତ୍ତୋଳନ କରିବେ ସେନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ରାଜ୍ୟପାଳ ରଘୁବର ଦାସ ରାଜଧାନୀ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମାବେଶରେ ଜାତୀୟ ପତାକା ଉତ୍ତୋଳନ କରିବେ। ଅନ୍ୟ ସ୍ଥାନରେ ପତାକା ଉତ୍ତୋଳନ କରିବେ ମନ୍ତ୍ରୀ ଓ ଅନ୍ୟ ଅଧିକାରୀ । ସେହିପରି ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କନ୍ଧମାଳ, ପ୍ରଦୀପ କୁମାର ଅମାତ ସୁନ୍ଦରଗଡ଼, ପ୍ରଫୁଲ୍ଲ କୁମାର ମଲ୍ଲିକ ପୁରୀ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଉତ୍ସବରେ ପତାକା ଉତ୍ତୋଳନ କରିବେ । ସେହିପରି ଜଗତସିଂହପୁରରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସୁବର୍ଣ୍ଣପୁରରେ ଉଷା ଦେବୀ, କେନ୍ଦୁଝର ଜିଲ୍ଲାରେ ସାରଦା ପ୍ରସାଦ ନାୟକ, ମୟୂରଭଞ୍ଜରେ ଅଶୋକ ଚନ୍ଦ୍ର ପଣ୍ଡା, ବଲାଙ୍ଗିରରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକରେ ସୁଦାମ ମାର୍ଣ୍ଡି, ଗଞ୍ଜାମ ଜିଲ୍ଲାରେ ଜଗନ୍ନାଥ ସାରକା ଜିଲ୍ଲାସ୍ତରୀୟ ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ କରିବେ। ସମ୍ବଲପୁରରେ ଜିଲ୍ଲାସ୍ତରୀୟ ଉତ୍ସବରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, କଳାହାଣ୍ଡିରେ ଟୁକୁନି ସାହୁ, ଅନୁଗୁଳରେ ଅଶ୍ୱିନୀ କୁମାର ପାତ୍ର, ବାଲେଶ୍ୱରରେ ବାସନ୍ତୀ ହେମ୍ବ୍ରମ, ଝାରସୁଗୁଡ଼ାରେ ପ୍ରୀତିରଞ୍ଜନ ଘଡାଇ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ କରିବେ । ନୂଆପଡାରେ ରୀତା ସାହୁ ଓ କୋରାପୁଟରେ ତୁଷାରକାନ୍ତି ବେହେରା ପତାକା ଉତ୍ତୋଳନ କରିବେ। ବ୍ରହ୍ମପୁରରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ଉତ୍ସବରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ରାଉରକେଲାରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ପତାକା ଉତ୍ତୋଳନ କରିବେ । ତେବେ ବରଗଡ଼, ଭଦ୍ରକ, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଗଜପତି, ଯାଜପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, ମାଲକାନଗିରି, ନବରଙ୍ଗପୁର, ନୟାଗଡ଼ ଓ ରାୟଗଡ଼ାରେ ସମ୍ପୃକ୍ତ ଜିଲ୍ଲାପାଳମାନେ ପତାକା ଉତ୍ତୋଳନ କରିବା ସହ ପରେଡ୍ ଅଭିବାଦନ ଗ୍ରହଣ କରିବେ ବୋଲି ଜଣାପଡ଼ିଛି ।

# ବରିଷ୍ଠ କମ୍ୟୁନିଷ୍ଟ ନେତାଙ୍କୁ ଭେଟିଲେ ସିଏମ୍‌ସି ମେୟର

**କଟକ, ନ୍ୟୁଜ ବ୍ୟୁରୋ**



କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ନେତା ଶଙ୍କରପୁର ୭ ସାହିର ଅଧିକାରୀ, ଛତ୍ରବଜାର କାର୍ତ୍ତିକେଶ୍ୱର ପୂଜା କମିଟି ସମ୍ପାଦକ ଶ୍ରୀ ସୁରେଶ ବାରିକ, କିଡନୀ ଜନିତ ରୋଗ ରେ ଚିକିତ୍ସାଧୀନ ଅଛନ୍ତି । ଆପଣ କେମିତି ଅଛନ୍ତି କାର୍ଯ୍ୟକ୍ରମ ରେ କଟକ ମେୟର ସୁବାସ ସିଂହ, ସୁରେଶ ବାରିକଙ୍କୁ ଶଙ୍କରପୁର ସ୍ଥିତ ତାଙ୍କର ବାସଭବନ ରେ ସାକ୍ଷାତ କରି ସମ୍ବର୍ଦ୍ଧିତ କରିବା ସହ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ୧୯୪୦ ଦଶକରେ ଯେତେବେଳେ ରେଭେନ୍ସା କଲେଜରେ ରାଜ୍ୟର ବିଧାନସଭା ଚାଲିଥିଲା ସେହି ସମୟରେ ସୁରେଶ ବାରିକଙ୍କ ପିତା ସ୍ୱର୍ଗତ ଭଜନ ବାରିକ ଥିଲେ ୭ ସାହିର ଅଧିକାରୀ। ସେ କମ୍ୟୁନିଷ୍ଟ ପାର୍ଟିରେ ରହି ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ । ୧୯୪୦ ଦଶକରେ କମ୍ୟୁନିଷ୍ଟ ପାର୍ଟିର ପ୍ରଖ୍ୟାତ ନେତା ଶ୍ରୀ ଦୁର୍ଗାଚରଣ ମହାପାତ୍ରଙ୍କୁ ପୋଲିସ ଠାରୁ ଛଡାଇ ଥିଲେ। ସେହି ସ୍ୱର୍ଗତ ଭଜନ ବାରିକ ସୁପୁତ୍ର ଶ୍ରୀ ସୁରେଶ ବାରିକ ସାତସାହି ର ଅଧିକାରୀ ରହିବ ସଂଗେ ସଂଗେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସଦର ସମ୍ପାଦକ ଓ ଜିଲ୍ଲା ସମ୍ପାଦକ ଭାବରେ ରହି ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ପୂଜା କମିଟି ଠାରୁ ଆରମ୍ଭ କରି ସହରର ବିଭିର୍ଣ୍ଣ ସାମାଜିକ କାର୍ଯ୍ୟରେ ଶ୍ରୀ ବାରିକ ରହି କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ୭୪ ବର୍ଷ ବୟସରେ କଟକ ମେୟର ଶ୍ରୀ ସୁବାସ ସିଂ ତାଙ୍କୁ ସାକ୍ଷାତ କରି କଟକ ସହରର ବିକାଶ ସମ୍ପର୍କରେ ତାଙ୍କର ପରାମର୍ଶ ଲୋଡିଲେ । ଏହି ସାକ୍ଷାତ ସମୟରେ ଶ୍ରୀ ବାରିକଙ୍କ ପରିବାର ବର୍ଗ, ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀ, ଜଗନ୍ନାଥ ସ୍ୱାଇଁ ବିନୋଦ ପଣ୍ଡା, କାଳିଚରଣ ପାଣିଗ୍ରାହୀ, ସୟଦ ଶେଖୱାତ, ଜନ ଆଶିଷ ବରାଳ, ପ୍ରମୁଖ ଉପସ୍ଥିତ ଥିଲେ।

## କାଠଯୋଡ଼ି ବ୍ରିଜ୍ ଉପରେ ବେକରେ ଗୁଡ଼ିସୂତା ଲାଗି ଜଣେ ଗୁରୁତର

**କଟକ, ନ୍ୟୁଜ ବ୍ୟୁରୋ**

ମାଞ୍ଜା ସୂତାରେ ଗୁଡ଼ି ଉଡାଇବା ପାଇଁ ସରକାର ବ୍ୟାନ କରିଥିଲେ ବି ଏହି ନିୟମକୁ ପାଳନ କରାଯାଉ ନଥିବା ଦେଖାଯାଇଛି। ଯାହାର ପରିଣାମସ୍ୱରୂପ ଅକାରଣରେ ଲୋକଙ୍କ ଜୀବନପ୍ରତି ବିପଦ ସୃଷ୍ଟି ହେଉଛି। ପୁଣି ଗୁଡ଼ି ସୂତା ହେଲା କାଳ। କାଠଯୋଡ଼ି ବ୍ରିଜ୍ ଉପରେ ଜଣେ ବ୍ୟକ୍ତିଙ୍କ ବେକରେ ଗୁଡ଼ିସୂତା ଲାଗିବାରୁ ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତ ହୋଇଥିବା ବ୍ୟକ୍ତି ହେଉଛନ୍ତି ଅକ୍ଷୟ ମହାପାତ୍ର। ସେ କଟକରୁ ଭୁବନେଶ୍ୱର ଆସୁଥିବା ବେଳେ ଏପରି ଅଘଟଣ ହୋଇଛି। ଗତବର୍ଷ ଡିସେମ୍ବର ୨୩ରେ କଟକରେ ଏକ ଅଘଟଣ ଘଟିଥିଲା। ରାଣୀହାଟର ପ୍ରତାପ କୁମାର ସାହୁ (୩୮) ତାଙ୍କର ଜଣେ ବନ୍ଧୁଙ୍କ ସହ ବାଇକ୍ ଯୋଗେ ଜଗତପୁରରୁ କଟକ ଅଭିମୁଖେ ଆସୁଥିଲେ। କାଳିଆବୋଦା ନିକଟସ୍ଥ ଜାତୀୟ ରାଜପଥ ଓଭରବ୍ରିଜ୍ ପାଖରେ ହେବା ବେଳକୁ ପ୍ରତାପଙ୍କ ବେକରେ ଗୋଟିଏ ମାଞ୍ଜାଲଗା ଗୁଡ଼ି ସୂତା ଲାଗିଥିଲା। ତୁରନ୍ତ ସେ ଗାଡ଼ି ରଖିଦେବାରୁ ବେକ ସାମାନ୍ୟ କଟିଯାଇଥିଲା। ସୂତାକୁ କାଢିବା ବେଳେ ତାଙ୍କର ବାମ ହାତ ବୁଢା ଆଙ୍ଗୁଠି କଟିଯାଇଥିଲା।

# ଇନକମଟ୍ୟାକ୍ସ ଫ୍ରେଣ୍ଡସ ସୋସାଇଟିର ବାର୍ଷିକ ସାଧାରଣ ଅଧିବେଶନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଜି ମଧ୍ୟାହ୍ନରେ ଫୁଲନଖରା ନିକଟବର୍ତ୍ତୀ ଏକ କୃଷି ଉଦ୍ୟାନରେ ଇନକମଟ୍ୟାକ୍ସ ଫ୍ରେଣ୍ଡସ ସୋସାଇଟିର ୩୯ ତମ ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶତାଧିକ ସଭ୍ୟ ସଭ୍ୟା ଯୋଗଦାନ କରିଥିଲେ । ଏହି ସୋସାଇଟିରେ ଆୟକର ବିଭାଗର ଅନେକ ଅବସରପ୍ରାପ୍ତ କର୍ମଚାରୀ ଓ କାର୍ଯ୍ୟରତ କର୍ମଚାରୀ ସଭ୍ୟ ଅଛନ୍ତି । ଆଜିର ଅଧିବେଶନ ସୋସାଇଟିର ସଭାପତି ଶ୍ରୀ ଶରତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ/ ଚୟନ ମଧ୍ୟ କରାଯାଇଥିଲା।

ଆଗାମୀ ବର୍ଷ ପାଇଁ ଶ୍ରୀ ଶରତ ଦାଶ ସଭାପତି ଭାବେ ଓ ଶ୍ରୀ ରାଧାଶ୍ୟାମ ଗିରି ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ । ଶ୍ରୀ ଗୌତମ ଦାସ କାର୍ଯ୍ୟକାରୀ ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଯୁଗ୍ମ ସମ୍ପାଦକ ଭାବେ ଶଶିକାନ୍ତ ବେହେରା ଓ ତ୍ରିଲୋଚନ ମଲ୍ଲିକ , କୋଷାଧ୍ୟକ୍ଷ ଭାବେ ଲଳିତ ପଣ୍ଡା ,ସହ କୋଷାଧ୍ୟକ୍ଷ ଭାବେ ସେଖ ରାଜେନ୍ ଜାନ, ହିସାବ ସମୀକ୍ଷକ ଭାବେ ଏ ଭି ଏନ୍ ଶ୍ରୀନିବାସ, ଓ କାର୍ଯ୍ୟକାରିଣୀ କମିଟିକୁ ସର୍ବଶ୍ରୀ ନିର୍ମଳେନ୍ଦୁ ଗୁପ୍ତା, ପୀତାମ୍ବର ଲେଙ୍କା, କିଶୋର ମହାନ୍ତି, ମନୋଜ ପତି, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଚିତ୍ତରଞ୍ଜନ ପଟ୍ଟନାୟକ, ସୁଶାନ୍ତ ପଟ୍ଟନାୟକ, ଏମ କେ ସାଇ, କବିତାଞ୍ଜଳି ପାଲ, ବିଦ୍ୟାଧର ସାହୁ ଓ ମଙ୍ଗରାଜ ସେଠୀ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ । ଉପଦେଷ୍ଟା ଭାବେ ଶ୍ରୀ ବ୍ରଜେନ୍ଦ୍ର ମହାନ୍ତି ଓ ଶ୍ରୀ ଜଗବନ୍ଧୁ ସାହୁଙ୍କୁ ପୁନଃ ନିର୍ବାଚିତ କରାଯାଇଥିଲା । ଏହି ଅଧିବେଶନରେ ଯୋଗ ଦେଇଥିବା ସମସ୍ତ ଆୟକର ବନ୍ଧୁଙ୍କୁ ଅଶେଷ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି ସଭାପତି ଶ୍ରୀ ଶରତ ଦାଶ ।

## କେନ୍ଦ୍ରମନ୍ତ୍ରୀଙ୍କ ବିକାଶ ପଥେ ମୟୁରଭଞ୍ଜ କାର୍ଯ୍ୟକ୍ରମ

# ଜନସାଧାରଣଙ୍କୁ ୫ବର୍ଷର ଡିଜିଟାଲ ରିପୋଟ କାର୍ଡ ପ୍ରଦାନ

**ବାରିପଦା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ଏବଂ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁ ଆଜି ବାରିପଦା ପ୍ରୟାସ ହଲ ଠାରେ ବିକାଶ ପଥେ ମୟୁରଭଞ୍ଜ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ ଜନସାଧାରଣଙ୍କୁ ୫ବର୍ଷର ଡିଜିଟାଲ ରିପର୍ଟ କାର୍ଡ ପ୍ରଦାନ ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି. ଏହି ସଚେତନତା ରଥ ପୂର୍ବ ସାଙ୍ଗଠନିକ ଜିଲାରେ ଗାଁ କୁ ଗାଁ ବୁଲି ବିଜେପି ସରକାର ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ବିଗତ ୫ବର୍ଷରେ ଜିଲ୍ଲା ର ବିକାଶ ପାଇଁ ନେଇଥିବା ପଦକ୍ଷେପ ବିଷୟରେ ଲୋକଙ୍କୁ ଅବଗତ କରାଇବ. ସେହିପରି ପଶ୍ଚିମ ସାଙ୍ଗଠନିକ ଜିଲାରେ ମଧ୍ୟ ଅନ୍ୟଏକ ଏଲଇଡ଼ି ପ୍ରଚାର ରଥ ବିକାଶର ବାର୍ତ୍ତା ପ୍ରଚାର କରିବ ବୋଲି ଜଣାଯାଇଛି. କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ସାଂସଦ ହେବା ପରେ ଦୁଇବର୍ଷ କରୋନା କଟକଣାରେ କଟିଥିଲା ବେଳେ ସେ ନିଜେମଧ୍ୟ କରୋନାରେ ଆକ୍ରାନ୍ତ ହୋଇଥିଲେ. ମାତ୍ର ୩ବର୍ଷର ସମୟ ସୀମା ମଧ୍ୟରେ ଜିଲ୍ଲାରେ ରାସ ଗୋବିନ୍ଦପୁର ଏୟାର ପୋର୍ଟ ସ୍ଥାପନ, ଜାତୀୟ ରାଜପଥର ସମ୍ପ୍ରସାରଣ, ରେଳ ବିକାଶ, ଶିକ୍ଷା ର ବିକାଶ ପାଇଁ ଜିଲାରେ ୧୯ଟି ଏକଲବ୍ୟ ମଡେଲ ସ୍କୁଲ ପ୍ରତିଷ୍ଠା, ରାଇରଙ୍ଗପୁର, କରଞ୍ଜିଆ ଏବଂ ଉଦଳାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବା ସହିତ, ବହୁ ପର୍ଯ୍ୟଟନସ୍ଥଳୀ ର ବିକାଶ, ପୁରାତନ ଜଳାଶୟ ର ପୁନଃଉଦ୍ଧାର ସହ ନୂତନ ଜଳାଶୟ ଖନନ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପାଇଁ ଝାଡ଼ଖଣ୍ଡ ସରକାରଙ୍କ ସହ ଆଲୋଚନା କରି ସମାଧାନର ପନ୍ଥା ବାହାର କରିବା, ଦୁଆରସୁଣୀ ଘାଟି ରାସ୍ତାର ପ୍ରଶସ୍ତି କରଣ ପାଇଁ ପଦକ୍ଷେପ ନେଇଥିବା କଥା ସବିଶେଷ ଭାବରେ ଉପସ୍ଥାପନ କରିଥିଲେ. ବାକିଥିବା ୪୯ନମ୍ବର ଜାତୀୟ ରାଜପଥ କାମ ଖୁବଶୀଘ୍ର ଆରମ୍ଭ ହେବ ଏବଂ ଏଥିପାଇଁ ଆସନ୍ତା ୨୭ଏବଂ ୨୮ ତାରିଖ ରେ ତିନୋଟି ସ୍ଥାନରେ ଭୂମି ପୂଜା ହେବ. ସେହିପରି ବୁଢ଼ାମରା- ଚାକୁଳିଆ, ବାଙ୍ଗିରିପୋଷି -ଗୋରୁମହିସାଣି ଏବଂ ବାଦାମପାହାଡ଼ -କେନ୍ଦୁଝର ନୂତନ ରେଳ ଲାଇନ କାମ ସମ୍ପର୍ଣ୍ଣ ହୋଇଥିବା ବେଳେ, କ୍ୟାବିନେଟ ମଞ୍ଜୁରୀ ପରେ ଖୁବଶୀଘ୍ର ଫେବୃୟାରୀ ମାସ ସୁଦ୍ଧା ଭୂମିପୂଜନ ହେବ ବୋଲି କହିଛନ୍ତି. ଏହି ଅବସର ରେ ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ବରିଷ୍ଠ ବିଜେପି ନେତା ମହାରାଜା ପ୍ରବିଣ ଚନ୍ଦ୍ର ଭଞ୍ଜଦେଓ, କବି ବିଷ୍ଣୁ ଶତପଥି, ବିଜୟ ଦାସ ପ୍ରମୁଖ ମଂଚାସୀନ ଥିବା ବେଳେ, ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବିଜେପି କର୍ମକର୍ତ୍ତା ମାନେ ଯୋଗଦେଇଥିଲେ.

# ଦଶାହ କାମକୁ ଯିବା ବାଟରେ ଚାଲିଗଲା ୩ବାଇକ ଆରୋହୀଙ୍କ ଜୀବନ

**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଚାଲିଗଲା ୩ ବାଇକ ଆରୋହୀଙ୍କ ଜୀବନ । ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାଣୀତାଲ ହାଇଟେକ କଲେଜ ଆଗରେ ଆଜି ବାରଟା ସମୟରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ବାଲେଶ୍ୱର ଆଡୁ ଆସୁଥିବା ଏକ ଟ୍ରକ୍ ୩ ଜଣ ବାଇକ ଆରୋହୀଙ୍କୁ ପଛପଟୁ ଧକ୍କା ଦେବାରୁ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁସାରେ, ତିହିଡି ଭାଟପଡା ଗ୍ରାମର ତିନିଜଣ ଯୁବକ ଜିତୁ ପ୍ରଧାନ, ବାପି ପ୍ରଧାନ ଓ ସଂକୁର ପ୍ରଧାନ ଏକ ଦଶାହ କାମରେ ଯୋଗ ଦେବାପାଇଁ ଏକ ବାଇକ ଯୋଗେ ସୋର ଯାଉଥିଲା ବେଳେ ଭଦ୍ରକ ୧୬ ନମ୍ବର ଜାତୀୟ ରାଜପଥର ରାଣୀତାଲ ହାଇଟେକ କଲେଜ ପାଖରେ ପଛରୁ ଏକ ଟ୍ରକ ଧକ୍କା ଦେଇ ପଳାଇ ଯାଇଥିଲା । ବର୍ଷା ହେଉଥିବା ଯୋଗୁ ସେଠି କେହି ନ ଥିବାର ସୁଯୋଗ ପାଇ ଟ୍ରକଟି ପଳାଇ ଯାଇଥିବା ବେଳେ ଘଟଣା ସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲା । ଖବରପାଇ ଗ୍ରାମାଞ୍ଚଳ ପୋଲିସ ପହଂଚି ମୃତକ ୩ ଜଣଙ୍କୁ ପଞ୍ଚନାମା ପାଇଁ ଭଦ୍ରକ ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି ।

# ନଳିନୀ ଦେବୀ ଶିକ୍ଷକ ଶିକ୍ଷା ମହିଳା ମହାବିଦ୍ୟାଳୟରେ ଆଲୋଚନା ଚକ୍ର



**ଭୁବନେଶ୍ୱର , ନ୍ୟୁଜ ବ୍ୟୁରୋ**

ଇତ୍ୟବସରରେ ସ୍ଥାନୀୟ ଖାରବେଳ ନଗର ସ୍ଥିତ ନଳିନୀ ଦେବୀ ଶିକ୍ଷକ ଶିକ୍ଷା ମହିଳା ମହାବିଦ୍ୟାଳୟରେ "ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ର ପ୍ରଚାର ଓ ପ୍ରସାର" ପରିପ୍ରେକ୍ଷୀ ରେ ୫ ନୂଆ –ଓ ଯୋଜନା ପକ୍ଷରୁ ଅଧ୍ୟକ୍ଷାପ୍ରଫେସର (ଡକ୍ଟର) ଗାୟତ୍ରୀ ମହାନ୍ତିଙ୍କ ପୌରୋହିତ୍ୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଆଲୋଚନା ଚକ୍ରରେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ପୂର୍ଣ୍ଣ ଚନ୍ଦ୍ର ଦାସ " ଓଡିଆ ସଂସ୍କୃତି ଓ ଶ୍ରୀ ଜଗନ୍ନାଥ " ପ୍ରସଙ୍ଗରେ ନିଜର ଓଜସ୍ୱିନୀ ଭାଷଣ ପ୍ରଦାନ କରିଥିଲେ ।ଭାଷଣରେ ଡକ୍ଟର ଦାସ ଶ୍ରୀ ଜଗନ୍ନାଥଙ୍କର ଅନେକ ଅଲୌକିକ ପୌରଣିକ କଥା ବସ୍ତୁ ତଥା ମହାପ୍ରଭୁଙ୍କର ମାନବୀୟ ଲୀଳା ଉପରେ ଆଲୋକପାତ କରିଥିଲେ । ଅଧ୍ୟକ୍ଷା ଡକ୍ଟର ମହାନ୍ତି ଶ୍ରୀ ଜଗନ୍ନାଥଙ୍କର ମହାନତା ବର୍ଣ୍ଣନା କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ମହାବିଦ୍ୟାଳୟର ଅନ୍ୟତମ ପ୍ରଫେସର (ଡକ୍ଟର) ସବିତା ନାୟକ ମଧ୍ୟ ମଞ୍ଚାସୀନ ଥିଲେ । ୫ନୂଆ –ଓ ଅନ୍ତର୍ଗତ 'ବିଶ୍ୱ ଓଡିଆ ଭାଷା ସମ୍ମିଳନୀ' ର ନୋଡାଲ ଅଫିସର ଡକ୍ଟର ଦେବଦର୍ଶିନୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରକାଶନ ବିଭାଗର ସହ ଅଧ୍ୟାପିକା ସୁଶ୍ରୀ ସାଗ୍ନିକା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରିଶେଷରେ ନୂଆ –ଓ କାର୍ଯ୍ୟକ୍ରମ ର ନୋଡାଲ ଅଫିସର ଡକ୍ଟର ପ୍ରଭାତ ମଞ୍ଜରୀ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଆଲୋଚନା ଚକ୍ରରେ ବହୁ ସଂଖ୍ୟକ ଛାତ୍ରୀ ଓ ଅଧ୍ୟାପିକା ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ରାଜ୍ୟର ଉପକୂଳରେ ୨୫ ପର୍ଯ୍ୟନ୍ତ ବର୍ଷା ଆଶଙ୍କା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୨୫ ତାରିଖ ପର୍ଯ୍ୟନ୍ତ ଉପକୂଳ ଓ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ପାଗ ମେଘୁଆ ରହିବା ସହ ସ୍ଥାନେସ୍ଥାନେ ହାଲୁକାରୁ ସ୍ୱଳ୍ପ ବର୍ଷା ହୋଇପାରେ। ୨୨ ଓ ୨୩ତାରିଖରେ ବର୍ଷାର ସମ୍ଭାବନା ସର୍ବାଧିକ ରହିବ ବୋଲି ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି। ଡ. ପଶୁପାଳକଙ୍କ ଅନୁଯାୟୀ, ଆସନ୍ତା ୨୨ ଓ ୨୩ ତାରିଖରେ ଦିନର ସର୍ବାଧିକ ତାପମାତ୍ରା ପ୍ରାୟ ୨ରୁ ୩ ଡିଗ୍ରୀ ସେଲସିୟସ୍ କମିବା ସମ୍ଭାବନା ଥିବା ବେଳେ ୨୩ରୁ ୨୫ ତାରିଖ ମଧ୍ୟରେ ରାତି ତାପମାତ୍ରା ୨ ଡିଗ୍ରୀ ଯାଏଁ ବଢ଼ିବ। ସେହିପରି ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ କୁହୁଡ଼ି ହେବାର ସମ୍ଭାବନା ଅଧିକ ରହିଛି ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟର ଦକ୍ଷିଣ ଆଭ୍ୟନ୍ତରୀଣ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୨୧ରୁ ୨୪ ତାରିଖ ମଧ୍ୟରେ ୪ ଡିଗ୍ରୀ ପର୍ଯ୍ୟନ୍ତ କମିପାରେ। ଫଳରେ ସମ୍ପୃକ୍ତ ଅଞ୍ଚଳରେ ଶୀତର ପ୍ରକୋପ ସାମୟିକ ବଢ଼ିବ। ତେବେ ୨୫ତାରିଖ ପରେ ଶୀତର ପ୍ରକୋପ ଧୀରେଧୀରେ ହ୍ରାସ ପାଇବ ବୋଲି ସେ କହିଛନ୍ତି। ଅପରପକ୍ଷେ, ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁଯାୟୀ, ଆଜି ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ସୋନପୁର, କଟକ, ଅନୁଗୋଳ ଓ ବଲାଙ୍ଗୀର ଜିଲ୍ଲାରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି।

# ଏସ୍‌ଟିଏଫ୍ ଚଢ଼ଉ: ବାଘ ଛାଲ ଜବତ, ଜଣେ ଗିରଫ

**ହରଭଙ୍ଗା, ନ୍ୟୁଜ ବ୍ୟୁରୋ**

ବୌଦ୍ଧ-କନ୍ଧମାଳ ସୀମାନ୍ତ ରାଣୀପଥର ଗ୍ରାମରେ ଶନିବାର ସକାଳୁ ଏସ୍‌ଟିଏଫ୍ ଟିମ୍ ଚଢ଼ଉ କରି ଗୋଟିଏ ବାଘଛାଲ ଜବତ କରିଛି। ଏହି ଘଟଣାରେ କନ୍ଧମାଳ ଜିଲ୍ଲା ସୁଦ୍ରୁକୁମ୍ପା ଗ୍ରାମ ନୂଆସାହିର ଗୌତମ ବେହେରା (୫୫)କୁ ଏସ୍‌ଟିଏଫ୍ ଗିରଫ କରିଛି। ସୂଚନା ଅନୁସାରେ ସୁଦ୍ରୁକୁମ୍ପାର ଗୌତମ ବେହେରା ବାଘ ଛାଲ ରଖିଥିବା ନେଇ ଏସ୍‌ଟିଏଫ୍ ଟିମ୍ ବିଶେଷ ସୂତ୍ରରୁ ଖବର ପାଇଥିଲେ। ବୌଦ୍ଧ-କନ୍ଧମାଳ ସୀମାନ୍ତ ରାଣୀପଥରରେ ୨୫ ଲକ୍ଷ ଟଙ୍କାରେ ବାଘ ଛାଲ ବିକ୍ରି ପାଇଁ ମୂଲଚାଲ କରି ଏସ୍‌ଟିଏଫ୍ ଟିମ୍ ଗୌତମକୁ ମାଡ଼ି ବସିଥିଲା। ଗୌତମ ପାଖରୁ ଏସ୍‌ଟିଏଫ୍ ଟିମ୍ ଗୋଟିଏ କଳରାପତରିଆ ଛାଲ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏସ୍‌ଟିଏଫ୍ ତରଫରୁ ଏକ ମାମଲା ରୁଜୁ କରାଯାଇ ଗୌତମକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି ବିରାଜିବେ...

ବଲିଉଡର ସୁପରଷ୍ଟାର ଅମିତାଭ ବଚ୍ଚନ, ବ୍ୟବସାୟ ଟାଇକନ ମୁକେଶ ଅମ୍ବାନି ଏବଂ ଗୌତମ ଆଦାନୀ, କ୍ରୀଡ଼ା କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଏବଂ ଏମଏସ ଧୋନିଙ୍କ ଭଳି ବହୁ ମାନ୍ୟଗନ୍ୟ ବ୍ୟକ୍ତି ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବେ । ମନ୍ଦିର ନିର୍ମାଣ ପାଇଁ ଯେଉଁମାନେ ଆନ୍ଦୋଳନର ଅଂଶ ହୋଇଥିଲେ ସେମାନେ ମଧ୍ୟ ଏହି ସମାରୋହରେ ଯୋଗଦେବେ। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଉତ୍ତର ପ୍ରଦେଶରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ପ୍ରାୟ ୧୩,୦୦୦ ସୈନ୍ୟ ନିୟୋଜିତ ହୋଇଛନ୍ତି । ଆଣ୍ଟି-ବମ୍ ଏବଂ ଡଗ ସ୍କ୍ୱାଡ ବ୍ୟବସ୍ଥା କରାଯାଇଛି । ଜରୁରୀ ଆବଶ୍ୟକତା ପାଇଁ ରାମ ମନ୍ଦିର ନିକଟରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ଫୋର୍ସ (ଏନଡିଆରଏଫ)ର ଏକ ଶିବିର ସ୍ଥାପନ କରାଯାଇଛି। ଉତ୍ତର ପ୍ରଦେଶ ଡିଜି ପ୍ରଶାନ୍ତ କୁମାର କହିଛନ୍ତି ଯେ, ୧୩,୦୦୦ ସୈନ୍ୟଙ୍କ ବ୍ୟତୀତ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଚାଳିତ ସିସିଟିଭି ନିୟୋଜିତ କରାଯାଇଛି। ପ୍ରାଣ ପ୍ରତିଷ୍ଠା ପୂର୍ବରୁ ମନିଟରିଂ ପାଇଁ ଅଯୋଧ୍ୟାରେ ଆଣ୍ଟି ଡ୍ରୋନ ଟେକ୍ନୋଲୋଜିରେ ନିର୍ମିତ ୧୦,୦୦୦ ସିସିଟିଭି କ୍ୟାମେରା ଲଗାଯାଇଛି। ଲତା ମଙ୍ଗେଶକର ଚୌକରେ ରାପିଡ ଆକ୍ସନ ଫୋର୍ସ (ଆରପିଏଫ) କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏହା ବ୍ୟତୀତ ପୁଲିସ ସରଯୁ ନଦୀରେ ଡଙ୍ଗା ସାହାଯ୍ୟରେ ପାଟ୍ରୋଲିଂ କରୁଛି।

## ସମ୍ ହସ୍ପିଟାଲର...

ହସ୍ପିଟାଲରେ ରାଜ୍ୟର ଯେକୌଣସି ସ୍ଥାନରୁ ରୋଗୀଙ୍କୁ ପହଞ୍ଚିବାରେ ସୁବିଧା ହେବ । ୨୪ ଘଣ୍ଟା ଜରୁରୀକାଳୀନ ସେବା ପ୍ରଦାନ କରାଯିବା ସହ ଆଇସିୟୁ, ଆୟୁସିସିୟୁ, ପିଆଇସିୟୁ ସୁବିଧା ଉପଲବ୍ଧ ହେଉଛି । ଏହା ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇବାରେ ସହାୟକ ହେବ ବୋଲି ସମ୍ ପକ୍ଷରୁ କୁହାଯାଇଛି । ସମ୍ ହସ୍ପିଟାଲର ଫୁଲନଖରା କ୍ୟାମ୍ପସରେ ଜେନେରାଲ ମେଡିସିନ୍, ରେସ୍ପିରେଟାରୀ ମେଡିସିନ୍, ପେଡିଆଟ୍ରିକ୍ସ, ନିଓନାଟୋଲୋଜି, କ୍ରିଟିକାଲ କେୟାର ମେଡିସିନ୍, ସାଇକିଆଟ୍ରିକ୍, ଆନେସ୍ଥେସିଓଲୋଜି, ରେଡିଓ- ଡାଏଗ୍ନୋସିସ, ଇମର୍ଜେନ୍ସି ମେଡିସିନ୍, ଇମ୍ୟୁନୋ ହେମାଟୋଲୋଜି ଆଣ୍ଡ ବ୍ଲଡ ଟ୍ରାନ୍ସଫ୍ୟୁଜନ୍, ରେଡିଏସନ ଅଙ୍କୋଲୋଜି, ନ୍ୟୁକ୍ଲିୟର ମେଡିସିନ୍, ମେଡିକାଲ ଅଙ୍କୋଲୋଜି, ପେଡିଆଟ୍ରିକ ଅଙ୍କୋଲୋଜି, ଜେନେରାଲ ସର୍ଜରୀ, ଅର୍ଥୋପେଡିକ୍ସ, ଅବଷ୍ଟେଟ୍ରିକ୍ସ ଆଣ୍ଡ ଗାଏନାକୋଲୋଜି, ଇଏନ୍‌ଟି, ପାଥୋଲୋଜି ଆଣ୍ଡ ମାଇକ୍ରୋବାୟୋଲୋଜି ଭଳି ବିଭାଗ ରହିଛି। ଜନସାଧାରଣଙ୍କୁ ସର୍ବୋତ୍କୃଷ୍ଟ ଓ ଉତ୍ସର୍ଗୀକୃତ ସେବା ଯୋଗାଇବାରେ ସମ୍‌ର ଫୁଲନଖରା କ୍ୟାମ୍ପସ ବେଶ୍ ସହାୟକ ହେବ।

## ୨୭ରେ ସମଲେଇ...

ପଶ୍ଚିମ ଓଡ଼ିଶା ଓ ଅନ୍ୟାନ୍ୟ ଅଞ୍ଚଳରୁ ଉଦ୍‌ଘାଟନ ସମାରୋହରେ ସାମିଲ ହେବାକୁ ଶ୍ରଦ୍ଧାଳୁଙ୍କ ବିପୁଳ ସମାଗମ ହେବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି । ନିଜ ଅଞ୍ଚଳର ଗ୍ରାମଦେବତୀଙ୍କ ପୀଠରେ ଶ୍ରଦ୍ଧାଳୁଙ୍କଠାରୁ ସିନ୍ଦୂର ଓ ଚୁନରି ସଂଗ୍ରହ କରାଯିବ। ସିନ୍ଦୂର ଓ ଚୁନରି ମାଆଙ୍କର ଅତ୍ୟନ୍ତ ପ୍ରିୟ। ଶ୍ରଦ୍ଧାଳୁଙ୍କ ମନୋବାଞ୍ଛା ପୂରଣ ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି । ଜାନୁଆରୀ ୩୦ତାରିଖ ପରଠାରୁ ଶ୍ରଦ୍ଧାଳୁ ଅଞ୍ଚଳଓ୍ୱାରୀ ମାଆଙ୍କ ଦର୍ଶନ କରିବା ସହ ସିନ୍ଦୂର ଓ ଚୁନରି ଅର୍ପଣ କରିବେ। ୪୦ଏକର ଜମିକୁ ପରିବ୍ୟାପ୍ତ ହୋଇଛି ମନ୍ଦିର ପ୍ରକଳ୍ପ।

ଭୁବନେଶ୍ୱର
୨୨ ଜାନୁଆରୀ
ସୋମବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

# ଅପହଞ୍ଚ ଗ୍ରାମବାସୀଙ୍କ ପାଇଁ ଆଶୀର୍ବାଦ ପାଲଟିଛି 'ଲକ୍ଷ୍ମୀ' ବସ୍ ଯୋଜନା

**ନବରଙ୍ଗପୁର, ୨୧/୧ ନ୍ୟୁଜ ବ୍ୟୁରୋ**

'ଲକ୍ଷ୍ମୀ' ବସ୍ ସେବା ନବରଙ୍ଗପୁର ଜିଲ୍ଲାର ଅପହଞ୍ଚ ଗ୍ରାମବାସୀଙ୍କ ପାଇଁ ଆଶୀର୍ବାଦ ପାଲଟିଛି। ଏହି ବସ୍ ସେବା ଦ୍ୱାରା ଏବେ ଜିଲ୍ଲାର ଆଭ୍ୟନ୍ତର ଅଞ୍ଚଳରୁ ସହରକୁ ଯାତାୟାତ ସୁଗମ ହୋଇଛି। ଏନେଇ ଆଭ୍ୟନ୍ତର ତଥା ଅପହଞ୍ଚ ଗ୍ରାମବାସୀଙ୍କ ମନରେ ଏବେ ହସ ଫୁଟିଥିବା ବେଳେ ଉକ୍ତ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି। ପ୍ରଥମକରି ନବରଙ୍ଗପୁରରେ ଗତ ଡିସେମ୍ବର ୩୦ ତାରିଖଠାରୁ ଜିଲ୍ଲାର ୧୮୯ ପଞ୍ଚାୟତରେ ଗଡ଼ିଛି ମୋଟ ୪୪ଟି 'ଲକ୍ଷ୍ମୀ' ବସ୍। ଏହି ବସ୍ ନବରଙ୍ଗପୁରର ଅଗଣିତ ଜିଲ୍ଲାବାସୀଙ୍କ ସହ ଜିଲ୍ଲାର ମା'ମାନଙ୍କର ଏବେ ମୁଖ୍ୟ ସାରଥୀ ପାଲଟିଛି। ପୂର୍ବରୁ ନବରଙ୍ଗପୁର ଜିଲ୍ଲାର ସହର ଏବଂ ବ୍ଲକ୍ ସଦର ମହକୁମାଠାରୁ ଗ୍ରାମାଞ୍ଚଳ ଓ ଆଭ୍ୟନ୍ତରୀଣ



ଅଞ୍ଚଳକୁ ଗମନାଗମନରେ ବହୁ ଅସୁବିଧା ରହିଥିଲା। ବର୍ତ୍ତମାନ ଏହି ଲକ୍ଷ୍ମୀ ବସ୍ ସେବା ମାଧ୍ୟମରେ ଜଣେ ଚାଷୀ ବଜାର ସହିତ ଯୋଡ଼ି ହେଉଥିବା ବେଳେ ଗ୍ରାମାଞ୍ଚଳର ରୋଗୀଙ୍କ ଡାକ୍ତରଖାନା ଆସିବା ସୁବିଧାଜନକ ହୋଇଛି। ବର୍ତ୍ତମାନ ପ୍ରତ୍ୟେକ ଗ୍ରାମ ଲକ୍ଷ୍ମୀ ବସ୍ ସେବା ଯୋଗୁଁ ବ୍ଲକ୍ ସହିତ ଯୋଡ଼ି ହୋଇଥିବା ବେଳେ ପ୍ରତ୍ୟେକ ବ୍ଲକ୍ ସହର ସହ ଯୋଡ଼ି ହୋଇଛି। ଫଳରେ ଲୋକଙ୍କ ମଧ୍ୟରେ ସମ୍ପର୍କ ଆହୁରି ମଜଭୁତ ହୋଇପାରିଛି। ମା' ଲକ୍ଷ୍ମୀଙ୍କୁ ସମୃଦ୍ଧିର ପ୍ରତୀକ ସ୍ୱରୂପ ବିବେଚନା କରାଯାଉଥିବା ବେଳେ ନବରଙ୍ଗପୁର ଜିଲ୍ଲାରେ ଏହି ଲକ୍ଷ୍ମୀ ବସ୍ ସେବା ଜିଲ୍ଲାର ପ୍ରତି ଘରେଘରେ ପହଞ୍ଚି ଖୁସି ଓ ଆନନ୍ଦ ଆଣି ପାରିଛି। ଏଥିପାଇଁ ଜିଲ୍ଲାବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ତଥା 'ଆମ ଓଡ଼ିଶା ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏ ସଂପର୍କରେ ଉମରକୋଟ ବ୍ଲକ୍ ବଡ଼କୁମାରୀ ପଞ୍ଚାୟତର ମୁନା ଡାକୁଆ କହିଛନ୍ତି, ପୂର୍ବରୁ ପଞ୍ଚାୟତରେ ଉମରକୋଟ ବ୍ୟାଙ୍କ ଓ ଉମରକୋଟ ସହରକୁ ଯିବାକୁ ହେଲେ ଅଟୋ ଭଡ଼ା ୫୦ ଟଙ୍କା ଲାଗୁଥିଲା। କିନ୍ତୁ ବର୍ତ୍ତମାନ ଲକ୍ଷ୍ମୀ ବସ୍ ଯୋଜନା ହେବା ଦ୍ୱାରା ସୁବିଧାରେ ବ୍ୟାଙ୍କ ଓ ସହରକୁ ମହିଳାମାନେ ଯାଇପାରୁଛନ୍ତି। କମ୍ ଖର୍ଚ୍ଚ ଓ କମ୍ ସମୟରେ ପହଞ୍ଚି ପାରୁଛନ୍ତି। ସେହିପରି ଉମରକୋଟ ପଡ଼ାଗଡ଼ର ଗୀତା ପାଇକ ଏବଂ ବାଉଁଶବେଡ଼ାର ଅମ୍ବିକା ପାତ୍ର ଓ ଗୋଟିଗୁଡ଼ାର ବିଦ୍ୟୁତପ୍ରଭା ବେହେରା ଏହି ଲକ୍ଷ୍ମୀ ବସ୍ ଆମକୁ ଗାଁ ଓ ପଞ୍ଚାୟତରୁ ସହର, ଡାକ୍ତରଖାନା ଯିବାରେ ବହୁ ସହାୟକ ହୋଇଛି ବୋଲି କହିଛନ୍ତି। ଏଥିପାଇଁ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।



ଭୁବନେଶ୍ୱର : ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ଓ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ରଙ୍ଗୀନ ଆଲୋକମାଳାରେ ସଜେଇ ହୋଇଛି ରାଜଧାନୀ ସ୍ଥିତ ରାମମନ୍ଦିର । (ଫଟୋ : ସମ୍ବାଦ କଳିକା)

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗଜପତି ମହାରାଜା : ପରିକ୍ରମା ପ୍ରକଳ୍ପ ପାଇଁ ଜଣାଇଲେ ଧନ୍ୟବାଦ



**ଭୁବନେଶ୍ୱର, ୨୧/୧ ନ୍ୟୁଜ ବ୍ୟୁରୋ**

ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ । ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାସହିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଲୋକାର୍ପଣ କରିଥିଲେ। ପରିକ୍ରମା ପ୍ରକଳ୍ପ ମୁଖ୍ୟତଃ ଶ୍ରୀମନ୍ଦିରର ନିରାପତ୍ତା, ଭକ୍ତ ଓ ତୀର୍ଥଯାତ୍ରୀଙ୍କୁ ମୌଳିକ ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ କରାଯାଇଛି। ଏଥିସହ ମେଘନାଦ ପ୍ରାଚୀର କଡ଼େ କଡ଼େ ବାହ୍ୟ ପରିକ୍ରମାର ଦିବ୍ୟ ଅନୁଭବ ପ୍ରଦାନ କରିବା ପାଇଁ ମଧ୍ୟ ଶ୍ରୀମନ୍ଦିର ଚୌହଦୀର ୭୫ ମିଟର ପରିଧିକୁ ନୂଆ ରୂପ ଦିଆଯାଇଛି। ଯାହା ଫଳରେ ଭକ୍ତଟିଏ ଶ୍ରୀମନ୍ଦିର ପରିକ୍ରମା କରିପାରିବ।

# ୨୦ ପୁଲିସ ଅଧିକାରୀଙ୍କୁ ମିଳିବ ରାଜ୍ୟପାଳ ପୁଲିସ ପଦକ

**ଭୁବନେଶ୍ୱର, ୨୧/୧ ନ୍ୟୁଜ ବ୍ୟୁରୋ**

୨୦୨୩ ବର୍ଷ ପାଇଁ ୨ ଜଣ ଆଇଜିଙ୍କ ସମେତ ମୋଟ ୨୦ ଜଣ ପୁଲିସ୍ କର୍ମଚାରୀଙ୍କୁ ପ୍ରଦାନ କରାଯିବ ରାଜ୍ୟପାଳ ପଦକ। ବିଭିନ୍ନ ବର୍ଗରେ ଏହି ୨୦ ଜଣ ପୁଲିସ୍ କର୍ମଚାରୀଙ୍କୁ ରାଜ୍ୟପାଳ ପଦକ ପ୍ରଦାନ କରାଯିବା ପାଇଁ ବଛା ଯାଇଛି। ପ୍ରଥମ ବର୍ଗ (ଅତିରିକ୍ତ ଡିଜିପି/ଆଇଜିପି/ଡିଆଇଜିପି)ରେ ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ ଓ କ୍ରାଇମବ୍ରାଞ୍ଚ ଆଇଜି ସଫିନ ଅହମ୍ମଦ ରାଜ୍ୟପାଳ ପଦକ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଦ୍ୱିତୀୟ ବର୍ଗ (ଏସ୍‌ପି/ଏଆଇଜିପି/କମାଣ୍ଡାଣ୍ଟ/ଡେପୁଟି କମାଣ୍ଡାଣ୍ଟ)ରେ ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ଓ ସମ୍ବଲପୁର ଏସ୍‌ପି ମୁକେଶ ଭାମୁ ପାଇବେ ଏହି ପଦକ। ତୃତୀୟ ବର୍ଗ (ଅତିରିକ୍ତ ଏସ୍‌ପି/ଡିଏସ୍‌ପି/ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ)ରେ ବରିଷ୍ଠ ଓପିଏସ ଅଫିସର ତଥା ବିପିଏସ୍‌ପିଏର ଅତିରିକ୍ତ ଏସ୍‌ପି ଉଦୟଭାନୁ ମିଶ୍ର ଓ ୟୁପିଡି ଏସିପି ମାନସ ଗଡ଼ନାୟକ ଏହି ପୁରସ୍କାର ପାଇବେ। ଚତୁର୍ଥ ବର୍ଗ (ଇନ୍ସପେକ୍ଟର/ରିଜର୍ଭ ଇନ୍ସପେକ୍ଟର/ସୁବେଦାର ମେଜର/ସୁବେଦାର)ରେ କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ଅନୀଲ ଆନନ୍ଦ, ଗଂଜାମ ପାଟପୁର ଥାନା ଇନ୍ସପେକ୍ଟର ସବ୍ୟସାଚୀ ମଲ୍ଲ ଓ ସମ୍ବଲପୁର ଭିଜିଲାନ୍ସ ଡିଭିଜନ ଇନ୍ସପେକ୍ଟର ହେମାମାଳିନୀ ନାୟକ ପାଇବେ ରାଜ୍ୟପାଳ ପଦକ। ପଞ୍ଚମ ବର୍ଗ (ଏସ୍‌ଆଇ/ସର୍ଜେଣ୍ଟ/ଡ୍ରିଲ୍ ସବ୍-ଇନ୍ସପେକ୍ଟର/ଡେପୁଟି ସୁବେଦାର)ରେ ରାଉରକେଲା ଚତୁର୍ଥ ବାଟାଲିୟନର ପୁଲିସ୍ ଏସଆଇ (ସଶସ୍ତ୍ର) ଦିଲ୍ଲୀପ ନାୟକ, ଭୁବନେଶ୍ୱର କମିଶନରେଟ ପୁଲିସ ଏସଆଇ ଯୁଗଳ ଚରଣ ସ୍ୱାଇଁ, ସମ୍ବଲପୁର ଭିଜିଲାନ୍ସ ଡିଭିଜନ ଏସଆଇ ସଂଜୟ ପଟ୍ଟନାୟକ ପାଇବେ ରାଜ୍ୟପାଳ ପଦକ। ଷଷ୍ଠ ବର୍ଗ (ଏଏସ୍‌ଆଇ/ହାବିଲଦାର/ହାବିଲଦାର ମେଜର)ରେ ଏଏସଆଇ ବିକାଶ ପାତ୍ର, ପ୍ରଜାପତି ମେହେର ଓ ପ୍ରଶାନ୍ତ ବିଶ୍ୱାଳ ପାଇବେ ଏହି ସମ୍ମାନଜନକ ପଦକ। ସପ୍ତମ ବର୍ଗ (କନଷ୍ଟେବଲ/ସିପାହୀ/ଆସିଷ୍ଟାଣ୍ଟ ଡ୍ରାଇଭର)ରେ କନଷ୍ଟେବଲ ରମେଶ ସାହୁ, ସନାତନ ସାହୁ, ନରେଶ କୁମାର ଚୌଧୁରୀ, ସିପାହୀ ବିଶ୍ୱକର୍ମା ମୁଣ୍ଡା ଓ କେଦାରନାଥ ମିଶ୍ର ପାଇବେ ରାଜ୍ୟପାଳ ପଦକ।

## କନ୍ଧମାଳ ସଂସଦୀୟ କ୍ଷେତ୍ରରେ

# ସଫଳତାର ସହ ଆୟୋଜିତ ହେଲା ମେଗା ନିଯୁକ୍ତି ମେଳା



**ଫୁଲବାଣୀ, ୨୧ ।୧ ନ୍ୟୁଜ ବ୍ୟୁରୋ**

ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ କ୍ରମେ କିଟ୍ ଆନୁକୂଲ୍ୟରେ କନ୍ଧମାଳ ଜିଲ୍ଲା ପ୍ରଶାସନ ସହଯୋଗରେ ଫୁଲବାଣୀଠାରେ ମେଗା ନିଯୁକ୍ତି ମେଳା ସଫଳତାର ସହ ଆୟୋଜିତ ହୋଇଯାଇଛି । ଏଥିରେ କନ୍ଧମାଳ ଜିଲ୍ଲାର ସମସ୍ତ ବ୍ଲକ୍, ବୌଦ୍ଧ ଜିଲ୍ଲାର ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ବ୍ଲକ୍, ନୟାଗଡ଼ ଜିଲ୍ଲାର ଗଣିଆ, ଦଶପଲ୍ଲା ଓ ନୂଆଗାଁ, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଓ ଜଗନ୍ନାଥ ପ୍ରସାଦ ବ୍ଲକ୍‌ରୁ ୨୦ ହଜାରରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ଯୋଗଦେଇଥିଲେ । ସେଥି ମଧ୍ୟରୁ ଗୋଟିଏ ଦିନରେ ମୋଟ ୧୩ ହଜାର ୫ଶହ ପ୍ରାର୍ଥୀ ବିଭିନ୍ନ କମ୍ପାନୀରେ ନିଯୁକ୍ତି ଅଫର ପାଇଛନ୍ତି । ଓଡ଼ିଶାର ବିଭିନ୍ନ କମ୍ପାନୀରେ ନିଯୁକ୍ତି ପାଇଁ ୩ହଜାର ୫ଶହ ଜଣ ମନୋନୀତ ହୋଇଥିବା ବେଳେ ଭାରତର ଅନ୍ୟ କମ୍ପାନୀମାନେ ୧୦ ହଜାର ପ୍ରାର୍ଥୀଙ୍କୁ ଚୟନ କରିଛନ୍ତି। ସେମାନଙ୍କ ସର୍ବନିମ୍ନ ମାସିକ ବେତନ ୧୨ ହଜାର ଟଙ୍କା ଥିବାବେଳେ ସର୍ବାଧିକ ୩୫ ହଜାର ଟଙ୍କା ପ୍ରଦାନ କରାଯିବ । ଓଡ଼ିଶାର ୪୦ଟି କମ୍ପାନୀ ସମେତ ସମଗ୍ର ଦେଶରୁ ୧୨୦ଟି କମ୍ପାନୀ ଓ ଶିଳ୍ପ ସଂସ୍ଥା ଏହି ନିଯୁକ୍ତି ମେଳାରେ ଯୋଗ ଦେଇଥିଲେ । ସେମାନଙ୍କ ପାଇଁ ୧୨୦ଟି ଷ୍ଟଲ୍ ଖୋଲାଯାଇ ପ୍ରାର୍ଥୀ ଚୟନର ବନ୍ଦୋବସ୍ତ କରାଯାଇଥିଲା । ବିଭିନ୍ନ ବ୍ଲକ୍‌ରେ ୧୨ ହଜାର ପଞ୍ଜୀକରଣ ହୋଇଥିବା ବେଳେ ସ୍ପଟ୍ ପଞ୍ଜୀକରଣ ଓ ଅନ୍ୟାନ୍ୟ ପଞ୍ଜୀକରଣ ମିଶାଇ ପ୍ରାୟ ୨୦ ହଜାର ପଞ୍ଜୀକରଣ ହୋଇଥିଲା । ପ୍ରତି ବ୍ଲକ୍‌ରୁ କନ୍ଧମାଳ ଷ୍ଟାଡିୟମ ପର୍ଯ୍ୟନ୍ତ ସେମାନଙ୍କୁ ଆଣିବା ପାଇଁ ୪ଶହ ସ୍ୱତନ୍ତ୍ର ବସ୍ ସହ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯାଇଥିଲା । ସକାଳ ୮ଟାରୁ ପ୍ରାର୍ଥୀମାନେ କନ୍ଧମାଳ ଷ୍ଟାଡିୟମରେ ପହଞ୍ଚିଥିଲେ । ଏହି ଅବସରରେ ଯୁବକଯୁବତୀଙ୍କୁ ଉଦ୍‌ବୋଧନ ଦେଇ ସାଂସଦ ଡ. ଅଚ୍ୟୁତ ସାମନ୍ତ କହିଲେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆ ଓଡ଼ିଶା- ନବୀନ ଓଡ଼ିଶା ଲକ୍ଷ୍ୟର ଏହା ଅନ୍ୟଏକ ପ୍ରୟାସ। ଯୁବକଯୁବତୀମାନେ ଶିକ୍ଷିତ, ସଶକ୍ତ ହୋଇ ରୋଜଗାରକ୍ଷମ ହେବା ନେଇ ମୁଖ୍ୟମନ୍ତ୍ରୀଙ୍କ ଯେଉଁ ଉଦ୍ଦେଶ୍ୟ ରହିଛି ତାହା ଏଠାରେ କାର୍ଯ୍ୟକାରୀ କରାଯାଇଛି। ଏହା ଦ୍ୱାରା ଓଡ଼ିଶା ସମେତ ସମଗ୍ର ଭାରତରୁ ୧୨୦ କମ୍ପାନୀ ଫୁଲବାଣୀ ସହରକୁ ଆସିପାରିଛନ୍ତି । ଏଭଳି ସଫଳ ଆୟୋଜନ ପଛରେ ଜିଲ୍ଲା ପ୍ରଶାସନ ଓ କିଟ୍ କର୍ମଚାରୀଙ୍କ ଅକୁଣ୍ଠ ସହଯୋଗ ପାଇଁ ଡ. ସାମନ୍ତ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ନିର୍ବାଚନ ସମୟରେ କନ୍ଧମାଳବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ପର୍ଯ୍ୟଟନର ବିକାଶ ନେଇ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ପାଇଁ ସେ ଚେଷ୍ଟା ଜାରି ରଖିଛନ୍ତି ବୋଲି ଡ. ସାମନ୍ତ କହିଥିଲେ । ଏହି ଅବସରରେ ଅନ୍ୟତମ ନିଯୁକ୍ତିଦାତା ମହାରାଷ୍ଟ୍ର ଚାମ୍ବରସ ଅଫ କମର୍ସ, ଇଣ୍ଡଷ୍ଟ୍ରି ଓ ଏଗ୍ରିକଲଚର ସଭାପତି ଲଳିତ ଗାନ୍ଧୀ ଯୋଗ ଦେଇ କହିଲେ, ଭାରତର ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଯୁବକମାନେ ଅଧିକ କୁଶଳୀ ଓ ଦକ୍ଷ । ମହାରାଷ୍ଟ୍ରର ବିଭିନ୍ନ ଶିଳ୍ପ ସଂସ୍ଥାରେ ବର୍ଷକୁ ୫ହଜାରରୁ ଉର୍ଦ୍ଧ୍ୱ ଓଡ଼ିଆ କୁଶଳୀ ଓ ଦକ୍ଷ ଯୁବକଯୁବତୀଙ୍କୁ ନିଯୁକ୍ତି ଦିଆଯିବା ନିମନ୍ତେ ସେ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଚକ୍ରମଣି କହଁର, ଜିଲ୍ଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଜିଲ୍ଲା ବିକାଶ ଓ ନିଯୋଜନ ଅଧିକାରୀ ପୁରୁଷୋତ୍ତମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର

"ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନିଶ୍ଚିତ ପାଣିପାଗ ସହ ଜଡ଼ିତ ବିପଦକୁ କମ କରିବା ସହିତ ପରିଶ୍ରମୀ ଚାଷୀ ଭାଇଭଉଣୀଙ୍କ ଆର୍ଥିକ ହିତ ରକ୍ଷା କରିବାରେ ଲଗାତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଚାଷୀ ହିତୈଷୀ ବୀମା ଯୋଜନାର ଲାଭ ଆଜି କୋଟି କୋଟି ଚାଷୀଙ୍କୁ ମିଳୁଛି।"

- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ






ବୀମାଭୁକ୍ତ ଫସଲ ସହିତ,
ମୋ ପଲିସୀ, ମୋ ହାତରେ

ଫସଲ ବୀମା କରାନ୍ତୁ, ସୁରକ୍ଷା କବଚ ପାଆନ୍ତୁ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର 8 ବର୍ଷ
ଏକ ନୂଆ ଉଦାହରଣ

- 56 କୋଟିରୁ ଅଧିକ କୃଷକଙ୍କର ଆବେଦନ ପ୍ରାପ୍ତ ହୋଇଛି
- 16.06 କୋଟି କୃଷକଙ୍କୁ ମିଳିଲା ଫସଲ ବୀମାର ଲାଭ
- ₹1.52 ଲକ୍ଷ କୋଟି ଟଙ୍କାର ଦାବି ପୈଠ
- ଏଡ୍ ଆପ୍ ଦ୍ୱାରା କୃଷକଙ୍କ ଦ୍ୱାରଦେଶ ପର୍ଯ୍ୟନ୍ତ ଫସଲ ବୀମା ନାମାଙ୍କନର ସୁବିଧା
- ଦେଶବ୍ୟାପୀ କୃଷି ରକ୍ଷକ ହେଲ୍ପଲାଇନ୍ 14447ର ଶୁଭାରମ୍ଭ



ମୋ ପଲିସି
ମୋ ହାତରେ
ମହା ଅଭିଯାନ
15 ଜାନୁଆରୀ - 15 ଫେବୃଆରୀ 2024

ଆପଣଙ୍କ ଗାଁରେ ହେଉଥିବା ଶିବିରରେ ଏହି ବିଷୟ ଉପରେ ସୂଚନା ପାଆନ୍ତୁ:
- ବୀମା ପଲିସୀ, ସରକାରୀ ନୀତି, ଭୂମି ଅଭିଲେଖ ଏବଂ ଦାବି ଓ ଅଭିଯୋଗ ନିବାରଣ
- ଚାଷୀଙ୍କ ପ୍ରଶିକ୍ଷଣ ପାଇଁ ଫସଲ ବୀମା ପାଠଶାଳା

ପ୍ରଧାନମନ୍ତ୍ରୀ
ଫସଲ ବୀମା ଯୋଜନା

ବୀମା ଅଂଶୀଦାରୀ AIC Chola MS Future Generali HDFC ERGO ICICI Lombard Kshema Oriental Insurance Reliance General Insurance SBI general Universal Sompo General Insurance

ଯୋଜନା ସମ୍ପର୍କରେ ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ | ଜନସେବା କେନ୍ଦ୍ର | କ୍ରପ୍ ଇନସ୍ୟୁରାନ୍ସ ଆପ୍ https://play.google.com | ପୋଷ୍ଟ ଅଫିସ | ବ୍ୟାଙ୍କ ଶାଖା | @PMFBY
ଯୋଜନା ସମ୍ବନ୍ଧିତ ଅଧିକ ସୂଚନା ପାଇଁ QR କୋଡ୍ ସ୍କାନ୍ କରନ୍ତୁ